ଧରିତ୍ରୀ 50 Years

ପୃଷ୍ଠା–୧୨+୮

DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୩୧/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar,

୫୦ଶ ଭାଗ ୧୮୬ ସଂଖ୍ୟା www.orissakhabar.com/www.dharitri.com | Printed at Rayaga


# ଏମାନେ କ'ଣ ଆପଣଙ୍କ ଭୋଟ୍ ପାଇଁ ଯୋଗ୍ୟ ?



1 ଯେଉଁମାନେ ଡିଜେଲ, ପେଟ୍ରୋଲ, ଗ୍ୟାସ ଓ ଡାଲି ଦରଦାମକୁ ଆକାଶଛୁଆଁ କରିଛନ୍ତି

2 ଚାକିରି ଦେବା ନାଁ'ରେ କୋଟି କୋଟି ଟଙ୍କା ଲୁଟିଛନ୍ତି

3 ବ୍ୟାପମ ଭଳି ଅନେକ ମହାଦୁର୍ନୀତି କରିଛନ୍ତି

4 ଦେଶର ସମ୍ପତ୍ତି ଓ ଆପଣଙ୍କ ଝାଳବୁହା ଟଙ୍କାକୁ ପୁଞ୍ଜିପତିମାନଙ୍କୁ ଟେକିଦେଇଛନ୍ତି

5 ଓଡ଼ିଶାରେ ଐତିହ୍ୟ ସ୍ଥଳୀଗୁଡ଼ିକର ଉନ୍ନତିକରଣକୁ ବିରୋଧ କରିଛନ୍ତି

6 ଚାଷୀ ବିରୋଧୀ ଆଇନ ଆଣି ଚାଷୀଙ୍କୁ ଶୋଷଣ କରିବା ପାଇଁ ଯୋଜନା କରିଥିଲେ

7 ଗୁଣ୍ଡା ଓ ଜନବିରୋଧୀ କାର୍ଯ୍ୟ କରୁଥିବା ନେତାଙ୍କୁ ନିଜ ଦଳରେ ସାମିଲ କରିଛନ୍ତି

8 ଗରିବ ଆଦିବାସୀଙ୍କ ଜମି ହଡ଼ପ କରିଛନ୍ତି

9 ଜାତୀୟ କମ୍ପାନୀଗୁଡ଼ିକୁ ଶାଗ ମାଛ ଦରରେ ବିକି ଦେଇଛନ୍ତି

10 ମିଛ ପ୍ରଚାର, ମିଡ଼ିଆର ଅପବ୍ୟବହାର ଓ ଐତିହ୍ୟ ସ୍ଥଳୀ ନାଁ'ରେ ନୀଚ ରାଜନୀତି କରିଛନ୍ତି

ବିଜୁ ଜନତା ଦଳ

## ଭାବିଚିନ୍ତି ନିଅନ୍ତୁ ନିଷ୍ପତ୍ତି

ବିଜୁ ଜନତା ଦଳ

## ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ

ଲୋକସଭା

ବିଧାନସଭା

PUBLISHED BY DR. SASMIT PATRA, GENERAL SECRETARY, BIJU JANATA DAL

# ମୋଦି ପ୍ରଧାନମନ୍ତ୍ରୀ ପଦମର୍ଯ୍ୟାଦାକୁ ନ୍ୟୁନ କରିଛନ୍ତି: ମନମୋହନ ସିଂ

**ନୂଆଦିଲ୍ଲୀ,୩୦।୫**



ମନମୋହନ ସିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରି ଘୃଣିତ ଓ ଅପମାନଜନକ ଭାଷଣ ଦେଉଥିବା କହି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ନିନ୍ଦା କରିଛନ୍ତି। ଜୁନ୍ ୧ରେ ଅନ୍ତିମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ହେବାକୁ ଥିବାବେଳେ ଗୁରୁବାର ଏହାର ପ୍ରଚାର ଶେଷ ହୋଇଛି। ଏହି ଅବସରରେ ବର୍ଷୀୟାନ କଂଗ୍ରେସ ନେତା ମନମୋହନ ପଞ୍ଜାବ ତଥା ଦେଶର ନାଗରିକମାନଙ୍କ ଉଦ୍ଦେଶ୍ୟରେ ୩ ପୃଷ୍ଠ ସମ୍ବଳିତ ଏକ ଖୋଲା ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ମୋଦି ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ, ଯିଏ କି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ର ମର୍ଯ୍ୟାଦାକୁ ନ୍ୟୁନ କରିଛନ୍ତି। ମୋଦି କୃଷକଙ୍କ ଆୟ ଦୁଇଗୁଣା କରାଇବା ପ୍ରତିଶ୍ରୁତି ଦେଇ ପୂରଣ କରି ନାହାନ୍ତି। ନିରଙ୍କୁଶ ଶାସକଙ୍କ କ୍ରମାଗତ ଆକ୍ରମଣରୁ ଗଣତନ୍ତ୍ର ଓ ସମ୍ବିଧାନକୁ ସୁରକ୍ଷିତ କରିବାକୁ ହେଲେ, ଏହି ନିର୍ବାଚନକୁ ଚୂଡ଼ାନ୍ତ ସୁଯୋଗ ଭାବେ ନେବା ପାଇଁ ୯୧ ବର୍ଷୀୟ ମନମୋହନ ଭୋଟରମାନଙ୍କୁ ଆବେଗଭରା ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ମାସରେ ପ୍ରଧାନମନ୍ତ୍ରୀ ମୋଦି ରାଜସ୍ଥାନରେ ଏକ ସଭାକୁ ସମ୍ବୋଧିତ କଲାବେଳେ କହିଥିଲେ, କଂଗ୍ରେସ କ୍ଷମତାକୁ ଆସିଲେ ଅଧିକ ପିଲା ଜନ୍ମ କରୁଥିବା ଲୋକଙ୍କୁ ଦେଶର ସମ୍ପତ୍ତି ବାଣ୍ଟିଦେବ। ଦେଶର ସମ୍ପତ୍ତି ଉପରେ ମୁସଲମାନଙ୍କ ପ୍ରଥମ ଅଧିକାର ବୋଲି ମନମୋହନଙ୍କ ଏକ ଉକ୍ତିର ଉଦାହରଣ ଦେଇ ମୋଦି ଏହା କହିଥିଲେ। ମୋଦିଙ୍କ ଏଭଳି ମନ୍ତବ୍ୟକୁ ନେଇ ମନମୋହନ ତାଙ୍କୁ ସମାଲୋଚନା କରିଛନ୍ତି। ମୋଦି ମୋ ସମ୍ପର୍କରେ କେତେକ ଭୁଲ୍ ମନ୍ତବ୍ୟ ଦେଇଛନ୍ତି। ମୁଁ ମୋ ଜୀବନରେ କେବେ ଗୋଟିଏ ସମ୍ପ୍ରଦାୟକୁ ଅନ୍ୟମାନଙ୍କଠାରୁ ଅଲଗା କରିନାହିଁ। ଏହା କେବଳ ଭାଜପାର ସ୍ୱତ୍ୱାଧିକାର ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ କଟାକ୍ଷ କରିଛନ୍ତି।

ଚାଷୀଙ୍କ ଆୟ ୨୦୨୨ ସୁଦ୍ଧା ଦୁଇଗୁଣ ହୋଇଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। ଏବେ କୃଷକମାନଙ୍କ ଦୈନିକ ଆୟ ମାତ୍ର ୨୭ ଟଙ୍କା ହୋଇଥିବାବେଳେ ସେମାନଙ୍କ ଉପରେ ହାରାହାରି ଋଣଭାର ୨୭,୦୦୦ ଟଙ୍କା। ଇନ୍ଧନ, ସାରଠାରୁ ଆରମ୍ଭ କରି କୃଷି କାର୍ଯ୍ୟ ପାଇଁ ବ୍ୟୟ ଯଥେଷ୍ଟ ବଢ଼ିଛି। କୃଷି ଯନ୍ତ୍ରପାତି ଉପରେ ୩୫ ପ୍ରତିଶତ ଜିଏସ୍‌ଟି ନିଆଯାଉଛି। କୃଷି ସାମଗ୍ରୀ ଆମଦାନି ଓ ରପ୍ତାନି ଉପରେ ସରକାରଙ୍କ ମନଇଚ୍ଛା ନିଷ୍ପତ୍ତି କୃଷକ ପରିବାରଗୁଡ଼ିକର ସଞ୍ଚୟକୁ ନଷ୍ଟ କରିଦେଇଛି ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ କହିଛନ୍ତି। ଗତ ୧୦ ବର୍ଷରେ ଦେଶର ଅର୍ଥନୀତି ଅକଳ୍ପନୀୟ ଦ୍ୱନ୍ଦ୍ୱାତ୍ମକ ସ୍ଥିତିର ସମ୍ମୁଖୀନ ହୋଇଛି। ବିମୁଦ୍ରୀକରଣ ବିପର୍ଯ୍ୟୟ, ଜିଏସ୍‌ଟି, କୋଭିଡ୍ ସମୟର କୁପରିଚାଳନା ଯୋଗୁ ଦୟନୀୟ ସ୍ଥିତି ଉପୁଜିଛି। ଜିଡିପି ଅଭିବୃଦ୍ଧି ହାର ହ୍ରାସ ପାଇ ୬ରୁ ୭ ପ୍ରତିଶତ ମଧ୍ୟରେ ରହିବା ଆଶା କରାଯାଉଛି।

୨୦୨୦-୨୧ରେ ଦିଲ୍ଲୀ ସୀମାରେ କୃଷକଙ୍କ ଦୀର୍ଘଦିନ ଆନ୍ଦୋଳନ ମଧ୍ୟରେ ୭୫୦ ଜଣଙ୍କ ମୃତ୍ୟୁ ଘଟିଥିଲା। ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ସେମାନଙ୍କ ପ୍ରତି ଆନ୍ଦୋଳନଜୀବୀ ଓ ପରଜୀବୀ ଭଳି ଅପଶବ୍ଦ ପ୍ରୟୋଗ କରିଥିଲେ। ସେମାନଙ୍କ ଏକମାତ୍ର ଦାବି ଥିଲା ସେମାନଙ୍କ ସହ ବିନା ପରାମର୍ଶରେ ଲାଗୁ ହୋଇଥିବା ୩ କୃଷି ଆଇନକୁ ପ୍ରତ୍ୟାହାର କରାଯାଉ। ଗତ ୧୦ ବର୍ଷ ମଧ୍ୟରେ ମୋଦି ସରକାର ପଞ୍ଜାବ ଓ ପଞ୍ଜାବୀମାନଙ୍କୁ ନିନ୍ଦା କରିବାରେ କୌଣସି ସୁଯୋଗ ହାତଛଡ଼ା କରି ନ ଥିବା ମନମୋହନ କହିଛନ୍ତି।

# ରାଉରକେଲାରେ ୭ ଜଣଙ୍କ ମୃତ୍ୟୁ, ଅଂଶୁଘାତ ସନ୍ଦେହ

**ରାଉରକେଲା,୩୦।୫(ସଙ୍ଗୀତା ଜେନା)**

ରାଜ୍ୟରେ ଗ୍ରୀଷ୍ମଲହରୀ ଜାରି ରହିଥିବାବେଳେ ଗୁରୁବାର ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ)ରେ ଅଭାବନୀୟ ସ୍ଥିତି ଦେଖିବାକୁ ମିଳିଛି। ୬ ଘଣ୍ଟା ମଧ୍ୟରେ ୭ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମୃତକମାନେ ହେଲେ ଜଲଦା ସି ବ୍ଲକର ମଙ୍ଗଳା ସମାସୀ(୬୯), ଜଲଦା ଏ ବ୍ଲକର ଫୁଲମଣି ବଡ଼ାଇକ(୩୦), ମଧୁସୂଦନପାଲୀର ରଞ୍ଜିତ ସାହୁ(୨୫), ହାତୀବାରିର ମୁନି କୁମ୍ଭାର(୫୪), ଛେଣ୍ଡ ଅଞ୍ଚଳର ମଞ୍ଜିତ ବାର୍ଲା(୩୮), ବନ୍ଧମୁଣ୍ଡାର କେ. ଯେଟିରାଜୁ(୫୨), ସେକ୍ଟର-୨୦ ଆଜାଦ ବସ୍ତିରୁ ଉଦ୍ଧାର ହୋଇଥିବା ଜଣେ ୫୦ବର୍ଷୀୟ ଅଜଣା ବ୍ୟକ୍ତି। ଉପରୋକ୍ତ ବ୍ୟକ୍ତିମାନଙ୍କୁ ମୃତ ଅବସ୍ଥାରେ ହସ୍ପିଟାଲରେ ଗ୍ରହଣ କରାଯାଇଥିବା ଆରଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ଆର୍‌ଜିଏଚ୍‌ର ହିଟ୍ ଷ୍ଟ୍ରୋକ୍ ୱାର୍ଡରେ ଚିକିତ୍ସିତ ହେଉଥିବା ଅନ୍ୟ ୧୩ଜଣଙ୍କୁ ଗୁରୁବାର ରାତି ପ୍ରାୟ ୧୦ଟାରେ ହାଇଟେକ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସହରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଅଂଶୁଘାତ ଯୋଗୁ ସେମାନଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୋଷ୍ଟ ମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ଏନେଇ ରଘୁନାଥପାଲି ଥାନାରେ ମୃତକଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଛି।

# ଏମ୍‌ସରେ ଆଶିଷ ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ

**ଭୁବନେଶ୍ୱର, ୩୦।୫**
**(ଅସମାପିକା ସାହୁ)**



ଏମ୍‌ସରେ ଆଶିଷ ସିଂହ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଫେରୁଛନ୍ତି।

ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଏମ୍‌ସରେ ଆଇପିଏସ୍ ଅଧିକାରୀ ଆଶିଷ ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି। ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଏଥିନିମନ୍ତେ ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠିତ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ନିମନ୍ତେ ତାଙ୍କ ପାଇଁ ଏକ ପ୍ରାଇଭେଟ କ୍ୟାବିନ ବୁକ୍ ହୋଇଥିଲା। ଆଶିଷ ସକାଳ ୮ଟା ୩୦ରେ ଏମ୍‌ସରେ ପହଞ୍ଚିଥିଲେ। ଏହାପରେ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ୬ଜଣିଆ ବିଶେଷଜ୍ଞଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଆଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଏହି ବୋର୍ଡରେ ମେଡିସିନ, ସର୍ଜରୀ, ଅର୍ଥୋପେଡିକ ଓ ନ୍ୟୁରୋଲୋଜି ଆଦି ବିଭିନ୍ନ ବିଭାଗର ବିଶେଷଜ୍ଞ ସାମିଲ ଥିଲେ। ଏହି ବୋର୍ଡ ଶୁକ୍ରବାର ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟରେ ଏହାର ରିପୋର୍ଟ ଦାଖଲ କରିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଆଶିଷ କୁମାର ସିଂ ଗତ ମେ' ୪ରୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ଛୁଟିରେ ଅଛନ୍ତି। ମାତ୍ର ସେ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ କ୍ଷେତ୍ରସ୍ତରରୁ ବାରମ୍ବାର ଖବର ଆସୁଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ନିର୍ବାଚନ କମିଶନ ଏମ୍‌ସ ଭୁବନେଶ୍ୱରର ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରି ମେ' ୩୦ ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ୩୧ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ କମିଶନ କହିଥିଲେ।

# ପାଣିରେ ବୁଡ଼ି ୧୭୩୮, ବଜ୍ରପାତରେ ୨୯୧ ମୃତ

**ଭୁବନେଶ୍ୱର, ୩୦।୫**
**(ଅସମାପିକା ସାହୁ)**

## ଏସ୍‌ଆର୍‌ସି ରିପୋର୍ଟ ୨୦୨୨-୨୩

- ବର୍ଷକରେ ବଢ଼ିଲା ୫୨୯ ପାଣିବୁଡ଼ି ମୃତ୍ୟୁ
- ଅଂଶୁଘାତ ମୃତ୍ୟୁରେ ବି ଦୁଇଗୁଣା ବୃଦ୍ଧି

ରାଜ୍ୟରେ ପାଣିବୁଡ଼ି ଏବଂ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ରୋକିବାକୁ ସରକାରୀ ତଥା ବେସରକାରୀ ସ୍ତରରେ ସଚେତନତାଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ଓ ପଦକ୍ଷେପ ନିଆଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ ଦ୍ୱାରା ସଦ୍ୟ ପ୍ରକାଶିତ ଆନୁଆଲ ରିପୋର୍ଟ ଅନ୍ ନାଚୁରାଲ କାଲାମିଟିଜ୍ ୨୦୨୨-୨୩ ଅନୁସାରେ, ରାଜ୍ୟର ୩୦ ଜିଲାରେ ମୋଟ ୧,୭୩୮ ଜଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ବର୍ଷକରେ ଏହି ମୃତ୍ୟୁ ସଂଖ୍ୟା ୫୨୯ ବୃଦ୍ଧି ପାଇଯାଇଛି। ପୂର୍ବବର୍ଷ ଅର୍ଥାତ୍ ୨୦୨୧-୨୨ରେ ପାଣିବୁଡ଼ି ମୃତ୍ୟୁ ସଂଖ୍ୟା ୧,୨୦୯ ରହିଥିଲା। ତେବେ ୨୦୨୨-୨୩ ତଥ୍ୟାନୁଯାୟୀ, ଗଞ୍ଜାମ ଜିଲା ୧୪୧ ମୃତ୍ୟୁ ସହିତ ଏକ ନମ୍ବର ସ୍ଥାନରେ ଥିବାବେଳେ ୧୩୯ ସହ ମୟୂରଭଞ୍ଜ ଦ୍ୱିତୀୟ, ୧୨୩ ମୃତ୍ୟୁ ସହ ବାଲେଶ୍ୱର ତୃତୀୟ ସ୍ଥାନରେ ରହିଛି। ସେହିପରି ଚତୁର୍ଥ ସ୍ଥାନରେ ଥିବା କେନ୍ଦୁଝରରେ ୧୧୯ଜଣଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଥିବାବେଳେ ପଞ୍ଚମ ସ୍ଥାନରେ ଥିବା ସୁନ୍ଦରଗଡ଼ରେ ୯୯ ଏବଂ ଷଷ୍ଠ ସ୍ଥାନରେ ଥିବା କଟକ ଜିଲାରେ ୯୦ ଜଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ତେବେ ଉକ୍ତବର୍ଷ ବୌଦ୍ଧ ଜିଲାରେ ସର୍ବନିମ୍ନ ୫ଜଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। କିନ୍ତୁ ୨୦୨୧-୨୨ରେ ୧୦୬ ମୃତ୍ୟୁ ସହିତ ମୟୂରଭଞ୍ଜ ପ୍ରଥମରେ ଥିବା ବେଳେ କେନ୍ଦୁଝର ଦ୍ୱିତୀୟ ଏବଂ ଗଞ୍ଜାମ ଜିଲା ତୃତୀୟ ସ୍ଥାନରେ ରହିଥିଲା।

ବଜ୍ରପାତ ମୃତ୍ୟୁ ରପୋର୍ଟ ମଧ୍ୟ ଚିନ୍ତା ବଢ଼ାଇଛି। ୨୦୨୨-୨୩ରେ ରାଜ୍ୟରେ ବଜ୍ରପାତରେ ମୋଟ ୨୯୧ ଜଣଙ୍କର ମୃତ୍ୟୁ ହୋଇଛି। ପୂର୍ବବର୍ଷଠାରୁ ଏହି ମୃତ୍ୟୁ ସଂଖ୍ୟାରେ ୧୦ ବୃଦ୍ଧି ହୋଇଛି ଅର୍ଥାତ୍ ୨୦୨୧-୨୨ରେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ୨୮୧ ରହିଥିଲା। ତେବେ ୨୦୨୨-୨୩ ତଥ୍ୟାନୁଯାୟୀ, ୩୨ ମୃତ୍ୟୁ ସହିତ ମୟୂରଭଞ୍ଜ ଜିଲା ପ୍ରଥମ ସ୍ଥାନରେ ଥିବାବେଳେ ୨୦ ମୃତ୍ୟୁ ସହିତ କେନ୍ଦୁଝର ଓ ବାଲେଶ୍ୱର ଯୁଗ୍ମ ଭାବରେ ଦ୍ୱିତୀୟ ସ୍ଥାନ, ୧୮ ମୃତ୍ୟୁ ସହ ବଲାଙ୍ଗୀର ଓ ଗଞ୍ଜାମ ଯୁଗ୍ମ ଭାବରେ ତୃତୀୟ ସ୍ଥାନରେ ରହିଛନ୍ତି। କଳାହାଣ୍ଡି ଜିଲାରେ କୌଣସି ବଜ୍ରପାତ ମୃତ୍ୟୁ ଘଟି ନ ଥିବାବେଳେ କନ୍ଧମାଳରେ ମାତ୍ର ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ୨୦୨୧-୨୨ ରିପୋର୍ଟ ଅନୁସାରେ, ଉକ୍ତବର୍ଷ ବଜ୍ରପାତରେ ୨୬ ମୃତ୍ୟୁ ସହିତ ଗଜପତି ଓ କେନ୍ଦୁଝର ଜିଲା ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ଥିବାବେଳେ ୧୮ ମୃତ୍ୟୁ ସହିତ କଟକ ଓ ମୟୂରଭଞ୍ଜ ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ୧୬ ମୃତ୍ୟୁ ସହିତ କୋରାପୁଟ ଜିଲା ତୃତୀୟରେ ରହିଥିଲା।

ସେପଟେ ରାଜ୍ୟରେ ଅଂଶୁଘାତ ମୃତ୍ୟୁ ମଧ୍ୟ ଦୁଇଗୁଣା ବୃଦ୍ଧି ପାଇଥିବା ଜଣାପଡ଼ିଛି। ୨୦୨୧-୨୨ରେ ମୋଟ ୮ ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ହୋଇଥିବାବେଳେ ୨୦୨୨-୨୩ରେ ଏହି ସଂଖ୍ୟା ୧୭ରେ ପହଞ୍ଚିଛି। ତେବେ ୨୦୨୨-୨୩ରେ ଡଙ୍ଗାବୁଡ଼ିଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିବା ଦେଖାଯାଇଛି। ରାଜ୍ୟରେ ମୋଟ ୨ଜଣଙ୍କର ଏଥିରେ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଏବଂ ମାଲକାନଗିରିରୁ ଜଣେ ଲେଖାଏ ରହିଛନ୍ତି। ତେବେ ୨୦୨୧-୨୨ରେ କେବଳ ମୟୂରଭଞ୍ଜରେ ୧୧ ଜଣଙ୍କର ଡଙ୍ଗାବୁଡ଼ି ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା ବୋଲି ଏସ୍‌ଆର୍‌ସିଙ୍କ ରିପୋର୍ଟରୁ ଜଣାପଡ଼ିଛି।

ଧରିତ୍ରୀ 50 Years

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୩୧/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, May 31/2024 | Page 20 | ₹ 7.00 | RAYAGADA

୫୦ଶ ଭାଗ ୧୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 186 | ମୂଲ୍ୟ₹୭/-



## ADYANTIANS: Maintaining the Traditions of Excellence

**100%** RESULTS IN CHSE 2024

**OUR RESULTS AT A GLANCE**

Well Done ! We are Proud of you !!!

**ADYANT**
HIGHER SECONDARY SCHOOL
(A Division of Adyant Educational & Charitable Trust)
In Association With
Aakash
Medical|IIT - JEE Foundations

**3rd State Rank** — SCORE 571
SADHANA SAHOO
Roll No. 395MA112

| Name | Roll No. | Score |
|---|---|---|
| Y.SIDHARTHA | 395MA007 | 564 |
| AYUSH MISHRA | 395MA001 | 556 |
| SASWAT SWAYANSU BEHERA | 395MA134 | 556 |
| AMLAN AURASHREE PRADHAN | 395MA017 | 555 |
| ANKITA PRIYADARSINI DASH | 395MA044 | 553 |
| SUBHAM KHUNTIA | 395MA183 | 552 |
| AKANKSHYA NANDI | 395MA015 | 551 |
| ARPITA PRIYADARSHINI | 395MA048 | 551 |
| BISWAJITA SWAIN | 395MA337 | 549 |
| BISWAMBAR MOHANTY | 395MA064 | 545 |
| SHUBHASHREE BEHERA | 395MA039 | 544 |
| ABHISEK MISHRA | 395MA060 | 544 |
| ANSHU PRAKASH JENA | 395MA082 | 543 |
| ROJALIN RAUTARAY | 395MA063 | 543 |
| MANISH KUMAR PATRA | 395MA016 | 541 |
| NAMITA BISWAL | 395MA187 | 541 |
| AMRITA SAHOO | 395MA009 | 540 |
| UMASHANKAR GURIA | 395MA049 | 540 |
| OM PRAKASH BEHERA | 395MA028 | 540 |
| OM PRASAD BEHERA | 395MA148 | 539 |
| ARUSHI ABHILIPSHA ROUT | 395MA076 | 537 |
| DEBASIS PARIDA | 395MA058 | 537 |
| SUBHASHISH MOHANTY | 395MA091 | 536 |
| SOUMYA RANJAN DAS | 395MA023 | 536 |
| SOMANATH SAHOO | 395MA133 | 536 |
| OMM PRAKASH SAHOO | 395MA005 | 535 |
| BISWAJEET BEHERA | 395MA040 | 535 |
| JINGYASHA NAIK | 395MA088 | 535 |
| ANSHUMAN SAHOO | 395MA004 | 533 |
| SHRABANI DHAL | 395MA012 | 533 |
| SUBHASMITA MOHANTY | 395MA118 | 533 |
| BARSARANI BEHERA | 395MA030 | 531 |
| AMLAN HATI | 395MA095 | 531 |
| BIJAYALAXMI PATI | 395MA011 | 530 |
| SUBASH CHANDRA MOHANTA | 395MA057 | 530 |
| ATMAJA PRIYADARSHINEE | 395MA070 | 530 |
| SWABHIMAN MOHANTA | 395MA037 | 529 |
| PRIYANSHU NANDA | 395MA065 | 528 |
| BRAMHANANDA BARIK | 395MA108 | 528 |
| DIBYA PRAKASH MOHANTA | 395MA047 | 528 |
| RAJNANDINI SAHOO | 395MA140 | 528 |
| AUM PRASAD MOHAPATRA | 395MA208 | 527 |
| NIRMALYA PRIYADARSHI SAHOO | 395MA110 | 527 |
| RITESH KUMAR SAHU | 395MA250 | 527 |
| AS ARMAN PANDA | 395MA135 | 526 |
| TUSHAR MAJHI | 395MA106 | 526 |
| ASHUTOSH SAHU | 395MA164 | 525 |
| ADITYA KUMAR PATRA | 395MA055 | 524 |
| PRATYUSH MOHARANA | 395MA061 | 524 |
| LAXMIPRIYA SINGH | 395MA036 | 523 |

And many more...

**e-Admission in +2 Science for the Session 2024-26** — For Admission Apply through Student Academic Management System (SAMS Online) as per Govt. Notification

**ADYANT**
HIGHER SECONDARY SCHOOL
(A Division of Adyant Educational & Charitable Trust)

**OUR RESULTS AT A GLANCE**

- 20 Students Above 90% Marks
- 92 Students Above 85% Marks
- 164 Students Above 80% Marks
- 226 Students Above 75% Marks
- 276 Students Above 70% Marks
- 336 Students Above 60% Marks Out of 349 Students
- 96% students got 1st Division

1. AC & Digital Classrooms
2. Guided Study Programme
3. Daily Doubt Clearing Classes
4. Vocal, Dance, Guitar, Keyboard, Drum Classes
5. Outdoor & Indoor Gymnasium
6. Outdoor & Indoor Auditorium
7. 24 X 7 CCTV Surveillance And Security
8. 24 X 7 Ambulance & Health Facilities
9. Separate Hostels for Boys & Girls
10. Separate Cafeteria for Boys & Girls
11. Separate Playgrounds for Boys & Girls
12. Transport Facility

ADYANT

**Campus : Bhatakhuri, Gangapada, Janla, Bhubaneswar-752054, Mobile : 700 800 4000**

www.adyanthighersecondaryschool.org | www.facebook.com/adyant.school | www.instagram.com/adyant.school | @ adyant_school | college@adyant.org

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନୃତ୍ୟାଳୟ ପକ୍ଷରୁ ସାବିତ୍ରୀ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତମାଖୁ ସଚେତନତା, ସ୍ଥାନ: ବୁଲନ ଭାଇ ସେବା ଭବନ, ସମୟ: ଅପରାହ୍ନ ୫ଟା।
- ମୂର୍ଚ୍ଛନାର ୨୦ତମ ବାର୍ଷିକୋତ୍ସବ ଓ ସଙ୍ଗୀତ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୯୮ତମ ଆଲୋଚନା ଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭା ଗୃହ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ମା'ଭୈରବୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଯାତ୍ରା, ସ୍ଥାନ: ପାଇକିଆଁରା, ପୁରୁଣା ତିଗିରିଆ, ସମୟ: ସକାଳ ୬ଟା।
- ନୂଆପାଟଣା ମଦନମୋହନଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନୂଆପାଟଣା ବଡ଼ସାହି, ସମୟ : ଅପରାହ୍ନ ୫ଟା।
- କଳାବିକାଶ କେନ୍ଦ୍ର ପକ୍ଷରୁ ବାବୁଲାଲ ଦୋଶୀଙ୍କ ୧୦୭ତମ ଜୟନ୍ତୀ, ସ୍ଥାନ: କଳାବିକାଶ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ
- ଶ୍ରୀଶ୍ରୀ ବକ୍ରେଶ୍ୱର ଦେବଙ୍କ ଭଉଁରି ଯାତ୍ରା, ସ୍ଥାନ: ବଳଙ୍ଗା ମେଳଣ ପଡ଼ିଆ, ସମୟ: ସକାଳ ୭ଟା।

## ଖୋର୍ଦ୍ଧା
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନନ୍ଦିଘୋଷ ଭବନ ପ୍ରେକ୍ଷାଳୟ, ବୋଲଗଡ଼, ସମୟ: ସକାଳ ୮ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- କବି ଡ. ବ୍ରଜନାଥ ରଥଙ୍କ ୧୦ମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ ଏବଂ ହରିନାମ ସଂକୀର୍ତ୍ତନ, ସ୍ଥାନ : ସରଳା, ହାଟଡ଼ିହୀ, ସମୟ: ସକାଳ ୬ଟା ୩୦।
- ହାଟଡ଼ିହୀ ବ୍ଲକ୍ ଓଷ୍ଟା ସଂଘ ତରଫରୁ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ରମ୍ପାସ ଏବଂ ବ୍ରାହ୍ମଣୀକଳା, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ତମାଖୁ ବର୍ଜନ ସଚେତନତା, ସ୍ଥାନ: ଆଇଟିଆଇ ଓ ୟୁସିପି ଇଞ୍ଜିନିୟରିଂ ସ୍କୁଲ, ସମୟ: ସକାଳ ୭ଟା ୩୦।

## ଗଞ୍ଜାମ
- ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ପାତ୍ରପୁର ବ୍ଲକ କେ.ବେଲପଡା ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଯୁବ କଳାକାରଙ୍କ ଦ୍ୱାରା ନାଟକ ପରିବେଷଣ, ସ୍ଥାନ: ଆସିକା ବ୍ଲକ ମଣ୍ଡାପଡା, ସମୟ: ସନ୍ଧ୍ୟା ୭ଟା।
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ ଟା।
- ଭଜନ ସନ୍ଧ୍ୟା, ସ୍ଥାନ:ଭଞ୍ଜନଗର ସହର ଭେଜିପୁଟ ଶିବ ମନ୍ଦିର ପଡ଼ିଆ, ସମୟ: ରାତି ୮ ଟା।

## ରାୟଗଡ଼ା
- ରକ୍ତଦାନ ଶିବିର, ସ୍ଥାନ: ଗୁଡ଼ାରି ଥାନା ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ମା' ଠାକୁରାଣୀଙ୍କ ଘଟ ପର୍ବ, ସ୍ଥାନ: ମେଟୁ ଖିଲିଙ୍ଗିରାଇ ଗ୍ରାମ, ଗୁଡାରି, ସମୟ: ଅପରାହ୍ନ ୩ଟା।
- ରଜ ମହୋତ୍ସବ ଉପଲକ୍ଷେ ନାଚ, ଗୀତ ପ୍ରତିଯୋଗିତା, ସ୍ଥାନ: କଦମ ଦୁଆର ସାହି, କଲ୍ୟାଣସିଂପୁର, ସମୟ: ସନ୍ଧ୍ୟା ୭ ଟା ।

## ନବରଙ୍ଗପୁର
- ଦେବର୍ଷି ନାରଦ ଜୟନ୍ତୀ, ସ୍ଥାନ: ନବରଙ୍ଗପୁର ପ୍ରେସ୍ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା କୁଡୋ ହଲ, ସମୟ : ସକାଳ ୭ଟା ।
- ଜିଲା କ୍ରିଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଯୁଜୁମୁରା ବ୍ଲକ ଡୁଙ୍ଗୁରିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ଶ୍ରୀ ଗଙ୍ଗାମାଈ ପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ , ସ୍ଥାନ: ଶ୍ରୀ ଗଙ୍ଗାମାଈ ମନ୍ଦିର ରେଳବାଇ ପଡିଆ, କଣ୍ଟାବାଞ୍ଜି, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- କେପିଏଲ ଧମାକାର ଷଷ୍ଠ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା, ସମୟ:ସକାଳ ୭ଟା।
- ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ,ବୀରମହାରାଜପୁର, ସମୟ: ସକାଳ ୯ଟା।

## ରାଉରକେଲା
- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର,ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼
- ସ୍ୱୟଂଚାଳିତ ଡ୍ରାଇଭିଂ ପରୀକ୍ଷଣ ବ୍ୟବସ୍ଥା ଲାଇଭ ଗୋ' ର ଶୁଭାରମ୍ଭ,ସ୍ଥାନ:ଆଞ୍ଚଳିକ ପରିବହନ ବିଭାଗ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ, ସମୟ: ସକାଳ ୯ଟା।
- ମ୍ୟାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ସମାରୋହ,ସ୍ଥାନ: ଡେଙ୍ଗିଭାଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ସମୟ:ସକାଳ୮ଟା।

## ବରଗଡ଼
- ବୁଢ଼ାରଜା ଓ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମମାଲ, ଗାଇସିଲେଟ, ସମୟ: ସକାଳ ୮ଟା।
- ମାଟ୍ରିକ୍ ଏ-ଗ୍ରେଡ୍ ପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଟୁକୁର୍ଲା, ବରଗଡ଼, ସମୟ: ସକାଳ ୮ଟା।

## କଳାହାଣ୍ଡି
- ଜୁନାଗଡ଼ ସାହିତ୍ୟ ସଂସ୍କୃତି ସଂସଦର ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ ହଲ, ଜୁନାଗଡ଼, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଭାଗିବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ବରଗାଁ ଶ୍ରୀ ରଘୁନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ବରଗାଁ , କଣ୍ଟାମାଳ ବ୍ଲକ, ସମୟ: ସକାଳ ୬ ଟା ।

## ଝାରସୁଗୁଡ଼ା
- ପୂଜାର୍ଚ୍ଚନା ସହ ମହାଆଳତୀ: ସ୍ଥାନ: ସହର ପୁରୁଣା ବସଷ୍ଟାଣ୍ଡସ୍ଥିତ ମା'ସନ୍ତୋଷୀ ମନ୍ଦିର, ସମୟ: ସକାଳ ୭ଟା।
- ମୁସଲିମ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ମସ୍‌ଜିଦ, ସମୟ: ଅପରାହ୍ନ ୧ଟା ୩୦।

## ଢେଙ୍କାନାଳ
- ଯୁବ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଶ୍ରୀରାମ ମଣ୍ଡପ, ଦକ୍ଷିଣକାଳୀ ରୋଡ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଏନ୍‌ଏସି ହାଇସ୍କୁଲ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା
- ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ରିଡିଂ ସେଣ୍ଟର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ରାମଚରିତ ମାନସ ପାରାୟଣର ୫ମ ଦିବସରେ ସୀତା ଚୋରି, ମାରିଚ ପ୍ରେମ ଓ ତ୍ରିମାୟାର ବିଚାର ଉପରେ ପ୍ରବଚନ, ସ୍ଥାନ: ନୟାଗଡ଼ ମାଛିପଡା ତିନି ଦୋଳ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ବାହୁଡା ବିଜେ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ନିଷ୍ପାପର କାର୍ଯ୍ୟ ଓ ଆକର୍ଷଣୀୟ ବ୍ୟବହାର ହେତୁ ଅର୍ଥ, ସମ୍ମାନର ଅଭାବ ରହିବ ନାହିଁ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସୂଚନା ରହିଛି। ଗବେଷଣା, ପ୍ରକାଶନ, ପ୍ରଶାସନ ତଥା ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ପାଇବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଶୁଭଖବରଟି ପାଇ ଉଲ୍ଲସିତ ହେବେ।

**ବୃଷ** ଆପଣଙ୍କ କଥା ଯେମିତି କାମ ମଧ୍ୟ ତଦନୁସାରେ ପ୍ରଭାବଶାଳୀ ରହିବାରୁ ବହୁଚର୍ଚ୍ଚିତ ହେବେ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଆଶାନୁରୂପ ସୁଫଳ ପ୍ରାପ୍ତି ହେବ। ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବାକୁ ପଡିପାରେ।

**ମିଥୁନ** ଆପଣଙ୍କ କୃତିତ୍ୱ ପାଇଁ ସୁଖ, ସୌଭାଗ୍ୟ ଓ ସମ୍ମାନର ସୁଯୋଗ ସାମାଜିକ ସ୍ତରରେ ଜୁଟିବ। ବନ୍ଧୁଙ୍କ ସାହାଯ୍ୟରୁ ସରକାରୀ କିମ୍ବା ବେସରକାରୀ ସ୍ତରରୁ ଅର୍ଥଲାଭ ସମ୍ଭାବନା ରହିଛି। ପ୍ରଶାସନିକ ସ୍ତରରେ ସ୍ଥିତି ଦୃଢ଼କରି ଆନନ୍ଦିତ ରହିବେ। ଗୃହ ସମସ୍ୟାକୁ ସଜାଡିବାକୁ ଯାଇ ବହୁତ ହଇରାଣ ହେବାକୁ ପଡିପାରେ।

**କର୍କଟ** ସ୍ଥଗିତ କର୍ମ ସମ୍ପାଦନ କରିବାରେ ନିଜକୁ ନିୟୋଜିତ କରି ଅସୁବିଧାରେ ପଡ଼ିପାରନ୍ତି। ବିଭିନ୍ନ ଚିନ୍ତା ଧରି କଳ୍ପନାରାଇଜରେ ଘୁରିବୁଲିବା ଦ୍ୱାରା ମନ ବିଭ୍ରାନ୍ତ ରହିବ। ଅଶାନ୍ତିବଶତଃ ଛୋଟ କଥାରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ସାମୟିକ ମନ ଅଶାନ୍ତି ରହିବ।

**ସିଂହ** ଆଜି ଯେମିତି ଚାହିଁବେ ସେମିତି କରିବାରେ ଅସୁବିଧା ହେବ ନାହିଁ। ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖି ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ତଥାପି ପରିବାରରେ ଭୁଲ୍ ବୁଝାମଣାଜନିତ କଳହର ସୂଚନା ରହିଛି। ସ୍ୱାସ୍ଥ୍ୟପ୍ରତି ଅବହେଳାର ପରିଣାମ ଭୋଗ କରିପାରନ୍ତି।

**କନ୍ୟା** କୌଣସି ନୂତନ ସମ୍ପର୍କ ସ୍ଥାପିତ ହୋଇ ମନକୁ ଭାବବିହ୍ୱଳ କରାଇପାରେ। ବହୁ ଭ୍ରମଣ କାରଣରୁ କ୍ଲାନ୍ତି ଓ ଅବସାଦ ଦେଖାଦେବାର ସୂଚନା ରହିଛି। ଘରେ ବନ୍ଧୁମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ। ବୈବାହିକ ସମ୍ବନ୍ଧ ସ୍ଥାପନ କ୍ଷେତ୍ରରେ ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ।

**ତୁଳା** ପାରିବାରିକ ସୁଖ ସାଙ୍ଗକୁ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ସକାଳୁଆ ଯାତ୍ରାରେ ସଫଳତା ପାଇବେ ଏବଂ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ହେବ। ଦୀର୍ଘଦିନରୁ ଚିନ୍ତା କରୁଥିବା କାମ ସକାଶେ ସୁଯୋଗ ଆପଣା ଛାଏଁ ଜୁଟିବ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରି ଅଭିଳଷିତ କର୍ମ ସମ୍ପାଦନ କରିପାରିବେ।

**ବିଛା** ଦିନଟି ସବୁ ଦିଗରୁ ଭଲରେ କଟିବ। କାର୍ଯ୍ୟ ହାସଲ କରି ଖୁସି ରହିବେ। ମିତ୍ରତା ବଢ଼ିବ ଏବଂ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବ। ନିଜର ମନ ଭାବ ପ୍ରବଣତାରେ ଭରିଯିବା ସହ ଅବଶ୍ୟ ଅନ୍ୟମାନଙ୍କୁ ଆପଣେଇ ନେବେ। ମାତ୍ର ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ସହାନୁଭୂତି ପାଇବା କଷ୍ଟକର ହୋଇପାରେ।

**ଧନୁ** ଆଜି ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଖୁସି ରହିବେ। କେତେକ କ୍ଷେତ୍ରରେ ଜୋର୍ କରି ଅନ୍ୟମାନଙ୍କ ଠାରୁ ଅର୍ଥ, କାମ, ଆଦାୟ କରିବାରେ ସଫଳ ହେବେ। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଘରକଥା ପଡ଼ୋଶୀ ସମ୍ମୁଖରେ ପ୍ରକାଶକରି ଉପହସିତ ହୋଇପାରନ୍ତି।

**ମକର** ମନ ଚାହୁଁଥିଲେ ମଧ୍ୟ ଅଳସୁଆମିପଣ ଓ କାଳକ୍ଷେପଣ ନୀତି ସବୁ ଭଲକୁ ଭଣ୍ଡୁର କରିଦେବ। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ଅସ୍ଥିର ରହିବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିପାରେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଅପରିଣାମଦର୍ଶିତାଜନିତ କିଛି ନା କିଛି ବ୍ୟତିକ୍ରମ ପ୍ରାୟତଃ ଲାଗିରହିବ। ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ। ସବୁ ଜାଣି ନୀରବ ରହିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** ଆଜି ଆପଣଙ୍କୁ ଆନୁଷ୍ଠାନିକ କାମରୁ ସମ୍ମାନ ଲାଭ ହେବ କିନ୍ତୁ ଏକ ସାଧାରଣ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଦୀର୍ଘଦିନର କ୍ରନିକ୍ ରୋଗପୀଡ଼ାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ ହେବେ।

ଆଜି ମେ ୩୧ ତାରିଖ, ବିଶ୍ୱ ତମାଖୁ ନିରୋଧ ଦିବସ, ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୬।୦୩ମି. ଗତେ ଘ.୦୬।୫୫ ମି. ମଧ୍ୟେ, ଘ.୧୨।୧୦ ମି. ଗତେ ଘ.୦୨।୪୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୦୬ ମି. ଗତେ ଘ.୧୧।୪୪ ମି. ମଧ୍ୟେ ରାହୁକାଳ।

# ବଜ୍ରପାତରେ ୩ ମୃତ, ୨ ଆହତ

**ଦିଗପହଣ୍ଡି/ଚିକିଟି/ମୋହନା/ବାଲିଗୁଡ଼ା, ୩୦।୫(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ/ମନ୍ମଥ ମିଶ୍ର/ ସଞ୍ଜୟ କୁମାର ପାଣିଗ୍ରାହୀ)**

ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର କେତେକ ଅଞ୍ଚଳରେ ଗୁରୁବାର କାଳବୈଶାଖୀ ପ୍ରଭାବରେ ବର୍ଷାପବନ ସହ ବଜ୍ରପାତ ଘଟି ୩ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୨ଜଣ ଆହତ ହୋଇଛନ୍ତି।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମ ନିକଟ ଗୁଡିଆବନ୍ଧଠାରେ ବଜ୍ରପାତରେ ଗ୍ରାମର ସଞ୍ଜୟ ସେଠୀ ଓରଫ ଅକନ(୨୬)ଙ୍କ ମୃତ୍ୟୁ ଘଟିଛି। ସେ ନୂଆପଡ଼ା ଡାକ୍ତରଖାନାରୁ ଗାଁକୁ ବାଇକ୍‌ରେ ଫେରୁଥିବା ବେଳେ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେ ଗୁରୁତର ହୋଇ ବାଇକ୍‌ରୁ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଗଜପତି ଜିଲା ମୋହନା ଥାନା ଅଧୀନ ମଳାସପଦର ପଞ୍ଚାୟତ ରାଚାଗୁଡା ଗ୍ରାମର ଜଣେ ଯୁବତୀ ବଜ୍ରପାତର ଶିକାର ହୋଇଛନ୍ତି। ସେ ହେଲେ ତୁଳସୀ ଦଳାଇ। ତୁଳସୀ ଗାଁ ପାଖ ନାଳରୁ ଗାଧୋଇ ଫେରିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ସେହିପରି କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲିରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ବପଲମେଣ୍ଡି (ବି) ବାହାଡ଼ା ସାହି ପଞ୍ଚାୟତ ଗୁଡାରସାହିର ବିମ୍ବାଧର ବିଷୋୟୀଙ୍କ ଝିଅ ରୁପାଲୀଙ୍କ ମୃତ୍ୟୁ ଘଟିଛି। ରୁପାଲୀଙ୍କ ପରିବାର ନିଜ ଘର ଗୁଡ଼ାରୀ ସାହିରୁ ଆସି ଟିକାବାଲି ଆଖଣ୍ଡଳମଣି ମନ୍ଦିର ପାଖରେ ଭଡ଼ାଘରେ ରହୁଥିଲେ। ଗୁରୁବାର ଅପରାହ୍ନରେ ହଠାତ ଘର ଉପରେ ବଜ୍ରପାତ ହୋଇଥିଲା। ଫଳରେ ବିମ୍ବାଧର, ସ୍ତ୍ରୀ ଅତୁଳା ସାମାନ୍ୟ ଆହତ ହୋଇଥିବା ବେଳେ ରୁପାଲୀ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରି ଟିକାବାଲି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ରୁପାଲୀଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଟିକାବାଲି ଆଇଆଇସି କଲ୍ୟାଣୀମୟୀ ଷେଣ୍ଡ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଅଂଶୁଘାତରେ ୨ ଜଣଙ୍କ ମୃତ୍ୟୁ ସନ୍ଦେହ

**ଭୁବନ,୩୦।୫(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଓ ବ୍ଲକ ଅଞ୍ଚଳରେ ଗୁରୁବାର ଅଂଶୁଘାତରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ୨ ଜଣ ହେଲେ ଭୁବନ ଏନ୍‌ଏସି ୧ନଂ. ୱାର୍ଡର ସୁଧାଂଶୁ ଭୂଷଣ ପୃଷ୍ଟି (୫୨) ଓ ଭୁବନ ବ୍ଲକ ବାରୁଆଁ ପଞ୍ଚାୟତ ମଠଖୋକସା ଗ୍ରାମର କବି ରାଉତ (୩୦)। ସୁଧାଂଶୁ ଜଣେ ପରିବା ବ୍ୟବସାୟୀ। ସେ ପରିବା ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଭୁବନ ଥାନା ମଠଖୋକସା ଗ୍ରାମର କବି ଘରେ ବସିଥିବା ସମୟରେ ଅତ୍ୟଧିକ ଗରମ ଯୋଗୁ ଅସୁସ୍ଥ ଅନୁଭବ କରି ଅଚେତ ହୋଇ ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଭୁବନ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଲୋକେ ଭୁବନ ଥାନାରେ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ୨ଟି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାରଙ୍କୁ ମୃତ ଦେହ ହସ୍ତାନ୍ତର କରାଯିବ।

# ଅନ୍‌ଲାଇନ୍ ଗେମରେ ଲକ୍ଷାଧିକ ଟଙ୍କା ହରାଇ ଆତ୍ମହତ୍ୟା

**ପରଜଙ୍ଗ,୩୦।୫ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ବାଇଗିଣିଆ ଜଙ୍ଗଲରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଲୋଧଣୀ ଗ୍ରାମର ଛବୀନ୍ଦ୍ର ବେହେରାଙ୍କ ସାନ ପୁଅ ତୋଫାନ ବେହେରା। ଅନ୍‌ଲାଇନ ଗେମ୍‌ରେ ଲକ୍ଷାଧିକ ଟଙ୍କା ହରାଇବା ପରେ ତୋଫାନ ଆତ୍ମହତ୍ୟା କରିଥିବା ତାଙ୍କ ବାପା ଅନୁମାନ କରୁଥିବା କହିଛନ୍ତି। ପୋଲିସ କହିଛି, ତୋଫାନ ବୁଧବାର ସକାଳେ ଘରୁ ଏକ ସ୍କୁଟି ନେଇ ବାହାରକୁ ବୁଲିବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର ସନ୍ଧାନ ପାଇ ନ ଥିଲେ। ଗୁରୁବାର ବାଇଗିଣିଆ ଗାଁ ନିକଟରେ ଥିବା ଜଙ୍ଗଲରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ।

# ଆଧୁନିକୀକରଣ କାର୍ଯ୍ୟ ପାଇଁ ୬ ଯୋଡ଼ା ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩୦।୫ (ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ମଧ୍ୟରେ ଏକାଧିକ ସ୍ଥାନରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀରଣ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା କିଛିଦିନ ପାଇଁ ୬ ଯୋଡ଼ା ଟ୍ରେନ୍ ବାତିଲ ହେବା ସହ ଏକାଧିକ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ କରାଯାଇଛି। ୧୮୧୨୫/୧୮୧୨୬ ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ ମେ' ୩୦ରୁ ଜୁନ୍ ୧୫ ମଧ୍ୟରେ ବାତିଲ ରହିବ। ୦୮୪୧୪/୦୮୪୧୩ ପୁରୀ-ତାଳଚେର-ପୁରୀ ପାସେଞ୍ଜର ସ୍ପେସିଆଲ ମେ' ୩୦ରୁ ଜୁନ୍ ୬ ପର୍ଯ୍ୟନ୍ତ ବାତିଲ ରହିବ। ୦୭୪୭୧/୦୭୪୭୦ ପଲାସା-ବିଶାଖାପାଟଣା-ପଲାସା ପାସେଞ୍ଜର ସ୍ପେଶାଲ ମେ' ୩୧ରେ ଉଭୟ ଦିଗରୁ ବାତିଲ ରହିବ। ୦୮୧୬୯/୦୮୧୭୦ ଏବଂ ୦୮୧୭୧/୦୮୧୭୨ ଝାରସୁଗୁଡା-ସମ୍ବଲପୁର-ଝାରସୁଗୁଡା ପାସେଞ୍ଜର ସ୍ପେଶାଲ ଜୁନ ୭ରୁ ୧୪ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ୦୮୨୬୪/୦୮୨୬୩ ବିଲାସପୁର-ଟିଟିଲାଗଡ଼-ବିଲାସପୁର ପାସେଞ୍ଜର ସ୍ପେଶାଲ ବିଲାସପୁରରୁ ଜୁନ ୭ରୁ ୧୪ ମଧ୍ୟରେ ଏବଂ ଟିଟିଲାଗଡରୁ ଜୁନ ୮ରୁ ୧୫ ମଧ୍ୟରେ ବାତିଲ ରହିବ। ୦୮୨୭୭/୦୮୨୭୮ ଟିଟିଲାଗଡ଼-ରାୟପୁର-ଟିଟିଲାଗଡ଼ ପାସେଞ୍ଜର ସ୍ପେଶାଲ ଟିଟିଲାଗଡ଼ରୁ ଜୁନ୍ ୭ରୁ ୧୫ ମଧ୍ୟରେ ବାତିଲ ରହିବ। ସେହିପରି ଏର୍ଣ୍ଣାକୁଲମ-ଟାଟା-ଏର୍ଣ୍ଣାକୁଲମ ଏକ୍ସପ୍ରେସର ମାର୍ଗ ପରିବର୍ତ୍ତନ ହୋଇଥିବାବେଳେ ୬ ରୁ ୧୨ ଜୁନ୍ ମଧ୍ୟରେ ଏର୍ଣ୍ଣାକୁଲମଠାରୁ ଏବଂ ୭ ଜୁନ୍‌ରୁ ୧୪ ଜୁନ ପର୍ଯ୍ୟନ୍ତ ଟାଟାଠାରୁ ଚଳାଚଳ କରିବାକୁ ଥିବା ଟ୍ରେନ ଏହାର ନିର୍ଦ୍ଧାରିତ ପଥ ବିଜୟନଗରମ-ଟିଟିଲାଗଡ଼-ଝାରସୁଗୁଡ଼ା ମାର୍ଗ ପରିବର୍ତ୍ତେ ଜାରୋଲି-ଜଖପୁରା-କଟକ-ଖୋର୍ଦ୍ଧା ରୋଡ୍-ବିଜୟନଗରମ ମାର୍ଗ ଦେଇ ଉଭୟ ପାର୍ଶ୍ୱରୁ ଚଳାଚଳ କରିବ। ଅନ୍ୟପଟେ ସନ୍ତ୍ରାଗଛି-ତାମ୍ବରମ ଏକ୍ସପ୍ରେସ, ଭୁବନେଶ୍ୱର-ରାମେଶ୍ୱରମ ଏକ୍ସପ୍ରେସ, ମୁଜାଫରପୁର-ମହୀଶୂର, ଡିବ୍ରୁଗଡ଼-ନ୍ୟୁ ନାଗରକୋଏଲ, ବ୍ରହ୍ମପୁର-ସୁରଟ ସ୍ପେଶାଲ ବ୍ରହ୍ମପୁର, ଇନ୍ଦୋର-ପୁରୀ ଏକ୍ସପ୍ରେସ, ଗୋରଖପୁର-ସମ୍ବଲପୁର ଏକ୍ସପ୍ରେସ, ଭୁବନେଶ୍ୱର-ରାଉରକେଲା ଏକ୍ସପ୍ରେସ ଆଦିର ସମୟ ବଦଳାଯାଇଥିବା ସୂଚନା ଦିଆଯାଇଛି।

# କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟରେ ଆବେଦନ



### ସସ୍ମିତା ମିଞ୍ଜ ହତ୍ୟାର ୮ ମାସ ପରେ ବି ରୁଜୁ ହେଲାନି ମାମଲା

**କଟକ,୩୦।୫ (କାର୍ତ୍ତିକ ସାହୁ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାମବାହାଲର ସସ୍ମିତା ମିଞ୍ଜ ହତ୍ୟା ଘଟଣାରେ ସ୍ଥାନୀୟ ପୋଲିସ ମାମଲା ରୁଜୁ କରୁନାହିଁ। ଏହି ଘଟଣାକୁ ୮ ମାସ ବିତିଯାଇଥିଲେ ମଧ୍ୟ ପୋଲିସ କିଛି ପଦକ୍ଷେପ ଗ୍ରହଣ କରୁନାହିଁ। ତେଣୁ ଏହି ଘଟଣାରେ ହତ୍ୟା ମାମଲା ରୁଜୁ କରାଯିବା ସହ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ ଭାର ଗ୍ରହଣ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି ମୃତ ସସ୍ମିତାଙ୍କ ଭାଇ ସନ୍ଦୀପ ମିଞ୍ଜ। ଏନେଇ ଗୁରୁବାର ହାଇକୋର୍ଟରେ ସନ୍ଦୀପ ଆବେଦନ କରିଛନ୍ତି। ସୂଚନା ଅନୁସାରେ, ସନ୍ଦୀପ ତାଙ୍କ ଭଉଣୀଙ୍କ ନିଖୋଜ ନେଇ ୨୦୨୩ ସେପ୍ଟେମ୍ବର ୧୭ରେ ରାଉରକେଲାର ଉଦିତ୍‌ନଗର ଥାନାରେ ଏତଲା ଦେଇଥିଲେ। ଏନେଇ ୧୮ ତାରିଖରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ପରେ ସେହି ମାସ ୨୦ ତାରିଖରେ ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳରୁ ଏକ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରିବା ସହ ସସ୍ମିତାଙ୍କ ପରିବାର ଲୋକଙ୍କୁ ଚିହ୍ନଟ ପାଇଁ ଡାକିଥିଲା। ପରିବାର ଲୋକେ ମୃତଦେହ ସସ୍ମିତାଙ୍କର ବୋଲି ଚିହ୍ନଟ କରିଥିଲେ। ଏଥିସହ ସସ୍ମିତାଙ୍କୁ ହତ୍ୟା କରାଯାଇଥିବା ନେଇ ଉକ୍ତ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ପୋଲିସର ନିଷ୍କ୍ରିୟତା ବିରୋଧରେ ଆବେଦନକାରୀ ରାଉରକେଲା ଏସ୍‌ପିଙ୍କୁ ରେଜିଷ୍ଟ୍ରି ଚିଠି ମାଧ୍ୟମରେ ମାମଲା ରୁଜୁ ସହ ତଦନ୍ତ ପାଇଁ ନିବେଦନ କରିଥିଲେ। ହେଲେ ଏନେଇ ସୁଫଳ ନ ମିଳିବାରୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ମଧ୍ୟ ସମାନ ଆବେଦନ କରିଥିଲେ। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ଘଟଣାର ଅଲଗା ଆବେଦନ କରି ତଦନ୍ତ ପାଇଁ ୨୦୨୩ ଅକ୍ଟୋବର ୩୦ରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶର ୮ ମାସ ପରେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଓଏସ୍‌ଓୟୁ କୁଳପତି ନିଯୁକ୍ତ



**ଭୁବନେଶ୍ୱର, ୩୦।୫(ଅସମାପିକା ସାହୁ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) କୁଳପତି ଭାବେ ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କୁ ଗୁରୁବାର ରାଜ୍ୟପାଳ ରଘୁବର ଦାସ ନିଯୁକ୍ତି ଦେଇଛନ୍ତି। ସେ କାର୍ଯ୍ୟରେ ଯୋଗଦେବା ପରଠାରୁ ୩ବର୍ଷ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶନାମା ନ ବାହାରିଲା ପର୍ଯ୍ୟନ୍ତ କୁଳପତି ଦାୟିତ୍ୱ ତୁଲାଇବେ। ଏ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଫେସର ପଟ୍ଟନାୟକ ବର୍ତ୍ତମାନ ଚଣ୍ଡିଗଡ଼ସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଟିଚର୍ସ ଟ୍ରେନିଂରେ ମିଡିଆ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟର ପ୍ରାଧ୍ୟାପକ ଓ ମୁଖ୍ୟ ଭାବେ କାର୍ଯ୍ୟରତ। ୫୯ ବୟସ୍କ ପ୍ରଫେସର ପଟ୍ଟନାୟକଙ୍କ ଶିକ୍ଷାଦାନ କ୍ଷେତ୍ରରେ ୩୩ବର୍ଷର ଅଭିଜ୍ଞତା ରହିଥିବା ବେଳେ ପ୍ରଫେସର ଭାବେ ୧୧ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଛନ୍ତି। ସେ ୧୩ଟି ପୁସ୍ତକ ରଚନା କରିଥିବାବେଳେ ବିଭିନ୍ନ ଜର୍ନାଲରେ ତାଙ୍କର ୩୦୨ଟି ଲେଖାପ୍ରକାଶ ପାଇଛି। ସେ ୨୪ଜଣ ପିଏଚ୍‌ଡି ରିସର୍ଚ୍ଚ ସ୍କଲାରଙ୍କୁ ସଫଳତାର ସହିତ ଗାଇଡ୍ କରିଛନ୍ତି।

# ଧରିତ୍ରୀ
DHARITRI




# ଲୋକେ ବାଛିବେ ଉତ୍ତରାଧିକାରୀ: ନବୀନ

**ଭୁବନେଶ୍ୱର,୩୦।୫(ଅନିଲ ଦାସ)**



କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ନୁହନ୍ତି। କିଏ ତାଙ୍କ ଉତ୍ତରାଧିକାରୀ ହେବେ ଭବିଷ୍ୟତରେ ତାହା ଓଡ଼ିଶାର ଲୋକେ ସ୍ଥିର କରିବେ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ନ୍ୟୁଜ୍ ଏଜେନ୍ସି ଏଏନ୍ଆଇକୁ ସାକ୍ଷାତ୍‌କାର ଦେଇ ନବୀନ କହିଛନ୍ତି, ମୋ ଉତ୍ତରାଧିକାରୀଙ୍କୁ ଓଡ଼ିଶାବାସୀ ବାଛିବେ। ପାଣ୍ଡିଆନ ମୋ ଉତ୍ତରାଧିକାରୀ ନୁହନ୍ତି। ଦଳରେ ଅନ୍ୟ ନେତାଙ୍କ ତୁଳନାରେ ପାଣ୍ଡିଆନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ନେଇ ଯେଉଁ ଆଲୋଚନା ହେଉଛି ତା' ଉପରେ ମତ ରଖି ନବୀନ କହିଛନ୍ତି, ଦଳରେ ଅନ୍ୟ ନେତାମାନେ ଗୁରୁତ୍ୱପୂର୍ଣ୍ଣ ପଦରେ ଅଛନ୍ତି। ଅନେକ ମନ୍ତ୍ରୀ ଅଛନ୍ତି। ତେଣୁ ଏଭଳି ଚର୍ଚ୍ଚା ଠିକ୍ ନୁହେଁ।

ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଉଠୁଥିବା ପ୍ରଶ୍ନର ଉତ୍ତରରେ ସେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି କହିଛନ୍ତି। ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ କରିଥିବା ଟିପ୍ପଣୀ ଉପରେ ମନ୍ତବ୍ୟ ଦେଇ ନବୀନ କହିଛନ୍ତି ଯେ ଯଦି ପ୍ରଧାନମନ୍ତ୍ରୀ ମୋ ସ୍ୱାସ୍ଥ୍ୟକୁ ନେଇ ଏତେ ଚିନ୍ତିତ ତେବେ ସେ ମୋତେ ଫୋନ୍ କରିପାରିଥାନ୍ତେ। ସାଧାରଣ ସଭାରେ କହିବା ଅପେକ୍ଷା ମୋତେ ସେ ବ୍ୟକ୍ତିଗତ ଭାବେ ଫୋନ୍ କରିପାରିଥାନ୍ତେ। ଏହାର ଅର୍ଥ ହେଉଛି କେବଳ ଭୋଟ ହାସଲ ପାଇଁ ସେ ଏଭଳି କରିଛନ୍ତି। ଏହି ଗୁଜବକୁ ଦିଲ୍ଲୀରେ ରହୁଥିବା ଜଣେ ଭାଜପା ନେତା ଅତିରଞ୍ଜିତ କରି ପ୍ରଚାର କରୁଛନ୍ତି। ମୋ ସ୍ୱାସ୍ଥ୍ୟ ଠିକ୍ ଅଛି। ମୁଁ ଏହି ଖରାରେ ପ୍ରଚାର କରୁଛି।

ପ୍ରକୃତ କ୍ଷମତା ତାଙ୍କ ପାଖରେ ନାହିଁ ବୋଲି ବିରୋଧୀଙ୍କ ଅଭିଯୋଗ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଉତ୍ତର ରଖିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ମୋ ପାଖରେ ସବୁ କ୍ଷମତା ରହିଛି। ମୁଁ ସବୁବେଳେ କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା କରେ। ଆଜି ପର୍ଯ୍ୟନ୍ତ ଗୋଟିଏ ବି କ୍ୟାବିନେଟ ବୈଠକରେ ମୁଁ ଅନୁପସ୍ଥିତ ରହିନାହିଁ। ଏଥିସହିତ ସେ ନିର୍ବାଚନ ପ୍ରଚାରରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବ୍ୟକ୍ତିଗତ ଆକ୍ଷେପକୁ ନାପସନ୍ଦ କରି ଏଭଳି ପ୍ରଚାର ସହିତ ଓଡ଼ିଶାବାସୀ ଅନଭ୍ୟସ୍ତ ବୋଲି କହିଛନ୍ତି। ରାଜନୀତିରେ ମୋର କାହା ପ୍ରତି ଆକ୍ରୋଶ ନାହିଁ। ସାଧାରଣ ଜୀବନରେ ମୁଁ କାହା ପ୍ରତି କେବେ ଆକ୍ରୋଶ ଦେଖାଇନି। ପ୍ରସଙ୍ଗଭିତ୍ତିକ ସମର୍ଥନ ଦରକାର। ହେଲେ ପରିସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଚଳିତ ନିର୍ବାଚନରେ ବିଜେଡିକୁ ଭଲ ଫଳାଫଳ ମିଳିବ। ଆମେ ପୁଣିଥରେ ଏକ ମଜଭୁତ ସରକାର ଗଠନ କରିବୁ। ଲୋକ ସଭା କ୍ଷେତ୍ରରେ ମଧ୍ୟ ଅଧିକ ଆସନ ହାସଲ କରିବୁ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ନବୀନଙ୍କ ସଫେଇ ଅପ୍ରାସଙ୍ଗିକ: ବିଶ୍ୱଶର୍ମା

ନବୀନ ବାବୁ ଏଏନ୍ଆଇକୁ ଦେଇଥିବା ସାକ୍ଷାତ୍‌କାର ଦେଖିଲି। ଏହା ନିର୍ଦ୍ଦିଷ୍ଟ ଭାବେ ଆମ ଚିନ୍ତାରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଉଦ୍ଦିଷ୍ଟ। ଦୁର୍ଭାଗ୍ୟବଶତଃ ନବୀନ ବାବୁ ପୂର୍ବରୁ ଅଭ୍ୟାସ କରି ଦେଇଥିବା ଉତ୍ତର ଆହୁରି ଅନେକ ପ୍ରଶ୍ନ ଛିଡ଼ା କରାଇଛି ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିଜ ଏକ୍ସ' ହ୍ୟାଣ୍ଡଲରେ କହିଛନ୍ତି। ଭାଜପା ନେତା ବିଶ୍ୱଶର୍ମା କହିଛନ୍ତି, ନବୀନଙ୍କ ସହ ସବୁବେଳେ ଜଣେ ମାତ୍ର ବ୍ୟକ୍ତି କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଦେଖିବାକୁ କାହିଁକି ମିଳୁଛି। କେତେବେଳେ ସେ ନୀବନଙ୍କ ମାଇକ୍ ଧରିଛନ୍ତି, ତ ଆଉ କେତେବେଳେ ତାଙ୍କ ହାତକୁ ନିୟନ୍ତ୍ରଣ କରୁଛନ୍ତି। ପାଣ୍ଡିଆନ୍ ପଛଦ୍ୱାରରୁ ଓଡ଼ିଶାକୁ ଚଳାଉଥିବାରୁ ନବୀନ ନିଜ ଉତ୍ତରାଧିକାରୀ ପ୍ରସଙ୍ଗରେ ସଫେଇ ଦେବା ଅପ୍ରାସଙ୍ଗିକ ବୋଲି ବିଶ୍ୱଶର୍ମା କହିଛନ୍ତି।

# ଓଡ଼ିଶାରେ ବୁଝାମଣାରେ ସରକାର ଚାଲିଛି: ରାହୁଲ

**ଭଦ୍ରକ/ ସିମୁଳିଆ, ୩୦।୫**
**(ସନାତନ ରାଉତ/ସନ୍ତୋଷ ନାୟକ)**

ଓଡ଼ିଶାରେ ଭାଜପା ଓ ବିଜେଡିର ଭିତିରି ବୁଝାମଣାରେ ମିଳିତ ସରକାର ଚାଲିଛି। ଉପରେ ପରସ୍ପର ବିରୋଧରେ କହୁଛନ୍ତି, କିନ୍ତୁ ଭିତରେ ସମ୍ପର୍କ ଅତି ନିବିଡ଼ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଭଦ୍ରକ ସଂସଦୀୟ କ୍ଷେତ୍ର ରାଣୀତାଲର ମଇତାପୁରଠାରେ ଗୁରୁବାର ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ସେ ଏହା କହିଛନ୍ତି।

ଭାଜପା - ବିଜେଡି ବିରୋଧରେ ରାହୁଲ ବର୍ଷିବା ସହ କହିଛନ୍ତି, କେନ୍ଦ୍ରର ଭାଜପା ସରକାର ସମ୍ବିଧାନ ପାଇଁ ବିପଦ। ସମ୍ବିଧାନକୁ ନଷ୍ଟ କରିବା ଲାଗି ଏହି ସରକାର ସବୁବେଳେ ଉଦ୍ୟମ ଚଳାଇଛି। କିନ୍ତୁ ତାଙ୍କର ଏହି ଅପଚେଷ୍ଟାକୁ ସଫଳ ହେବାକୁ କଂଗ୍ରେସ କେବେ ସୁଯୋଗ ଦେବ ନାହିଁ। ସମ୍ବିଧାନ ସୁରକ୍ଷା ପାଇଁ କଂଗ୍ରେସ ସବୁବେଳେ ସଂଘର୍ଷ କରିଚାଲିଛି ଏବଂ ଆଗକୁ ଏହା ମଧ୍ୟ ଜାରି ରଖିବ ବୋଲି ରାହୁଲ କହିଛନ୍ତି। କେନ୍ଦ୍ରର ଭାଜପା ସରକାରକୁ ରାଜ୍ୟର ବିଜେଡି ସରକାର ସବୁବେଳେ ସମର୍ଥନ ଜଣାଇ ଆସିଛି। ଏଠାରେ ଭାଜପା ଓ ବିଜେଡିର ଭିତିରି ବୁଝାମଣାରେ ମିଳିତ ସରକାର ଚାଲିଛି। ଏବେ ଉପରେ ପରସ୍ପର ବିରୋଧରେ କହୁଛନ୍ତି, କିନ୍ତୁ ଭିତରେ ସମ୍ପର୍କ ଅତି ନିବିଡ଼। ଏଥିସହ ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କୁ ହାତବାରିସି କରି ଜଣେ ଅଣଓଡ଼ିଆ

☞ପୃଷ୍ଠା-୫



ରାଣୀତାଲ ମଇତାପୁରଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।




ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ଆପରାଧିକ ମାମଲାର ବିଚାର ଚାଲିଥିବାବେଳେ ତାଙ୍କ ସମର୍ଥକମାନେ ମାନ୍‌ହାଟାନ କୋର୍ଟ ବାହାରେ ବିକ୍ଷୋଭ କରୁଛନ୍ତି।

# ପ୍ରଚାର ଶେଷ, ଦିନକ ପରେ ଭୋଟ

**ଭୁବନେଶ୍ୱର,୩୦।୫(ଅନିଲ ଦାସ)**

ଓଡ଼ିଶାର ୬ ସମେତ ଦେଶର ୫୭ ଲୋକ ସଭା ଆସନରେ ଶନିବାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ସନ୍ଧ୍ୟାରେ ହାଇଭୋଲ୍ଟେଜ୍ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଚତୁର୍ଥ ପର୍ଯ୍ୟାୟରେ ଓଡ଼ିଶାର ୬ ସଂସଦୀୟ କ୍ଷେତ୍ର ଓ ୪୨ଟି ବିଧାନସଭା ଆସନରେ ଭୋଟ ଗ୍ରହଣ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ସିଇଓ ଧଳ କହିଛନ୍ତି, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ମୋଟ ୪୬୦ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୬ ସଂସଦୀୟ କ୍ଷେତ୍ର ପାଇଁ ୬୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୧୧ ମହିଳା ଓ ୫୫ ପୁରୁଷ ପ୍ରାର୍ଥୀ ରହିଛନ୍ତି। ସେହିପରି ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମୋଟ ୩୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୫୮ ଜଣ ମହିଳା ପ୍ରାର୍ଥୀ ଥିବାବେଳେ ୩୩୬ ଜଣ ପୁରୁଷ ପ୍ରାର୍ଥୀ ରହିଛନ୍ତି। ମତଦାନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ରାଜ୍ୟ ପୋଲିସ ବ୍ୟତୀତ ୧୨୫ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯାଇଛି। ୧୦,୮୮୨ଟି ମତଦାନ କେନ୍ଦ୍ରରେ ଶନିବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ୯୯,୬୧,୦୫୭ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୫୦,୮୮,୦୭୬ ପୁରୁଷ, ୪୮,୭୨,୨୯୪ ମହିଳା ଓ ୬୮୭ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ମତଦାତା ଲିଙ୍ଗ ଅନୁପାତ ରହିଛି ୯୫୮। ଏମାନଙ୍କ ମଧ୍ୟରେ ୨,୫୭,୩୪୫ ଜଣ ୧୮ରୁ ୧୯ ବର୍ଷ ବୟସର ପ୍ରଥମ ଥର ମତଦାତା ଥିବାବେଳେ ୨୦ରୁ ୨୯ ବର୍ଷ ବୟସର ୨୦, ୫୧,୫୦୫ ଯୁବ ମତଦାତା ରହିଛନ୍ତି। ୧୦,୮୫୭ ମତଦାନ କେନ୍ଦ୍ର ଓ ଅତିରିକ୍ତ ୨୫କୁ ମିଶାଇ ମୋଟ ୧୦,୮୮୨ ମତଦାନ କେନ୍ଦ୍ର ରହିଛି। ମତଦାନ କେନ୍ଦ୍ର ପିଛା ପ୍ରାୟ ୯୧୫ ଜଣ ମତଦାତା ରହିଛନ୍ତି। ଏହି ସମସ୍ତ ବୁଥ୍‌ରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ୧୪୦୦ରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ଏହି ପର୍ଯ୍ୟାୟରେ ପ୍ରାୟ ୨୦ ପ୍ରତିଶତ ଆଦର୍ଶ ମତଦାନ କେନ୍ଦ୍ର(ମଡେଲ ବୁଥ୍) ରହିଛି। ପ୍ରାୟ ୭୨ ହଜାର ପୋଲିଂ କର୍ମଚାରୀ ମତଦାନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସମସ୍ତ ମତଦାନ କେନ୍ଦ୍ରରେ ଅନ୍ୟୂନ ଜଣେ ସ୍ୱେଚ୍ଛାସେବୀ ଓ ଜଣେ ଲେଖାଏ ଆଶାକର୍ମୀ ନିୟୋଜିତ ହୋଇଛନ୍ତି। ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ୧୨ ସାଧାରଣ ପର୍ଯ୍ୟବେକ୍ଷକ, ୩ ଜଣ ପୋଲିସ ପର୍ଯ୍ୟବେକ୍ଷକ ଓ ୧୮ ଜଣ ବ୍ୟୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ୧୨୫ କମ୍ପାନୀ ସିଏପିଏଫ୍(ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ) ନିୟୋଜିତ

☞ପୃଷ୍ଠା-୫






# କେରଳ, ଉତ୍ତରପୂର୍ବାଞ୍ଚଳରେ ମୌସୁମୀ ପହଞ୍ଚିଲା

**ନୂଆଦିଲ୍ଲୀ,୩୦।୫**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ଏକସଙ୍ଗେ କେରଳ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟର କେତେକ ଭାଗରେ ପହଞ୍ଚିଛି। ଏଥର ୨ ଦିନ ପୂର୍ବରୁ ଦେଶକୁ ମୌସୁମୀ ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଏହା ଦେଶରେ ଚାରିମାସିଆ ବର୍ଷାଦିନ ଆରମ୍ଭର ସୂଚନା ଦେଇଛି। ସାଧାରଣତଃ ଜୁନ୍ ୧ରେ ମୌସୁମୀ କେରଳ ଏବଂ ୫ରେ ଉତ୍ତରପୂର୍ବାଞ୍ଚଳ ଛୁଇଁଥାଏ।

ମୌସୁମୀ ଏକସଙ୍ଗେ କେରଳ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ପହଞ୍ଚିବା ଏକ ଅସାଧାରଣ କଥା। ୭ ବର୍ଷ ପୂର୍ବେ ୨୦୧୭ ମେ' ୩୦ରେ ଉଭୟ ଅଞ୍ଚଳରେ ମୌସୁମୀ ପହଞ୍ଚିଥିଲା। ଯଦିଓ କିଛିଦିନ ହେଲା କେରଳ ଏବଂ

☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

## ନ୍ୟାୟିକ ବିପଦରେ ସାମ୍ବାଦିକ

# ବାଲୁକା କଳାରେ ସଚେତନତା ବାର୍ତ୍ତା

**କର୍ଲାମୁଣ୍ଡା,୩୦।୫**
**(ପ୍ରଦୀପ କୁମାର ସାହୁ)**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆହ୍ୱାନ କ୍ରମେ ପ୍ରତି ବର୍ଷ ମେ' ୩୧ ତାରିଖକୁ ବିଶ୍ୱ ତମାଖୁ ମୁକ୍ତ ଦିବସ ଭାବେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ପ୍ରାୟ ପାଞ୍ଚଟନ୍ ବାଲିରେ ଛଅଫୁଟ୍ ଉଚ୍ଚତା ବିଶିଷ୍ଟ ଏକ କଳାକୃତୀ ତିଆରି କରି ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ତମାଖୁ ସେବନ ଦ୍ୱାରା ଫୁସଫୁସ ଆକ୍ରାନ୍ତ ହୋଇ ଭୟାବହ କର୍କଟ ରୋଗରେ ମଣିଷ ପଡିଥାଏ। ଓମ୍‌ପ୍ରକାଶ ତାଙ୍କ କଳାକୃତୀରେ ଫୁସଫୁସକୁ କଙ୍କାଳର ରୂପ ଦେଇ ଧୂମ୍ରପାନର ଭୟାବହତାକୁ ନିଖୁଣ ଭାବରେ ଉପସ୍ଥାପନା କରିଛନ୍ତ।




# ଧ୍ୟାନ ମୁଦ୍ରାରେ ମୋଦି

**କନ୍ୟାକୁମାରୀ,୩୦।୫**

ଲୋକ ସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ମାସ ହେଲା ଜୋର୍‌ଦାର ପ୍ରଚାର କରିବା ପରେ ଗୁରୁବାର ସନ୍ଧ୍ୟାରେ ତାମିଲନାଡୁର କନ୍ୟାକୁମାରୀରେ ପହଞ୍ଚି ପ୍ରସିଦ୍ଧ ବିବେକାନନ୍ଦ ରକ୍ ମେମୋରିଆଲରେ ୪୫ ଘଣ୍ଟିଆ ଧ୍ୟାନ ଆରମ୍ଭ କରିଛନ୍ତି। ଥିରୁଭାନନ୍ତପୁରମ୍‌ରୁ ହେଲିକପ୍ଟର ଯୋଗେ ମୋଦି କନ୍ୟାକୁମାରୀରେ ପହଞ୍ଚିଥିଲେ। ସେ ଭଗବତୀ ଆମ୍ମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବୋଟ୍ ଯୋଗେ ରକ୍ ମୋମୋରିଆଲକୁ ଯାଇଥିଲେ। ଜୁନ୍ ୧ ପର୍ଯ୍ୟନ୍ତ ସେ ଧ୍ୟାନ ମଣ୍ଡପମ୍‌ରେ ଧ୍ୟାନରେ ବସିରହିବେ। ଧୋତି ଓ ଧଳା ଚାଦରରେ ପ୍ରଧାନମନ୍ତ୍ରୀ ମନ୍ଦିରରେ ପ୍ରାର୍ଥନା କରିବା ପରେ ଗର୍ଭଗୃହକୁ ପ୍ରଦକ୍ଷିଣ କରିଥିଲେ। ପୂଜକମାନେ ସ୍ୱତନ୍ତ୍ର ଆରତି କରିବା ସହ ମୋଦିଙ୍କୁ ଶାଲ ଏବଂ ମନ୍ଦିରର ଅଧିଷ୍ଠାତ୍ରୀ ଦେବୀଙ୍କୁ ଫଟୋ ପ୍ରଦାନ କରିଥିଲେ।



# ସିକିମ୍ ସୀମାରେ ଚାଇନା ଯୁଦ୍ଧବିମାନ

**ନୂଆଦିଲ୍ଲୀ,୩୦।୫**

ଭାରତର ସିକିମ୍ ସୀମାଠାରୁ ୧୫୦ କିଲୋମିଟରରୁ କମ୍ ଦୂରରେ ଚାଇନା ଏହାର ଅତ୍ୟାଧୁନିକ ଜେ-୨୦ ଲଢୁଆ ବିମାନ ମୁତୟନ କରିଛି। ତିବ୍ବତର ଦ୍ୱିତୀୟ ବୃହତ୍ ସହର ଶିଗାତ୍‌ସେରେ ସାମରିକ ଏବଂ ବେସାମରିକ ବ୍ୟବହାର ପାଇଁ ଥିବା ଏୟାରପୋର୍ଟରେ ଚାଇନା ବାୟୁସେନାର ୬ଟି ଜେ-୨୦ ଯୁଦ୍ଧବିମାନ ରଖାଯାଇଥିବା ସାଟେଲାଇଟ୍ ଫଟୋରେ ଦେଖିବାକୁ ମିଳିଛି। ସମୁଦ୍ର ପତ୍ତନଠାରୁ ୧୨,୪୦୮ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଏହି ଏୟାରପୋର୍ଟ ବିଶ୍ୱର ସର୍ବୋଚ୍ଚ ଏୟାରପୋର୍ଟ ଭାବେ ପରିଚିତ। ସେଠାରେ ଚାଇନା ସେନାର କେଜି-୫୦୦ ଏୟାରବର୍ନ ୟର୍ଲି ୱାର୍ନିଂ ଆଣ୍ଡ୍ କଣ୍ଟ୍ରୋଲ ବିମାନ ମଧ୍ୟ ରହିଛି। ଜି-୨୦ ମୁତୟନ ସମ୍ପର୍କରେ ଭାରତୀୟ ବାୟୁସେନା ଅବଗତ ଥିଲେ ମଧ୍ୟ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛି। ଜେ-୨୦ ଚାଇନାର ସବୁଠୁ ଅତ୍ୟାଧୁନିକ ଯୁଦ୍ଧବିମାନ ହୋଇଥିବାବେଳେ ଏହାର ମୁକାବିଲା ପାଇଁ ଭାରତ ଫ୍ରାନ୍ସରୁ କିଣିଥିବା ରାଫାଲ ଲଢୁଆ ବିମାନ ଉପରେ ନିର୍ଭର କରୁଛି। ଆମେରିକା ବାୟୁସେନା ସହ ଯୁଦ୍ଧାଭ୍ୟାସ ପାଇଁ ସେଥିରୁ ୮ଟି ବିମାନକୁ ଆଲାସ୍କା ନିଆଯାଇଛି। ପଶ୍ଚିମବଙ୍ଗର ହସିମାରାଠାରେ ଭାରତ ୧୬ଟି ରାଫାଲ ଯୁଦ୍ଧବିମାନ ରଖିଛି, ଯାହା ଶିଗାତ୍‌ସେଠାରୁ ୨୯୦ କିଲୋମିଟର ଦୂରରେ ଅବସ୍ଥିତ। ଚେଙ୍ଗଡୁ ଜେ-୨୦ ବା ମାଇଟି ଡ୍ରାଗନ୍ ହେଉଛି ଦୁଇ ଇଞ୍ଜିନ ବିଶିଷ୍ଟ ଯୁଦ୍ଧବିମାନ, ଯାହା ୨୦୧୭ରେ ଚାଇନା ବାୟୁସେନାରେ ସାମିଲ ହୋଇଥିଲା। ବେଜିଂ ପ୍ରାୟ ୨୫୦ ଲଢୁଆ ବିମାନ ମୁତୟନ କରିଥିବା କେତେକ ରିପୋର୍ଟରେ ପ୍ରକାଶ ପାଇଛି, ଯାହାକୁ ରାଡାରରେ ଧରିବା କଷ୍ଟକର।



ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢ଼ତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। –ଶ୍ରୀଅରବିନ୍ଦ

-ଶରଣ ଶେଷ



# ନ୍ୟାୟିକ ବିପଦରେ ସାମ୍ବାଦିକ



ଆଣ୍ଟୋନିଓ ଜାପୁଲ୍ଲା

ରୁଷିଆରେ ରହି ସ୍ୱାଧୀନଭାବେ କାର୍ଯ୍ୟ କରିବାକୁ ଚେଷ୍ଟା କରୁଥିବା ଅନେକ ହଜାର ସାମ୍ବାଦିକଙ୍କ ପାଇଁ 'ବିଦେଶୀ ଏଜେଣ୍ଟ', 'ଅବାଞ୍ଛିତ' ଏବଂ 'ଚରମପନ୍ଥୀ' ଶବ୍ଦଗୁଡ଼ିକ ସେମାନଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆଣିପାରେ। ଏପ୍ରିଲରେ ବିବିସିର ରୁଷୀୟ ଖବରଦାତା ଇଲିଆ ବାରାବାନୋଭଙ୍କୁ ରୁଷିଆର ନ୍ୟାୟ ମନ୍ତ୍ରଣାଳୟ ଦ୍ୱାରା 'ବିଦେଶୀ ଏଜେଣ୍ଟ' ଭାବରେ ନାମିତ କରିଥିଲା, ଯାହା ତାଙ୍କୁ ନାଗରିକ ଜୀବନର ଅନେକ ଦିଗ ଉପରେ ଆଲୋକପାତ କରିବାକୁ ବାରଣ କରିଥିଲା। ଏହିପରି ନାମ ସ୍ପଷ୍ଟ ଭାବରେ ପ୍ରେସ୍ (ଗଣମାଧ୍ୟମ) ସ୍ୱାଧୀନତାର ବାଧକ। ଏପ୍ରିଲରେ ସାମ୍ବାଦିକ କନ୍‌ଷ୍ଟାଣ୍ଟିନ ଗାବୋଭ ଏବଂ ସର୍ଗି କାରେଲିନ୍‌ଙ୍କୁ ଗିରଫ କରାଯାଇଥିଲା। ଉଭୟ ରୁଷିଆର ବିରୋଧୀ ଦଳର ଦିବଂଗତ ନେତା ଆଲେକ୍ସି ନାଭାଲ୍‌ନିଙ୍କ ୟୁଟ୍ୟୁବ ଚ୍ୟାନେଲ ପାଇଁ ବିଷୟବସ୍ତୁ ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଥିଲା। ଏଥିରୁ ବୁଝାପଡ଼େ ଯେ, 'ଚରମପନ୍ଥୀ' ଭାବେ ତାଲିକାଭୁକ୍ତ ଗଣମାଧ୍ୟମ ସଂସ୍ଥା ସହ ସାମ୍ବାଦିକ ଅନୁବନ୍ଧିତ ହୋଇଥିଲେ ମଧ୍ୟ ତାହା ତାଙ୍କୁ ଜେଲ୍ ପଠାଇବା ଲାଗି ଯଥେଷ୍ଟ।

ଏହି ଘଟଣା ପରେ କେବଳ ବାରାବାନୋଭ ରୁଷିଆ ଛାଡ଼ିଦେଇଛନ୍ତି ତାହା ନୁହେଁ, ବରଂ ନିରନ୍ତର ବ୍ୟବସ୍ଥାଗତ ଚାପରେ ସମଗ୍ର ଦେଶରେ ସ୍ୱାଧୀନ ଖବରକାଗଜ ସଂସ୍ଥାଗୁଡ଼ିକ ବନ୍ଦହେବାରେ ଲାଗିଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୨ବର୍ଷରୁ ଅଧିକ ସମୟ ହୋଇଗଲାଣି। ଏହି ସମୟ ମଧ୍ୟରେ ବିଭିନ୍ନ ବିଦେଶରେ କାର୍ଯ୍ୟକରୁଥିବା ଅତି କମ୍‌ରେ ୯୩ ଗଣମାଧ୍ୟମ ସଂସ୍ଥାରେ ରୁଷିଆର ସାମ୍ବାଦିକମାନେ ନୂତନ ନିର୍ବାସିତ ଜୀବନ ବିତାଇବା ସହ କାର୍ଯ୍ୟ କରୁଛନ୍ତି। ବେଲାରୁଷ୍‌ର ସାମ୍ବାଦିକମାନେ ସମାନ ଭାବେ ଗମ୍ଭୀର ବାସ୍ତବତାର ସମ୍ମୁଖୀନ ହେଉଛନ୍ତି। ରାଷ୍ଟ୍ରାୟତ୍ତ ଗଣମାଧ୍ୟମକୁ ରାଷ୍ଟ୍ରପତି ଆଲେକ୍ସଜାଣ୍ଡାର ଲୁକାଶେଙ୍କୋ ନିୟନ୍ତ୍ରଣ କରୁଛନ୍ତି। ଅବଶିଷ୍ଟ ସ୍ୱାଧୀନ ସଂସ୍ଥାରେ ଯେଉଁମାନେ କାମ କରୁଛନ୍ତି ସେମାନେ ସେନ୍‌ସରଶିପ୍, ହିଂସା ଏବଂ ଗିରଫଦାରିର ସମ୍ମୁଖୀନ ହେଉଛନ୍ତି। ୨୦୨୦ ଏବଂ ୨୦୨୧ ରେ ବେଲାରୁଷ୍‌ର ଗଣତନ୍ତ୍ର ସମର୍ଥକ ବିରୋଧକୁ ଦମନ କରାଯିବା ପରେ ଦେଶର ଅଧିକାଂଶ ସ୍ୱାଧୀନ ଗଣମାଧ୍ୟମ ପୋଲାଣ୍ଡ ଏବଂ ଲିଥୁଆନିଆକୁ ସ୍ଥାନାନ୍ତରିତ ହୋଇଛନ୍ତି।

ଏହି ଉଦ୍‌ବେଗଜନକ ଧାରା କେବଳ ପୂର୍ବ ୟୁରୋପରେ ସୀମିତ ରହିନାହିଁ। ବିଶ୍ୱର ବିଭିନ୍ନ ଦେଶରେ ଏକଚ୍ଛତ୍ରବାଦ, ସଂଘର୍ଷ ଏବଂ ପ୍ରେସ୍ ସ୍ୱାଧୀନତା ପ୍ରତି ବିପଦ ବଢୁଥିବାରୁ ସେସବୁ ଦେଶରୁ ବହୁ ସଂଖ୍ୟାରେ ସାମ୍ବାଦିକ ନିଜ ଦେଶ ଛାଡ଼ି ବାହାରକୁ ଚାଲିଯାଉଛନ୍ତି। କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ ଅନୁଯାୟୀ, ୨୦୨୦ରୁ ୨୦୨୩ ମଧ୍ୟରେ ସ୍ଥାନାନ୍ତର ପାଇଁ



ସମର୍ଥନ ଚାହୁଁଥିବା ସାମ୍ବାଦିକଙ୍କ ସଂଖ୍ୟା ୨୨୭ ପ୍ରତିଶତ ବୃଦ୍ଧି ପାଇଛି। ଅଧିକାଂଶ ସାମ୍ବାଦିକ ଆଫଗାନିସ୍ତାନ, ଇରାନ ଏବଂ ନିକାରାଗୁଆରୁ ଆସୁଛନ୍ତି। ନୂଆ ଦେଶରେ ନିର୍ବାସିତ ହୋଇ ରହିଥିବା ଅନେକ ସାମ୍ବାଦିକ ପୁନର୍ବାର କାର୍ଯ୍ୟ ଉପରେ ଧ୍ୟାନ ଦେଉଛନ୍ତି। ଚଳିତ ବର୍ଷ ବିଶ୍ୱର ଅଧା ଦେଶରେ ଲୋକେ ଭୋଟ ଦେବାକୁ ଯାଉଥିବାରୁ ଏହି ସାମ୍ବାଦିକମାନେ ସ୍ୱତନ୍ତ୍ର ଭାବରେ ନିଜ ମୂଳ ଦେଶରେ ନିର୍ବାଚନୀ ଜାଲିଆତି, ଦୁର୍ନୀତି ଏବଂ ମାନବ ଅଧିକାର ଉଲ୍ଲଂଘନ ବିଷୟରେ ନିର୍ଭୟରେ ରିପୋର୍ଟ କରିବାର ବାତାବରଣ ସୃଷ୍ଟି କରିପାରିଛନ୍ତି।। ସେମାନେ ମଧ୍ୟ ଶରଣାର୍ଥୀଙ୍କ ପାଇଁ ଜୀବନରେଖା ଭାବେ କାର୍ଯ୍ୟ କରନ୍ତି ଓ ସ୍ୱଦେଶକୁ ଫେରିବା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରନ୍ତି। ସେମାନଙ୍କ ସମସ୍ୟା ଉପରେ ସ୍ୱର ଉଠାଇବା ପାଇଁ ଏକ ମଞ୍ଚ ପ୍ରଦାନ କରିଥାନ୍ତି।

ଚଳିତ ବର୍ଷ ଅନେକ ପ୍ରେରଣାଦାୟୀ ଦୃଷ୍ଟାନ୍ତ ସାମ୍ନାକୁ ଆସିସାରିଲାଣି। ଏଲ୍‌ସାଲ୍‌ଭାଡୋରରେ ହେବାକୁ ଥିବା ଫେବୃଆରୀ ନିର୍ବାଚନ ପୂର୍ବରୁ କୋଷ୍ଟାରିକାରେ ଅବସ୍ଥିତ ନିର୍ବାସିତ ବା ପ୍ରବାସୀ ଗଣମାଧ୍ୟମ ଏଲ୍ ଫାରୋ ନିର୍ବାଚନ ଅନିୟମିତତା,ନିର୍ବାଚନ କ୍ଷେତ୍ରର ସୀମା ପରିବର୍ତ୍ତନ, ସାର୍ବଜନୀନ ପାଣ୍ଠିର ଅପବ୍ୟବହାର ତଥା ପ୍ରବାସୀ ଭୋଟର ତଦାରଖକୁ ପ୍ରକାଶ କରିଛି। ସେହିପରି ଏବେ ରିଗାରେ ଥିବା ରୁଷିଆର ମିଡିଆ ସଂସ୍ଥା ମେଡୁଜା ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିବା ରୁଷିଆ ରାଷ୍ଟ୍ରପତି ନିର୍ବାଚନରେ ସିଭିଲ ସର୍ଭାଣ୍ଟଙ୍କୁ ଭୋଟ ଦେବା ପାଇଁ କ୍ରେମ୍‌ଲିନ୍ ବ୍ୟବହାର କରିଥିବା ଇଲେକ୍ଟ୍ରୋନିକ୍ ଭୋଟିଂ ଟର୍ମିନାଲ ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଥିଲା। ସାମ୍ବାଦିକମାନେ ଯେଉଁମାନେ ଏକଚ୍ଛତ୍ରବାଦ ଶାସନରୁ ପଳାୟନକରି ଆଶ୍ରୟ ନେଇଥିବା ଦେଶରେ ମଧ୍ୟ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। କେବଳ ପଞ୍ଜୀକରଣ ଏବଂ ସେମାନଙ୍କର କାର୍ଯ୍ୟ ପୁନଃ ଆରମ୍ଭରେ ପ୍ରାୟତଃ ଜଟିଳ ଲାଇସେନ୍ସ ନିୟମ ଏବଂ କଟକଣାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ଏଥିରେ ସେମାନେ ସଫଳ ହେଲେ ମଧ୍ୟ ତାଙ୍କ ମୂଳ ଦେଶରେ ଦର୍ଶକଙ୍କ ବିଶ୍ୱାସ ହାସଲ କରିବା ଏବଂ ବଜାୟ ରଖିବା କଠିନ କାର୍ଯ୍ୟ ହୋଇପାରେ। କାରଣ ସେମାନଙ୍କର ୱେବ୍‌ସାଇଟ ଏବଂ ଆପ୍ ବନ୍ଦ କରିଦିଆଯାଇଥାଏ ଏବଂ ଭର୍ଚୁଆଲ ବେସରକାରୀ ନେଟ୍‌ୱର୍କ (ଭିପିଏନ୍‌ଏସ୍) ଅଧିକ ଅବିଶ୍ୱସନୀୟ ବୋଲି ପ୍ରମାଣିତ ହୋଇଥାଏ। ତେବେ ନିର୍ବାସିତ ଗଣମାଧ୍ୟମଗୁଡ଼ିକ ଏଯାବତ ନିଜ ଦେଶରେ ଉତ୍ସ, ଫ୍ରିଲାନ୍ସର ଏବଂ କର୍ମଚାରୀଙ୍କୁ ପରିଚାଳିତ କରୁଛନ୍ତି। ତେବେ ଏହି ବ୍ୟକ୍ତିବିଶେଷଙ୍କ ସୁରକ୍ଷା ପୂର୍ବାପେକ୍ଷା ଏବେ ଅଧିକ ଅନିଶ୍ଚିତ ତଥା ବିପଦପୂର୍ଣ୍ଣ ରହିଛି। ନିଜ ଦେଶ ତ୍ୟାଗକରିବାର ଆଘାତ ଓ ଅନ୍ୟ ଦେଶରେ ଏକ ଅପରିଚିତ ପରିବେଶରେ ଖାପଖୁଆଇବା ଚାପର କେବଳ ସେମାନେ ସମ୍ମୁଖୀନ ହୁଅନ୍ତି ନାହିଁ, ବରଂ ଆଇନଗତ ଆକ୍ରମଣ ଯାହା ଅନ୍ତର୍ଜାତୀୟ ଆଇନ ପ୍ରଣାଳୀ, ପ୍ରତ୍ୟର୍ପଣ ବ୍ୟବସ୍ଥା ଏବଂ ସାଇବର କିମ୍ବା ବୌଦ୍ଧିକ ସମ୍ପତ୍ତି ଆଇନର ଅପବ୍ୟବହାର ସ୍ଥିତିକୁ ସାମ୍ନା କରିଥାନ୍ତି। ସେମାନେ ଏକଚ୍ଛତ୍ରବାଦୀ ଶାସନରୁ ଖସିଯିବା ଲାଗି ଚାହୁଁଥିବାରୁ ଏସବୁ ଘଟୁଛି।

ଗଣମାଧ୍ୟମ ସ୍ୱାଧୀନତାର କଣ୍ଠରୋଧ କରିବା ଲାଗି ଆଇନକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଦ୍ୱାରା ଲଗାତର ବିପଦ ବୃଦ୍ଧିପାଉଛି। ୨୦୨୩ରେ ୧୦୬ ଦେଶର ପାଖାପାଖି ୫୦୦ ସାମ୍ବାଦିକଙ୍କୁ ନେଇ କଲମ୍ବିଆ ବିଶ୍ୱବିଦ୍ୟାଳୟ ସ୍ଥିତ ଟୋ ସେଣ୍ଟର ଅଫ୍ ଡିଜିଟାଲ ଜର୍ନାଲିଜମ୍ ଓ ଥମ୍‌ଶନ ରଏଟର୍ସ ଫାଉଣ୍ଡେଶନ ଦ୍ୱାରା ମିଳିତ ଭାବେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ପାଖାପାଖି ୫୦% ସାମ୍ବାଦିକ ନ୍ୟାୟିକ ବିପଦର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ବିରୋଧରେ ମାନହାନି, ଗୁପ୍ତଚର, ସାଇବର ମାନହାନି, ବିତ୍ତୀୟ ଅପରାଧ ଏବଂ ଉଗ୍ରବାଦ ଭଳି ଗମ୍ଭୀର ଅଭିଯୋଗ ହୋଇଥିଲା। ଆବଶ୍ୟକ ଆର୍ଥିକ ସମ୍ବଳ ନ ଥିବା କିମ୍ବା କିପରି ନୂତନ ଆଧିକାରିକ କ୍ଷେତ୍ରରେ ନିଜକୁ ରକ୍ଷା କରିବେ ସେ ସମ୍ପର୍କିତ ଆଇନଗତ ଜ୍ଞାନର ଅଭାବ ରହିଥିବା ନିର୍ବାସିତ ମିଡିଆ ସଂସ୍ଥାଗୁଡ଼ିକ ପ୍ରତି ଏଭଳି ଆଇନଗତ ଆକ୍ରମଣର ସମ୍ଭାବନା ଅଧିକ ରହିଛି। ଉଦାହରଣ ସ୍ୱରୂପ, ସାଲ୍‌ଭାଡୋ ସରକାର ଏଲ୍ ଫାରୋ ବିରୋଧରେ ମନି ଲଣ୍ଡରିଂ ତଦନ୍ତ ଆରମ୍ଭ କରିଛନ୍ତି। ଗୁଏଟ୍‌ମାଲା ମଧ୍ୟ ମେ ୨୦୨୩ରେ ବଳପୂର୍ବକ ବନ୍ଦ କରିଦିଆଯାଇଥିବା ଏଲ୍‌ପିରିୟଡିକୋ ଖବରକାଗଜର ପ୍ରତିଷ୍ଠାତା ସମ୍ପାଦକ ରୁବେନ୍ ଜାମୋରାଙ୍କୁ ଜେଲରେ ରଖିବା ପାଇଁ ସମାନ କୌଶଳ ଆପଣାଇଛି। ସାଇବର ଆକ୍ରମଣ ମଧ୍ୟ ବିଭିନ୍ନ ଦେଶରେ ପରିଲକ୍ଷିତ ହେଉଛି। ଫେବୃଆରୀରେ ନାଭାଲ୍‌ନିଙ୍କ ମୃତ୍ୟୁ ବିଷୟରେ ରିପୋର୍ଟ କରିବା ପରେ ମେଡୁଜା ସବୁଠାରୁ ବଡ଼ ସାଇବର ଆକ୍ରମଣର ସମ୍ମୁଖୀନ ହୋଇଥିଲା। ଆକ୍ରମଣକାରୀମାନେ ମେଡୁଜାଙ୍କ ୱେବ୍‌ସାଇଟ୍‌କୁ ଅଚଳ କରିଦେବା ସହ ଚ୍ୟାନେଲଗୁଡ଼ିକୁ ନଷ୍ଟ କରିଦେଇଥିଲେ ଏବଂ ସାମ୍ବାଦିକମାନଙ୍କ ଆକାଉଣ୍ଟକୁ ହ୍ୟାକ୍ କରିଥିଲେ।

ଏଭଳି ସାମ୍ପ୍ରତିକ ବିପଦକୁ ଲକ୍ଷ୍ୟକରି ଥମଶନ ରଏଟର୍ସ ଫାଉଣ୍ଡେଶନର ୪୦ ବର୍ଷର ଇତିହାସରେ ସ୍ୱାଧୀନ ଗଣମାଧ୍ୟମର କାର୍ଯ୍ୟକ୍ଷମ ବୃଦ୍ଧି ତଥା ଆଇନଗତ ସ୍ଥିରତା ସୃଷ୍ଟି କରିବାରେ ସାହାଯ୍ୟ କରିଚାଲିଛି। ଦକ୍ଷିଣ ସୁଦାନରୁ ଭେନେଜୁଏଲା ନିର୍ବାସିତ ହୋଇଥିବା ଏକ ଖବର ସରବରାହ ସଂସ୍ଥା ନିଜ ଦେଶର ନିର୍ବାଚନ ବିଷୟରେ ରିପୋର୍ଟ କରିବାକୁ ପ୍ରସ୍ତୁତ ହେଉଥିବାରୁ ଆମେ ଆମର କାର୍ଯ୍ୟକଳାପକୁ ବଢ଼ାଇଛୁ ଏବଂ ଅନ୍ୟମାନେ ମଧ୍ୟ ତାହା କରିବା ଉଚିତ। ଅଭିବ୍ୟକ୍ତି ସ୍ୱାଧୀନତା ଉପରେ କୁତ୍ସିତ ଆକ୍ରମଣ କରାଯାଇ ଏହାର କଣ୍ଠରୋଧ କରାଯାଉଛି ଏବଂ ସାରା ବିଶ୍ୱରେ ଏହା ଗଣତାନ୍ତ୍ରିକ ଅଧୋଗତିର କାରଣ ହେଉଛି। ଏହାର ମୁକାବିଲା ପାଇଁ ମିଡିଆ ସଙ୍ଗଠନଗୁଡ଼ିକର ଏକ ସମ୍ମିଳିତ ଦାୟିତ୍ୱ ରହିଛି।

**ସିଇଓ, ଥମଶନ ରଏଟର୍ସ ଫାଉଣ୍ଡେଶନ**

# ଚରିତ୍ରବତ୍ତା



ବୈକୁଣ୍ଠନାଥ ମିଶ୍ର

ନାରୀ ପ୍ରତି ଯୌନ ଉଚ୍ଛୃଙ୍ଖଳତା ଯୁଗେ ଯୁଗେ ଏକ ଦୁରାରୋଗ୍ୟ ବ୍ୟାଧିପରି ସମାଜକୁ ଆକ୍ରାନ୍ତ କରିବାରେ ଲାଗିଛି। ସୀତାଙ୍କୁ ହରଣ କରି ନ ଥିଲେ ରାବଣ ପରି ବ୍ରହ୍ମଜ୍ଞାନୀର ବିନାଶ ହୋଇ ନ ଥାନ୍ତା। କବି ବିଶ୍ୱନାଥ ଖୁଣ୍ଟିଆ 'ବିଚିତ୍ର ରାମାୟଣ'ରେ ଲେଖିଲେ–'ବୋଲେ ବିଶି ସୀତା ହରିଲା ଦିନରୁ ଦଇବ ତାହାକୁ ଛାଡ଼ିଲା।' ସେହିପରି ଦ୍ରୌପଦୀଙ୍କର ଅପମାନରୁ ହିଁ ବିଭୀଷିକାମୟ ମହାଭାରତ ଯୁଦ୍ଧର ଅୟମାରମ୍ଭ ଓ ଏକ ଅଧର୍ମୀ ପରାକ୍ରମଶାଳୀ ରାଜବଂଶର ମହାବିନାଶ।

ନାରୀର ଶାରୀରିକ ସୌନ୍ଦର୍ଯ୍ୟରେ ପଥହରା ହୋଇ ଯୁଗେ ଯୁଗେ ମୁନିଋଷି ମଧ୍ୟ ଭ୍ରମିତ ହୋଇଥିବାର ଦୃଷ୍ଟାନ୍ତ ପୁରାଣପୃଷ୍ଠାରେ ଦେଖିବାକୁ ମିଳେ। ଏ ସମ୍ବନ୍ଧରେ ଏକ ପୌରାଣିକ କାହାଣୀ ଆଲୋଚନାସାପେକ୍ଷ। ଜୈମିନି ଋଷି ଥିଲେ ମହର୍ଷି ବ୍ୟାସଦେବଙ୍କର ପ୍ରିୟଶିଷ୍ୟ। ତାଙ୍କର ପ୍ରଜ୍ଞାଶୀଳ ବ୍ୟକ୍ତିତ୍ୱ ବ୍ୟାସଦେବଙ୍କୁ ଆକୃଷ୍ଟ କରିଥିଲା। ଶ୍ରୀମଦ୍‌ଭାଗବତ ରଚନା ସମୟରେ ଗୁରୁ ବ୍ୟାସଦେବ ଶିଷ୍ୟ ଜୈମିନିଙ୍କୁ କହିଲେ, ଟିକେ ଦେଖିନିଅ କାଳେ କେଉଁଠି କିଛି ଭୁଲ୍ ଥିବ। ସଂସ୍କୃତ ଭାଗବତର ନବମ ସ୍କନ୍ଧରେ ବ୍ୟାସଦେବ ଶ୍ଳୋକଟିଏ ଲେଖିଥିଲେ– ଇନ୍ଦ୍ରିୟସମୂହ ଏତେ ବଳବାନ୍ ଯେ ବଡ଼ ବଡ଼ ବିଦ୍ୱାନ୍‌ମାନଙ୍କୁ ଭ୍ରମିତ ଓ ବିଚଳିତ କରିଥାନ୍ତି।' ଶ୍ଳୋକଟି ପଢ଼ି ଜୈମିନି ଗୁରୁଙ୍କୁ କହିଲେ, ସେ ଭୁଲ୍ କରିଛନ୍ତି। ବିଦ୍ୱାନ୍ ଓ ପଣ୍ଡିତ ବ୍ୟକ୍ତି କେବେହେଲେ ଇନ୍ଦ୍ରିୟାସକ୍ତ ହୁଅନ୍ତି ନାହିଁ। ବ୍ୟାସଦେବ ଏ କଥା ଅସ୍ୱୀକାର କଲେ ଓ ଯଥାସମୟରେ ସେ ଶ୍ଳୋକଟିର ଔଚିତ୍ୟ ପ୍ରମାଣ କରିବେ ବୋଲି ପ୍ରତିଜ୍ଞା କଲେ।

ଦିନେ ଏକ ବର୍ଷଣମୁଖର ଅପରାହ୍ନରେ ଜୈମିନି ଦେଖିଲେ ତାଙ୍କ କୁଟିର ସନ୍ନିକଟ ବୃକ୍ଷତଳେ ଜଣେ ଅସାମାନ୍ୟା ସୁନ୍ଦରୀ ଯୁବତୀ ବର୍ଷାରେ ଭିଜୁଛନ୍ତି। ଜୈମିନି ତାଙ୍କ ନିକଟକୁ ଯାଇ କହିଲେ, ବର୍ଷାରେ ନ ଭିଜି କିଛି ସମୟ ମୋ କୁଟିରରେ ବିଶ୍ରାମ କରନ୍ତୁ। ଯୁବତୀ କହିଲେ,ଆପଣ ଜଣେ ପୁରୁଷ ଓ ମୁଁ ନାରୀ। ନିର୍ଜନ କୁଟିରରେ କିପରି ଆପଣଙ୍କୁ ଭରସା କରିବି? ଉତ୍ତରରେ ଜୈମିନି କହିଲେ– ତୁମେ ବୋଧେ ଜ୍ଞାତ ନୁହଁ ଯେ ମୁଁ ମୀମାଂସା ଶାସ୍ତ୍ରର ପ୍ରଣେତା ଆଚାର୍ଯ୍ୟ ଜୈମିନି। ଇନ୍ଦ୍ରିୟ ଦମନ କରିଥିବା ସ୍ଥିତପ୍ରଜ୍ଞ ଜୈମିନିଙ୍କୁ ଭରସା ନ କରି ଆଉ କାହାକୁ ବା ଭରସା କରିବ? ଯୁବତୀ ନିଶଙ୍କଚିତ୍ତରେ କୁଟିର ମଧ୍ୟକୁ ପ୍ରବେଶ କଲେ। ତାଙ୍କ ଅଲୌକିକ ରୂପଲାବଣ୍ୟ ସନ୍ଦର୍ଶନରେ ଜୈମିନିଙ୍କ ବିଚାରଧାରାରେ ଏକ ଅସ୍ୱାଭାବିକ ପରିବର୍ତ୍ତନ ଆସିଲା। ସେ ଯୁବତୀଙ୍କୁ କହିଲେ, ତୁମେ ଅସାମାନ୍ୟା ସୁନ୍ଦରୀ ଓ ଅବିବାହିତା ମଧ୍ୟ। ମୋତେ ବିବାହ କରିବାରେ କିଛି ଆପତ୍ତି ଅଛି? ଯୁବତୀ କହିଲେ ମୋର ସେପରି କିଛି ଆପତ୍ତି ନାହିଁ। ମାତ୍ର ଏକ ପିତୃଦତ୍ତ ସର୍ତ୍ତ ରହିଛି। ସର୍ତ୍ତଟି ଏହିପରି ଯେ– ଯେଉଁ ପୁରୁଷ ମୁହଁରେ କଳା ବୋଳି ଘୋଡ଼ାପରି ମୋତେ ପିଠିରେ ବସାଇ ନିକଟସ୍ଥ ଅମ୍ବିକା ମନ୍ଦିରରେ ଦର୍ଶନ କରାଇବେ ସେ ହିଁ ମୋର ପାଣି ଗ୍ରହଣ କରିବେ। ଜୈମିନି ନିଜର ପ୍ରତିଷ୍ଠା ଭୁଲି ଯୁବତୀଙ୍କ ପ୍ରସ୍ତାବରେ ସମ୍ମତ ହେଲେ। ପୂର୍ବ ଯୋଜନା ଅନୁଯାୟୀ ଅମ୍ବିକା ମନ୍ଦିରରେ ମହର୍ଷି ବ୍ୟାସ ଲୁଚି ବସିଥିଲେ। ସେ ତତ୍‌କ୍ଷଣାତ୍ ଜୈମିନିଙ୍କ ସମ୍ମୁଖକୁ ଆସି କହିଲେ– ଏଥର କୁହ ବତ୍ସ! ତୁମେ ଠିକ୍ ନା ମୁଁ ଠିକ୍। ଅତ୍ୟନ୍ତ ଲଜ୍ଜାବନତ ହୋଇ ଜୈମିନି ନିଜର ଭୁଲ୍ ସ୍ୱୀକାର କଲେ। ବ୍ୟାସଦେବ ସେହିଠାରେ କହିଥିଲେ, ଯେତେବଡ଼ ଜ୍ଞାନୀ ଗୁଣୀ ହୋଇଥିଲେ ମଧ୍ୟ ଇନ୍ଦ୍ରିୟ ଦମନ କରି ନ ପାରିଲେ ତା'ର ସମସ୍ତ ସାଧନା ବ୍ୟର୍ଥ।

କବିବର ରାଧାନାଥ ଚନ୍ଦ୍ରଭାଗା କାବ୍ୟରେ ଲେଖିଲେ–'ଦାରୁ ଭେଦକ୍ଷମ ଭ୍ରମର ପଶି କମଳ କୋଳେ– ପାସୋରେ ଆପଣା ବିକ୍ରମ ପ୍ରେମ ମୋହନ ଭୋଳେ' ଅର୍ଥାତ୍ ଯେଉଁ ଭ୍ରମର ଶକ୍ତ ଦାରୁକୁ ଯେଉଁମାନେ ନାରୀକୁ ଏକ ସମ୍ଭୋଗ ସାମଗ୍ରୀ ମନେକରି ତା' ସହ ଅବିଚାରିତ ବ୍ୟବହାର କରନ୍ତି ସେମାନେ ହୁଏତ ନିଜ କ୍ଷମତା ବଳରେ ଅନ୍ୟର କଣ୍ଠରୋଧ କରିପାରନ୍ତି, ମାତ୍ର ଈଶ୍ୱରୀୟ ଦରବାରରେ ସେମାନଙ୍କୁ କ୍ଷମା ନାହିଁ। ଆତ୍ମ ସଂଯମତା ରକ୍ଷା ନ କରିପାରିଲେ ବ୍ୟକ୍ତି ନିଜର ମୂଲ୍ୟବାନ୍ ବ୍ୟକ୍ତିତ୍ୱକୁ ହରାଇ ବସେ। ଯୁଗେ ଯୁଗେ ଚରିତ୍ରବତ୍ତାର ଉପାସନା କରାଯାଏ।

ମୋ: ୯୯୩୭୪୫୦୫୪୦

## ଏଇ ଭାରତରେ

ଜୈବିକ ଆଇସକ୍ରିମ୍ ଫ୍ୟାକ୍ଟ୍ରି ଦେଖିବାକୁ ପାଇବେ ଆନ୍ଧ୍ରପ୍ରଦେଶର ନେଲୋରରେ। ଏହାକୁ ଚଳାଉଛନ୍ତି ଉଦ୍ୟୋଗପତି ସୁବାସ ବି ଶେଟ୍ଟି। ଏହି ଫ୍ୟାକ୍ଟ୍ରି ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଲିଛି। ଅର୍ଥାତ୍ ସବୁଥିରେ ସୌରଶକ୍ତି ଉପଯୋଗ କରାଯାଉଛି। ଏହି ବ୍ୟବସାୟରୁ ସେ ବର୍ଷକୁ ୧୨ କୋଟି ଟଙ୍କା ରୋଜଗାର କରୁଛନ୍ତି। ଏଥିରେ ଜୈବିକ ରଙ୍ଗ ବ୍ୟବହାର ହେଉଛି। ସୁବାସ ଫାର୍ମାସିରେ ପିଏଚ୍‌ଡି କରିଛନ୍ତି। ହେଲେ ସେ ଏଥିରେ କ୍ୟାରିୟର ନ କରି ଜୈବିକ ପଦ୍ଧତିରେ ଆଇସକ୍ରିମ୍ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ନେଲୋରରେ ପ୍ରଚୁର କ୍ଷୀର ଉପଲବ୍ଧ ହେଉଥିବାରୁ ସେ ଏହାକୁ ଉପଯୋଗ କରି ଆଇସକ୍ରିମ୍ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ଏବେ ସେଥିରେ ସେ ସଫଳ ହୋଇପାରିଛନ୍ତି। ଦୁଇ ଦଶନ୍ଧି ପୂର୍ବେ ଏହି ବ୍ୟବସାୟ ଆରମ୍ଭ କରିବାର ଦୁଇଦିନ ମଧ୍ୟରେ ସେ ୪୫ ଲିଟର ଆଇସକ୍ରିମ୍ ପ୍ରସ୍ତୁତ କରିପାରିଥିଲେ। ଏବେ ୮୦ଟି ଆଉଟଲେଟ୍ ରହିଛି। ସବୁଠୁ ବଡ଼ କଥା ହେଉଛି ଫ୍ୟାକ୍ଟ୍ରିରୁ ବାହାରୁଥିବା ବର୍ଜ୍ୟପାଣିକୁ ସେ ବଗିଚାରେ ବ୍ୟବହାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ମେ ୧୯୭୫

- ଆମେରିକାର ଏକ ଉଚ୍ଚଶକ୍ତି ସମ୍ପନ୍ନ ୟୁ–୨ ପ୍ରତିରକ୍ଷା ବିମାନ ପଶ୍ଚିମ ଜର୍ମାନୀର ଉଇଣ୍ଟରବର୍ଗ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଧ୍ୱଂସ ପାଇଯାଇଛି।
- ଦେଶର ପ୍ରଥମ ମହିଳା ଭାବେ ଦିଲ୍ଲୀର କୁମାରୀ ଅନିତା ଗ୍ରୋଭର ଉତ୍ତର ପ୍ରଦେଶରେ ଆକାଉଣ୍ଟାଣ୍ଟ ଜେନେରାଲ ରୂପେ ନିଯୁକ୍ତ ହୋଇଛନ୍ତି।
- ତାଞ୍ଜାନିଆର ନୂତନ ରାଜଧାନୀ 'ଦୋଦୋମା'ଠାରେ ନିର୍ମାଣ କରାଯିବା ନେଇ ଏ ସମ୍ପର୍କୀୟ ଯୋଜନା ଓ କାର୍ଯ୍ୟକ୍ରମକୁ ଶାସକ ଦଳ ମଞ୍ଜୁର କରିଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 2 | | | 3 | | 9 | | |
| | | | | | 1 | | | |
| | | | | | 4 | | 7 | |
| | 7 | | | | | | 4 | 2 |
| | 1 | 4 | 3 | | | 7 | | |
| | 3 | | | | | | | |
| 8 | 9 | 7 | | | | 2 | | |
| | | | 1 | | 7 | | | 5 |
| | | | 2 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 4 | 8 | 5 | 7 | 9 | 6 |
| 6 | 5 | 4 | 1 | 7 | 9 | 8 | 2 | 3 |
| 8 | 7 | 9 | 6 | 2 | 3 | 1 | 4 | 5 |
| 2 | 3 | 1 | 9 | 5 | 4 | 6 | 8 | 7 |
| 4 | 9 | 8 | 7 | 6 | 1 | 3 | 5 | 2 |
| 7 | 6 | 5 | 8 | 3 | 2 | 9 | 1 | 4 |
| 3 | 4 | 6 | 2 | 1 | 8 | 5 | 7 | 9 |
| 5 | 1 | 2 | 3 | 9 | 7 | 4 | 6 | 8 |
| 9 | 8 | 7 | 5 | 4 | 6 | 2 | 3 | 1 |

ଗତକାଲିର ଉତ୍ତର

# କବିତା ଆସର ଭେଳିକି



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

ପ୍ରତ୍ୟେକ ସାହିତ୍ୟର ଏକ ଶକ୍ତିଶାଳୀ ବିଭାଗ ହେଉଛି କବିତା। ହୁଏତ ପ୍ରତ୍ୟେକ ସାହିତ୍ୟିକ ପ୍ରଥମେ ଜଣେ କବି। ମୋର ଯୁକ୍ତ୩ ଦ୍ୱିତୀୟ ବର୍ଷରେ ଗୋଟିଏ କବିତା ଆସରକୁ ପ୍ରଥମେ ଯାଇଥିଲି। କବିତା ପଢିଲି। ତାଳି ଓ ପ୍ରଶଂସା ଯାହା ପାଇଥିଲି କବିତା ପ୍ରତି ଯାହା ପ୍ରେରିତ କଲା କଲା କବିତା ଆସର ପ୍ରତି ତିଆରି ହେଇଗଲା ଗୋଟେ ଦୁର୍ବାର ଆକର୍ଷଣ। ସେ ଆକର୍ଷଣ ବଳବତ୍ତର ଥିଲା ଅନେକ ବର୍ଷ ଯାଏ। ମୁଁ ବରାବର ଭାବେ, ସଂଯୋଜକ ଏତେ ସୁନ୍ଦର ଶବ୍ଦ ସବୁ ଆଣନ୍ତି କେଉଁଠୁ ପ୍ରତି ଥର! ସଂଯୋଜନା ଗୋଟେ କଷ୍ଟ କାମ ବୋଲି ମୁଁ ବୁଝିଥାଏ। ସଭା ସମିତିକୁ ମୋର ପ୍ରବେଶ ଅନେକ ପରେ। ଥରେ ଗୋଟେ କବିତା ପାଠ ହେଉଥାଏ ଗୋଦାବରୀଶ ଭବନରେ। ଦୁଇ ଜଣ ବୟସ୍କା କବି ମୋ ପଛ ଚେୟାରରେ ଜୋର୍ ଗପୁଥାଆନ୍ତି। ମୁଁ କହିଲି, ଆଜ୍ଞା ଆସର ପରେ ଗପିଲେ ହେବନି? କବିତା କିଛି ଶୁଣି ହେଉନି। ଜଣେ କହିଲେ, ଆସର ପରେ ତ ସେ ତା ଘରକୁ ଯିବ , ମୁଁ ମୋ ଘରକୁ। ପୁଣି କେବେ ଭେଟ ହବ କିଏ ଜାଣେ। ମୁଁ କହିଲି, ତେବେ ବାହାରେ ଯାଇ କଥା ହୁଅନ୍ତୁ। ସେ କହିଲେ ତାଙ୍କ ନାଁ ଡକା ହବ ଯଦି? ମୋଟାମୋଟି, ସେଠି ଅନେକ ଲୋକ ଗପୁଥିଲେ ଓ ଏହା ଏକ କବି ମିଳନ ବୋଲି ବୁଝିଲି।

କୌଣସି ଏକ ସଭାରେ ମୋତେ ସଂଯୋଜନାରେ ରଖି ଥାଆନ୍ତି। ମୁଁ କିଛି କବିତାର ଧାଡ଼ି ମନେପକାଇ ରଖିଥାଏ। ଧାଡ଼ିଏ ଦି' ଧାଡ଼ି କହିଛି କି ନାହିଁ, ଆୟୋଜକ କାନରେ କହିଲେ, ଖାଲି ନାଁ ଡାକି ଚାଲନ୍ତୁ। ବହୁ କବି ଅଛନ୍ତି। ଆଚ୍ଛା... ଅମୁକ ପରେ ସମୁକ। ପ୍ରସ୍ତୁତ ରୁହନ୍ତୁ ଅମୁକ। କିଏ କହିଲେଣି ମୁଁ ଆଗେ ଦେଇ ଥିଲି, ମୋ ନମ୍ବର କୁଆଡ଼େ ଗଲା, ଆଉ କିଏ କହିଲାଣି ମୋ ଘର ଦୂର ମୋତେ ଆଗେ ଡାକ। କିଏ କହିଲେଣି ମୁଁ ବରିଷ୍ଠ ମତେ ଡାକ ତ କାହା ପାଇଁ ଆୟୋଜକ ନିଜେ କାନରେ କହିଲେଣି। ୟା ପରକୁ ଆସିଲା ମୋବାଇଲ ମେସେଜ... କବିତାର ନାଁ ଏଇଆ, କବିତା ଆଣି ନାହିଁ, ମୋବାଇଲରୁ ପଢିବି। ଏଇ ମ୍ୟାନେଜମେଣ୍ଟ କାମ ତେବେ ସଂଯୋଜନା । ୟା'ଠାରୁ ତ ଭଲ ଗୋଟେ ଲିଷ୍ଟ କାନ୍ଥରେ ମାରି ଦେବ। ନିଜ ସିରିଏଲ ଦେଖି ନିଜେ ପଢ଼ି ଦେଇ ପଳେଇବ।

ଧୀରେ ଧୀରେ କବିତା ଆସର ଏକ ଭିଡ଼ ଆକର୍ଷଣକାରୀ ଆବଶ୍ୟକତା (କ୍ରାଉଡ ପୁଲିଂ ଇଭେଣ୍ଟ)ରେ ପରିବର୍ତ୍ତନ ହେଲାଣି। କାଳେ ଶୁଖିଲା ଭାଷଣ ଶୁଣିବାକୁ କିଏ ଆସିବେନି (କିଏ ବା କାହିଁକି ଆସିବେ), ତେଣୁ କବିତା ଆସରଟେ ଗେଞ୍ଜି ଦିଅ। ସାର୍ଟିଫିକେଟ ଦିଅ। ଷ୍ଟେଜ୍‌ରେ ହସ ହସ ଫଟୋ ନେଇ ଫେସ୍‌ବୁକରେ ଦେବା ଲୋଭରେ ଲୋକେ (କବି) ଆସିବେ। ନ ହେଲେ କବିତା ଶୁଣିବାକୁ ବା ଆସୁଚି କିଏ! ଯଦି ତୁମ ଭାଗ୍ୟ ଭଲ, ତୁମ ନମ୍ବର ଆଗରେ ଅଛି, ପ୍ରେସ୍ ମୁଡ୍‌ରେ ଲୋକେ ତୁମ କବିତା ଶୁଣିବେ ଓ ଫୁଲ୍ ହଲ୍‌ର ଗୋଟେ ମିଶାମିଶି ଭିଡିଓ ତୁମ କବିତା ସାଙ୍ଗରେ ନିଆଯାଇ ପାରିବ। ଆଉ ଯଦି ଶେଷ ଆଡ଼କୁ ରହିଲ, ଖାଲି ସଂଯୋଜକ, ତୁମ ଫଟୋ ନେବାକୁ ବସିଥିବା ଲୋକ ବା ତୁମ ସଙ୍ଗେ ଗୋଟେ ଗାଡ଼ିରେ ଆସିଥିବା ଲୋକ ହିଁ ଥିବେ। ଥରେ ମେ' ଫେୟାରରେ ଗୋଟିଏ ବର୍ଣ୍ଣାଢ୍ୟ କବିତା



ଉତ୍ସବରେ କବିତା ପଢା ସରି ନ ଥାଏ, ଏଣେ ପଛରୁ ଚେୟାର ସବୁ ବୋହିବା ଆରମ୍ଭ ହେଲାଣି। ତାଙ୍କ ବୁକିଂ ଟାଇମ୍ କାଳେ ପାରହେଇ ଯାଇଥିଲା ଓ ରାତିରେ ଅନ୍ୟ ପ୍ରୋଗ୍ରାମ ପାଇଁ ହଲ୍‌ଟି ସଜେଇବାର ଥିଲା। ବିଚରା ଶେଷ କବିମାନେ! ଶୁଣିବାକୁ ଥିବା ଚେୟାର ତକ ବି ବୁହାହେଇ ଗଲେ।

ରାଜ୍ୟସ୍ତରୀୟ କବିତା ଉତ୍ସବରେ ଗ୍ଲାମର୍ ଭରପୂର ଥାଏ। ସମସ୍ତେ ସୁନ୍ଦର ପରିପାଟୀରେ ଆସନ୍ତି। ହଲ୍‌ର ସାଜସଜ୍ଜା ଚମତ୍କାର ଥାଏ। ଏସିର ଥଣ୍ଡା ହାୱା ଖାଇ ଗୋଟେ କବିତ୍ୱ ଫୁଟି ଉଠେ। କବିତା ପସନ୍ଦ ଆସିବା ଜରୁରୀ ନୁହେଁ। କବି ପସନ୍ଦ ଆସିବା ଜରୁରୀ। ବାଃ ବାଃ ଓ ତାଳି ସାଙ୍ଗରେ କବିତାର କିଛି ସମ୍ପର୍କ ନ ଥାଏ। ତେବେ ଏଠିକୁ ଆସୁଥିବା କବିମାନେ ମର୍ଯ୍ୟାଦା ରଖି ଭଲ କବିତା ଆଣନ୍ତି, ପଢନ୍ତି ଓ ନିଜର ସରିଲେ ବାହାରେ ଯାଇ ଫଟୋ ଉଠାନ୍ତି ବା ଚା' ପିଅନ୍ତି। ସବୁ ଗଣ୍ଡଗୋଳ ହୁଏ ଆଞ୍ଚଳିକ କାର୍ଯ୍ୟକ୍ରମରେ। ସ୍ୱର କରି ବୋଲିବା, ଜଣେ ଚାରି ପୃଷ୍ଠାର କବିତା ପଢ଼ିବା, ଦୁନିଆ ଯାକର ଗପ ପେଡ଼ି ମେଲେଇ ବସିବା ପରି କାମ ମଧ୍ୟାହ୍ନଭୋଜନ ଯାଏ ଚାଲେ। ବିଚରା ସଂଯୋଜକ ଯେତେ କହିଲେ ମଧ୍ୟ କେହି ଶୁଣନ୍ତି ନାହିଁ। ତେବେ ଦୂର ଦୂରାନ୍ତରୁ କେବଳ କବିତାଟି ପଢିବାକୁ ଆସିଥିବା କବିମାନଙ୍କୁ ଦେଖିଲେ ଶ୍ରଦ୍ଧାରେ ମୁଣ୍ଡ ନଇଁଯାଏ। ମଇଳା, ଲୋଚାକୋଚା ଲୁଗା ପିନ୍ଧା ଗାଉଁଲି ମଣିଷଟିଏ ହେଉ କି ଶାଶୁଘରର ଲକ୍ଷ୍ମଣରେଖା ଡେଇଁ ଆସିଥିବା ଗୃହିଣୀଟିଏ ହେଉ କବିତା ହିଁ ତାଙ୍କ ଆସିବାର ଏକମାତ୍ର କାରଣ। ନା ସେମାନଙ୍କର ସ୍ମାର୍ଟ ଫୋନ ଅଛି ନା ପତ୍ରପତ୍ରିକା ବିଷୟରେ ଧାରଣା। ସେମାନେ ଲେଖୁଥିବା କବିତା ହୁଏତ ଆମେ ପସନ୍ଦ କରିବା ନାହିଁ, କିନ୍ତୁ ତାଙ୍କର ସାଧନା ଅବ୍ୟାହତ ରହିଥାଏ। ସେଇ ସଭାମାନଙ୍କରେ ଯେତେ ଭଲ କବିତା ପଢ଼ିଲେ ମଧ୍ୟ ରିଭ୍ୟୁ ଆସିବା ଅସମ୍ଭବ। ସମସ୍ତେ କେମିତି ଗୋଟେ ଅସମ୍ଭାଳ ଅବସ୍ଥାରେ ଥାଆନ୍ତି। ସରିଲେ ଧାଡ଼ିବାନ୍ଧି ଗୋଟେ ଅରୁଆ ଡାଲମା ବାଢ଼େଇ ଦେଇ ଘରକୁ ଯିବାର ଥାଏ।

ତେବେ ଆଞ୍ଚଳିକ ହେଉ କି ରାଜ୍ୟସ୍ତରୀୟ ଆମେ ସମସ୍ତେ କବିତା ପାଇଁ ହିଁ ଯାଉ। କବିତା ପରି ଏକ ଭାବନାତ୍ମକ ବିଷୟକୁ କ୍ରାଉଡ ପୁଲିଂର ମାଧ୍ୟମ କରା ନ ଯାଉ। ଭାଷଣ ଅଲଗା ହେଉ। ନଚେତ୍ ନ ହେଉ। ଯଦି ଉତ୍ସବର ପ୍ରଥମାର୍ଦ୍ଧ ଆଲୋଚନା ଉପରେ ପର୍ଯ୍ୟବସିତ ଓ ସେଥିରେ ସମ୍ବର୍ଦ୍ଧନା ଇତ୍ୟାଦିର ବ୍ୟବସ୍ଥା ଅଛି ତେବେ ଆଦୌ କବିତା ନ ହେଉ। ଅନେକ ବକ୍ତା ଶ୍ରୋତାମାନଙ୍କୁ ଦେଖି ସମୟ ଜ୍ଞାନ ଭୁଲି ଯାଆନ୍ତି ଓ କାବ୍ୟକଳା ଉପରେ କହିଚାଲନ୍ତି। ବିଚରା କବିଗଣ କେବଳ ଘଡି ଦେଖି ବ୍ୟସ୍ତ ହେବା ଛଡା ଆଉ ଉପାୟ କ'ଣ। ଏତକ ହେଲେ କବିମାନେ ଶେଷ ପର୍ଯ୍ୟନ୍ତ ବସନ୍ତେ ଓ ପରସ୍ପରର କବିତା ଶୁଣନ୍ତେ। କବିତା ଶେଷରେ ଏହାର ସମୀକ୍ଷା ହୁଅନ୍ତା। ଅଳ୍ପ ଅଳ୍ପ କବିଙ୍କୁ ନେଇ ଛୋଟ ଛୋଟ ଆସର ହୁଅନ୍ତା। ଏକା ଥରେ କବିତା ହାଟ ହୁଅନ୍ତା ନାହିଁ। ତେବେ ସିନା ମର୍ଯ୍ୟାଦା ରହନ୍ତା ଏହି କବିତା ପାଠର।

**ଅଧ୍ୟାପିକା (ଇଂରାଜୀ), ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର, ରୋଡ୍**
**ମୋ:୭୭୩୫୭୩୪୯୬୪**

## ଚିରନ୍ତନୀ

ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ରି ଶୁଭ ନିମନ୍ତ୍ରଣ।
ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ।

–(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତଙ୍କ ପାଇଁ ଆଇନ ସମାନ ହେଉ

ମହାଶୟ,

ମୋବାଇଲ ଆଣିଥିବା ହେତୁ ବହୁ ଭୋଟର ମତଦାନରୁ ବଞ୍ଚିତ ହୋଇଛନ୍ତି। ପ୍ରାୟ କେତେକ ଭୋଟର ଚିରିକୁଟ୍ କାଗଜ ପାଇ ନ ଥିବା ବେଳେ ସେମାନେ ବିଭିନ୍ନ ଡିଜିଟାଲ ଆପ୍ ଦ୍ୱାରା ଭୋଟଦାନ ସମ୍ପର୍କିତ ତଥ୍ୟ ରଖିଥିଲେ। କିନ୍ତୁ ସାମ୍ବିଧାନିକ ପ୍ରକ୍ରିୟାରେ ବାରଣ ହେତୁ ସେମାନେ ବୁଥ୍ ଭିତରକୁ ମୋବାଇଲ ନେଇପାରି ନ ଥିଲେ। ଭୋଟ କେନ୍ଦ୍ର ବାହାରେ ଭୋଟରଙ୍କ ମୋବାଇଲ ଫୋନକୁ ସୁରକ୍ଷିତ ରଖିବାରେ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଦୁର୍ଭାଗ୍ୟଜନକ। ଅପରପକ୍ଷେ ଭୋଟରଙ୍କ ନିମନ୍ତେ କିଏ କେଉଁଠି କେଉଁ ନମ୍ବର ବୁଥ୍‌ରେ ଭୋଟ ଦେବେ ସେଥିନିମନ୍ତେ ସୂଚନା ବ୍ୟାନର ଲଗାଯାଇ ନ ଥିବା କାରଣରୁ ବହୁ ମତଦାତା ଗୋଟିଏ ବୁଥ୍‌ରେ ଘଣ୍ଟା ଘଣ୍ଟା ଠିଆ ହେବା ପରେ ଜାଣିବାକୁ ପାଇଥିଲେ ଯେ ତାହା ସେମାନଙ୍କ ବୁଥ୍ ନୁହେଁ। ଯଦି କ୍ୟାମେରା ବା ମୋବାଇଲ ଫୋନ ବୁଥ୍ ଭିତରକୁ ନେବା ନିଷେଧ, ତେବେ ରାଜନେତାଙ୍କ ସମେତ ଫିଲ୍ମ ସେଲିବ୍ରିଟି ଓ ସାଧାରଣ ଭୋଟରମାନେ ବୁଥ୍ ଭିତରେ ତାଙ୍କର ମତଦାନ ଦେଉଥିବା ସମୟର ଫଟୋ ଗଣମାଧ୍ୟମରେ ପ୍ରଦର୍ଶିତ ହେବା ନିର୍ବାଚନ ଆଇନର ଉଲ୍ଲଂଘନ ହେଉଛି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଉଚିତ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ହତ୍ୟାକାରୀଙ୍କୁ ଆଜୀବନ ଜେଲ

ସୁନ୍ଦରଗଡ଼,୩୦।୫
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ଗୁରୁବାର ଏକ ନାବାଳିକା ଅପହରଣ ଓ ହତ୍ୟା ମାମଲାର ଶୁଣାଣି କରିଛନ୍ତି। ଅଭିଯୁକ୍ତ ସୁମୀତ ମିଞ୍ଜ (୩୩)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ନ ଦେଲେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବେ। ନାବାଳିକାଙ୍କ ପରିବାରକୁ ଆନୁଷଙ୍ଗିକ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୭ ଫେବୃଆରୀ ୧୦ରେ ସୁନ୍ଦରଗଡ ଜିଲା ତଳସରା ଥାନା ଅଞ୍ଚଳରେ ନାବାଳିକା ସାଙ୍ଗଙ୍କ ସହ ଖେଳୁଥିଲେ। ସେହି ଅଞ୍ଚଳର ସୁମିତ ସେଠାରେ ପହଞ୍ଚି ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ନିକଟସ୍ଥ ଜଙ୍ଗଲରେ ତାଙ୍କୁ ବଳାତ୍କାର କରି ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ଅଭିଯୁକ୍ତ ଘରକୁ ଆସି ଏକ ଟାଙ୍ଗିଆ ନେଇ ମୃତଦେହକୁ ହାଣି ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ବାପା ତଳସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ତଳସରା ଥାନାର ତତ୍କାଳୀନ ଏସ୍‌ଆଇ ମିଳି ସାହୁ ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ।

# ୧୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩୦।୫
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲା ପୋଲିସ ନିକଟରେ ୧୦ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ସମସ୍ତେ ଇନ୍ଦ୍ରାବତୀ ଏରିଆ କମିଟିର ସକ୍ରିୟ ସଦସ୍ୟଭାବେ କାର୍ଯ୍ୟ କରୁଥିଲେ। ଏମାନେ ବନ୍ଦ ଡାକରା ସମୟରେ ରାସ୍ତା ଖୋଳିବା, ଗଛ କାଟି ପକାଇବା, ବ୍ୟାନର ଓ ପୋଷ୍ଟର ଇତ୍ୟାଦି ଲଗାଇବା ଘଟଣାରେ ସାମିଲ ଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଲଚ୍ଛୁ ପଡିୟମ୍, ରାଜେଶ ଓରଫ ରାଜାରାମ ମଡକାମ, ରାମବତୀ ଜୁରୀ, ସୁଶୀଲ ପୋଡିୟମ, ବାମନ ମଡକାମ, ରାନୁ କବାସୀ, ମାସା ମାଡବୀ, କୁମାରୀ ମଙ୍ଗଳୀ କବାସୀ, ମନକୁ ପୋଡିୟମ ଓ ପାଣ୍ଡୁରୁ ପୋଡିୟମ ରହିଛନ୍ତି। ଏମାନେ ନାରାୟଣପୁର ଜିଲା ଓରଧା ଥାନାରେ ଆତ୍ମସମର୍ପଣ କରିଥିବା ଦାନ୍ତେୱାଡା ଏସ୍‌ପି ଗୌରବ ରାୟ ସୂଚନା ଦେଇଛନ୍ତି। ଆତ୍ମସମର୍ପଣକାରୀଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସୁବିଧା, ଥଇଥାନ ସହ ଜଣଙ୍କୁ ୨୫ ହଜାର ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

# ପୋଲିସକୁ କେସ୍ ଡାଏରୀ ଦାଖଲ ନିର୍ଦ୍ଦେଶ

## ବ୍ରହ୍ମପୁର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କରଙ୍କ ଜାମିନ ଆବେଦନ ମାମଲା

### ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ କରିଥିଲେ

କଟକ,୩୦।୫ (କାର୍ତ୍ତିକ ସାହୁ)

ବ୍ରହ୍ମପୁରର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାସଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ବ୍ରହ୍ମପୁର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ମାମଲାରେ ଶିବଶଙ୍କରଙ୍କୁ ପୋଲିସ ଗିରଫ କରିଥିଲା। ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର ମାମଲାର ଶୁଣାଣି କରି କେସ୍ ଡାଏରୀ ଦାଖଲ ପାଇଁ ବ୍ରହ୍ମପୁର ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଶିବଶଙ୍କରଙ୍କ ନାମରେ ଅନ୍ୟ ଆପରାଧିକ ମାମଲା ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ଗତ ୧୩ ତାରିଖ ସନ୍ଧ୍ୟା ସାଢେ ୭ଟା ପରେ ଗୋଷାଣୀନୂଆଗାଁ ଥାନା ସମ୍ମୁଖ ଏକ ବୁଥ୍‌ରେ ଭୋଟ ଗ୍ରହଣ ଚାଲିଥିଲା। ଏମ୍‌ପି ପ୍ରାର୍ଥୀ ପ୍ରଦୀପ ସେଠାରେ ପହଞ୍ଚି ଥାନାଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ କଥା ହେଉଥିଲେ। ଏହି ସମୟରେ ଶିବଶଙ୍କର ହଠାତ୍ ଆସି କୌଣସି କଥାକୁ ନେଇ ଯୁକ୍ତିତର୍କ କରିବା ସହ ପ୍ରଦୀପଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ଶିବଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଯାଇଥିଲା। ଶିବଶଙ୍କରଙ୍କ ପକ୍ଷରୁ ଗତ ୨୭ ତାରିଖରେ ହାଇକୋର୍ଟରେ ଜାମିନ ଆବେଦନ କରାଯାଇଥିଲା।

# ଭୋଟ ପାଇଁ ନୋଟ୍ ବାଣ୍ଟି ୨ ଗିରଫ

## ୧ ଲକ୍ଷ ୯୧ ହଜାର ଟଙ୍କା ଓ ୨ କାର୍ ଜବତ

ଉଦଳା,୩୦।୫
(ସନ୍ତୋଷ କୁମାର ବାଛିନୀ)

ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସପକ୍ଷରେ ଭୋଟ ପାଇଁ ଟଙ୍କା ବାଣ୍ଟିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ଉଦଳା ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱର ଖାରବେଳନଗରର ବିଜୟଲକ୍ଷ୍ମୀ ମହାପାତ୍ର ଏବଂ ଉଦଳା ଏନ୍‌ଏସି ଅଞ୍ଚଳର ଦିବ୍ୟଜ୍ୟୋତି ଜେନା। ସେମାନଙ୍କଠାରୁ ୨ଟି କାର୍, ୧ଲକ୍ଷ ୯୧ ହଜାର ଟଙ୍କା, ସଂପୃକ୍ତ ରାଜନୈତିକ ଦଳର ଚିହ୍ନ ଥିବା ଟି-ଶାର୍ଟ ଜବତ ହୋଇଛି। କାର୍ ଡ୍ରାଇଭର ଉମାକାନ୍ତ ମହାନ୍ତି ଏବଂ ମିଟୁ ନାଏକଙ୍କୁ ମଧ ପୋଲିସ ଥାନାରେ ଅଟକ ରଖିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୨୦୦/୨୪) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଆସନ୍ତା ୧ ତାରିଖରେ ମୟୂରଭଞ୍ଜ ଜିଲାରେ ସାଧାରଣ ନିର୍ବାଚନ ହେବାର ଅଛି। ବୁଧବାର ରାତିରେ ବିଜୟଲକ୍ଷ୍ମୀ ଓ ଦିବ୍ୟଜ୍ୟୋତି ଓଡି୦୨ ସିଜି-୪୫୬୪ ଏବଂ ଓଡି୦୧ ଏଡି-୧୮୦୦ ନମ୍ବର ବିଶିଷ୍ଟ ଦୁଇଟି କାରରେ ଉଦଳା ଥାନା ଅଧୀନ ଗୋଧିମରା ଗାଁରେ ପହଞ୍ଚି ଭୋଟରଙ୍କୁ ଟଙ୍କା ବାଣ୍ଟୁଥିଲେ। ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇ ଉଦଳା ପୋଲିସ ପହଞ୍ଚି କାର୍ ସହ ସମସ୍ତଙ୍କୁ ଥାନାକୁ ନେଇଆସିଥିଲା। ଥାନାରେ ଯାଞ୍ଚବେଳେ କାର୍ ଭିତରୁ ୫୦ରୁ ଅଧିକ ଖାମ୍ ମିଳିଥିଲା। ଉକ୍ତ ଖାମ୍‌ରେ ୨୦୦୦ ଲେଖାଏ ଟଙ୍କା ରହିଥିଲା। ଏହାବ୍ୟତୀତ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଏମ୍‌ପି ଓ ବିଧାୟକଙ୍କ ଫଟୋ ଓ ଦଳୀୟ ଚିହ୍ନ ଥିବା ଟି-ଶାର୍ଟ ମିଳିଥିଲା। ପୋଲିସ ଏହାକୁ ଜବତ କରିବା ସହ ଟଙ୍କା ବାଣ୍ଟୁଥିବା ମହିଳା ଓ ପୁରୁଷଙ୍କୁ କୋର୍ଟଚାଲାଣ କରିଛି। ଗୋଧିମରା ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଖାମ୍‌ରେ ଟଙ୍କା ଭର୍ତ୍ତି କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଦେବା ପାଇଁ ଆସିଥିଲେ।

# କୃପାଳୁ ରାଇସ୍ ମିଲ, ବିରଜା ଠିକାସଂସ୍ଥା କାର୍ଯ୍ୟାଳୟରେ ଆୟକର ଚଢ଼ାଉ


ଯାଜପୁର ଧରଣୀଧର ସାହୁଙ୍କ ଘରେ ଇନକମ୍ ଟ୍ୟାକ୍ସ ପକ୍ଷରୁ ଚଢ଼ାଉ।

ଯାଜପୁର,୩୦।୫
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ପାଣିକୋଇଲି ନିକଟସ୍ଥ କୃପାଳୁ ରାଇସ୍ ମିଲ୍ ଏବଂ ଯାଜପୁର ସଦରର ବିରଜା କନ୍‌ଷ୍ଟ୍ରକ୍ସନ ଓ ଇଲେକ୍ଟ୍ରିକାଲ ସଂସ୍ଥା ଉପରେ ଗୁରୁବାର ସକାଳୁ ଆୟକର ବିଭାଗ ପକ୍ଷରୁ ଚଢାଉ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏଠାରେ ଚଢ଼ାଉ ଜାରି ରହିଛି। କୃପାଳୁ ରାଇସ୍ ଇଣ୍ଡଷ୍ଟ୍ରିଆଲର ମାଲିକ ଅନିରୁଦ୍ଧ ଦାସ ଏବଂ ବିରଜା କନ୍‌ଷ୍ଟ୍ରକ୍ସନର ମାଲିକ ଧରଣୀଧର ସାହୁଙ୍କ ଘରେ ଏକକାଳୀନ ଚଢାଉ ହୋଇଥିଲା। ମାତ୍ର ଆଉ ଗୋଟିଏ ଦିନ ପରେ ସାଧାରଣ ନିର୍ବାଚନ ହେଉଥିବାରୁ ଏହି ଚଢ଼ାଉକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ଜୋର ଧରିଛି। ଉଭୟଙ୍କ ଘର ସମେତ ଯାଜପୁର ସହରର ତେନ୍ତୁଳିମାଳ ରକ୍ଷାକାଳୀ ମନ୍ଦିର ନିକଟରେ ଥିବା କାର୍ଯ୍ୟାଳୟ ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢାଉ ହେଉଛି। ତେବେ ଏଯାଏ ଚଢାଉ ସଂକ୍ରାନ୍ତରେ କୌଣସି ତଥ୍ୟ କିମ୍ବା ଆୟକର ଚଢାଉ ଟିମ୍‌ର ପ୍ରତିକ୍ରିୟା ମିଳି ପାରିନାହିଁ।

# ରାତି ୯ରେ ମଦ ଦୋକାନ, ୧୦ଟାରେ ବଜାର ବନ୍ଦ

## ଭୋଟ ଗଣତି ପୂର୍ବରୁ ଆଇନଶୃଙ୍ଖଳା ଉପରେ କଡ଼ା ନଜର

ବ୍ରହ୍ମପୁର,୩୦।୫(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ନିର୍ବାଚନ ପୂର୍ବରୁ ଓ ପରେ କେତେକ ହିଂସା ଘଟିଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ହେବ। ଆଗକୁ ଯେପରି ଆଉ ହିଂସାକାଣ୍ଡ ନ ଘଟିବ ସେଥିପ୍ରତି ବ୍ରହ୍ମପୁର ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ବିଭିନ୍ନ ସ୍ଥାନରେ ରାତ୍ରକାଳୀନ ପାଟ୍ରୋଲିଂ ଏବଂ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି। ରାତି ୯ଟାରେ ସମସ୍ତ ମଦ ଦୋକାନ ଓ ୧୦ଟାରେ ବଜାର ବନ୍ଦ କରିବାକୁ ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଡା. ସାର୍ଥକ ଷଡ଼ଙ୍ଗୀ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ଯାଏ ତଥା ଭୋଟଗଣତି ସରିବା ଯାଏ ଏହି ନିୟମ ବଳବତ୍ତର ରହିବ ବୋଲି ସୂଚନା ମିଳିଛି। ବୁଧବାର ରାତିରେ ବଡ଼ବଜାର ପୋଲିସ ଏ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଢାବା ଓ ହୋଟେଲ ଖୋଲା ନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ପି ଷ୍ଟ୍ରଙ୍ଗରୁମର ସୁରକ୍ଷା ବ୍ୟବସ୍ଥା ବୁଲି ଦେଖିଛନ୍ତି।

# କୁଟିମସ୍କା ଜଙ୍ଗଲରେ ଦନ୍ତାହାତୀ ମୃତଦେହ

ଲାଞ୍ଜିଗଡ,୩୦।୫(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସୀମାନ୍ତ ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ କମର୍ଦ୍ଧା ସେକ୍ସନ ଭୁର୍ଟିଗଡ଼ ବିଟ ଅନ୍ତର୍ଗତ କୁଟିମସ୍କା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହକୁ ବନ ବିଭାଗ ଗୁରୁବାର ଠାବ କରିଛି। ତେବେ ସପ୍ତାହେ ହେବ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପରସ୍ପର ଲଢେଇ ଯୋଗୁ ହାତୀର ମୃତ୍ୟୁ ଘଟିଥିବା ବନ ବିଭାଗ ସନ୍ଦେହ କରୁଛି। ଅନ୍ୟପକ୍ଷେ ଶିକାରୀଙ୍କ ଗୁଳି କିମ୍ବା ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।


ଜଙ୍ଗଲରେ ପଡିରହିଥିବା ହାତୀ ମୃତଦେହ।

ତେବେ ହାତୀ ମୃତ୍ୟୁ ସମ୍ପର୍କରେ ଖବର ପାଇ ଉତ୍ତର ବନଖଣ୍ଡର ଏସିଏଫ୍, ବିଶ୍ୱନାଥପୁର ଓ ନର୍ଲା ରେଞ୍ଜରଙ୍କ ସମେତ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାଣୀ ବିଶେଷଜ୍ଞ ଆସି ବ୍ୟବଚ୍ଛେଦ କରିବା ପରେ ଉକ୍ତ ଜଙ୍ଗଲରେ ଗାତଖୋଳି ମୃତ ହାତୀକୁ ପୋତି ଦିଆଯାଇଛି। ଏ ନେଇ ବନ ବିଭାଗର ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ନର୍ଲା ରେଞ୍ଜର ଭାରତବନ୍ଧୁ ଶବରଙ୍କୁ ପଚାରିବାରୁ ସେ କହିଲେ, ଦିନେ ଦୁଇଦିନ ହେବ ହାତୀର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଥିଲେ।






**ହିନ୍ଦୁ-ମୁସଲମାନ ବିବାହ ମୁସ୍‌ଲିମ୍ ଆଇନରେ ବୈଧ ନୁହେଁ: ହାଇକୋର୍ଟ**

ପୋଲିସ ସୁରକ୍ଷାରେ ବିବାହ ପଞ୍ଜୀକରଣ କରିବାକୁ ଚାହୁଁଥିବା ଏକ ହିନ୍ଦୁ-ମୁସ୍‌ଲିମ୍ ଯୋଡ଼ିଙ୍କ ଆବେଦନକୁ ମଧ୍ୟପ୍ରଦେଶ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମୁସଲମାନ ଆଇନରେ ଏଭଳି ବିବାହ ଅବୈଧ। ଏପରିକି ସ୍ୱତନ୍ତ୍ର ବିବାହ ଆଇନରେ ମଧ୍ୟ ହିନ୍ଦୁ-ମୁସଲମାନ ଦମ୍ପତିଙ୍କ ବିବାହ ବୈଧ ନୁହେଁ ବୋଲି ଜଷ୍ଟିସ୍ ଗୁରପାଲ ସିଂ ଆଲୁୱାଲିଆଙ୍କ ଖଣ୍ଡପୀଠ କହିଛନ୍ତି।



## ସଂକ୍ଷେପରେ

### ଆଜମ ଖାନ୍‌ଙ୍କୁ ୧୦ ବର୍ଷ ଜେଲ



ଲକ୍ଷ୍ନୌ, ୩୦।୫

୨୦୧୬ର ଏକ ମାମଲାରେ ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ୍ ଖାନ୍‌ଙ୍କୁ ଏକ ଅଦାଲତ ଗୁରୁବାର ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ୧୪ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାମପୁରର ଡୁଙ୍ଗରପୁର କଲୋନିରୁ ଲୋକମାନଙ୍କୁ ଜବରଦସ୍ତ ବାହାର କରିଦେବା ନେଇ ଆଜମ୍ ଦୋଷୀସାବ୍ୟସ୍ତ ହୋଇଥିଲା। ଉକ୍ତ ମାମଲାର ଦ୍ୱିତୀୟ ଅଭିଯୁକ୍ତ ବରକତ୍ ଅଲିଙ୍କୁ ରାମପୁରର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ୭ ବର୍ଷ ଜେଲ ସହ ୬ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

### ଶାହାଜାହାନ ଶେଖଙ୍କ ନାଁରେ ଚାର୍ଜଶିଟ୍

ନୂଆଦିଲ୍ଲୀ, ୩୦।୫ (ପି.ଟି.)

ଅର୍ଥ ହେରଫେର ମାମଲାରେ ଟିଏମ୍‌ସିର ନିଲମ୍ବିତ ନେତା ଶାହାଜାହାନ ଶେଖ ଓ ତାଙ୍କ ଭାଇ ଏସ.କେ. ଆଲମଗିରଙ୍କ ବିରୋଧରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କୋଲକାତାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ଚାର୍ଜଶିଟ ଦାଖଲ କରିଛି। ଶାହାଜାହାନଙ୍କ ୨ ସହଯୋଗୀ ଶିବ ପ୍ରସାଦ ହାଜରା ଏବଂ ଦିଦାର ବକ୍ସ ମୋଲ୍ଲାଙ୍କ ବିରୋଧରେ ମଧ୍ୟ ଚାର୍ଜଶିଟ ହୋଇଛି। ଜମି ଦଖଲ, ବେଆଇନ ମତ୍ସ୍ୟଚାଷ, ଜମି କାରବାର କମିଶନ ଆଦି ଅପରାଧରେ ଶାହାଜାହାନ ଜଡ଼ିତ ଥିବା ଇଡି ଚାର୍ଜଶିଟରେ ଉଲ୍ଲେଖ କରିଛି।

### ଅଣୁଅସ୍ତ୍ରର 'ପ୍ରଥମେ ବ୍ୟବହାର ନ କରିବା' ନୀତିକୁ ପାକିସ୍ତାନ ମାନେନାହିଁ

ଇସ୍‌ଲାମାବାଦ,୩୦।୫

ପାକିସ୍ତାନ ଅଣୁଅସ୍ତ୍ରର 'ପ୍ରଥମ ବ୍ୟବହାର ନ କରିବା' ନୀତିକୁ ମାନେ ନାହିଁ। ଶତ୍ରୁପକ୍ଷର ସବୁ ପ୍ରକାର ବିପଦର ପ୍ରତିରୋଧ କରିବାକୁ ପାକ୍ ସେନା ସମର୍ଥ ବୋଲି ଏହାର ପୂର୍ବତନ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଖଲିଦ ଅହମଦ କିଦ୍‌ୱାଇ କହିଛନ୍ତି। ନ୍ୟାଶନାଲ କମାଣ୍ଡ ଅଥରିଟିର ଉପଦେଷ୍ଟା ଥିବା ଖଲିଦ ଅଣୁଅସ୍ତ୍ର ବ୍ୟବହାର ନେଇ ଇସ୍‌ଲାମାବାଦର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ୧୯୯୮ରେ ଆଣବିକ ପରୀକ୍ଷା କରିଥିଲା। ଏହାର ୨୬ତମ ବାର୍ଷିକୀ ଅବସରରେ ଆୟୋଜିତ ସେମିନାରରେ ଉଦ୍‌ବୋଧନ ଦେଇ ଖଲିଦ ଏହା କହିଥିଲେ।

## ସରିଲା ପ୍ରଚାର

# ରାହୁଲଙ୍କ ୨ ଗୁଣା ରାଲି କରିଥିଲେ ମୋଦି

■ଅନ୍ତିମ ଦିନରେ ଜୋର୍‌ଦାର ପ୍ରଚାର

■କନ୍ୟାକୁମାରୀ ଯାଇ ଧ୍ୟାନରେ ବସିଲେ ମୋଦି

ନୂଆଦିଲ୍ଲୀ,୩୦।୫



ପଞ୍ଜାବର ହୋଶିଆରପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଲି।



ହିମାଚଳ ପ୍ରଦେଶର ସୋଲାନରେ ପ୍ରିୟଙ୍କା ଗାନ୍ଧୀଙ୍କ ରୋଡ୍ ଶୋ'।

ଲୋକ ସଭା ନିର୍ବାଚନର ସପ୍ତମ ପର୍ଯ୍ୟାୟ ମତଦାନ ଶନିବାର ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ଗୁରୁବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏଥିସହିତ ଲୋକ ସଭା ନିର୍ବାଚନର ପ୍ରଚାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀଙ୍କ ସମେତ ବିଭିନ୍ନ ଦଳର ନେତା ଶେଷ ଭାଗରେ ଜୋର୍‌ଦାର ପ୍ରଚାର କରିଥିଲେ। ସପ୍ତମ ପର୍ଯ୍ୟାୟରେ ୭ ରାଜ୍ୟ ଏବଂ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ୫୭ ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ୯୦୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ଉତ୍ତରପ୍ରଦେଶର ୧୩ ଲୋକ ସଭା ଆସନ ସମେତ ପଶ୍ଚିମବଙ୍ଗର ୯, ବିହାରର ୮, ଓଡ଼ିଶାର ୬, ହିମାଚଳପ୍ରଦେଶର ୪, ଝାଡ଼ଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଗୋଟିଏ ଆସନରେ ଶନିବାର ଭୋଟିଂ ହେବାକୁ ଯାଉଛି। ଜୁନ୍ ୪ରେ ଭୋଟଗଣନା କରାଯିବ। ଇତିମଧ୍ୟରେ ୬ ପର୍ଯ୍ୟାୟରେ ୨୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪୮୬ ଆସନରେ ମତଦାନ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬୬.୧୪% ମତଦାନ ହୋଇଥିବାବେଳେ ଦ୍ୱିତୀୟରେ ୬୬.୧୭%, ତୃତୀୟରେ ୬୫.୬୮%, ଚତୁର୍ଥରେ ୬୯.୧୬%, ପଞ୍ଚମରେ ୬୨.୨% ଏବଂ ଷଷ୍ଠ ପର୍ଯ୍ୟାୟରେ ୬୩.୩୬% ମତଦାନ ହୋଇଥିଲା।

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାଜପା ନେତାମାନେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ନେତାମାନଙ୍କୁ ଦୁର୍ନୀତିଗ୍ରସ୍ତ, ହିନ୍ଦୁ ବିରୋଧୀ ଏବଂ ଲୁଟ୍, ତୁଷ୍ଟୀକରଣ ତଥା ବଂଶବାଦ ରାଜନୀତିରେ ସମ୍ପୃକ୍ତ ବୋଲି ଅଭିଯୋଗ କରିଥିଲେ। ମୋଦି ୨୦୬ ରାଲି ଓ ରୋଡ୍‌ଶୋ'ରେ ଯୋଗଦେଇ ଦଳ ପାଇଁ ପ୍ରଚାର କରିଥିଲେ। ଗୁରୁବାର ପଞ୍ଜାବର ହୋଶିଆରପୁରରେ ରାଲି ସହ ତାଙ୍କର ପ୍ରଚାର ଶେଷ ହୋଇଛି। ଏହା ପରେ ସେ ଗୁରୁବାର ସନ୍ଧ୍ୟାରେ ତାମିଲନାଡୁର କନ୍ୟାକୁମାରୀରେ ପହଞ୍ଚି ବିବେକାନନ୍ଦ ରକ୍ ସ୍ମାରକୀରେ ୨ ଦିନ ପାଇଁ ଧ୍ୟାନରେ ବସିଛନ୍ତି। ଭାଜପାର ବହୁ କେନ୍ଦ୍ରମନ୍ତ୍ରୀ ଓ ଏହି ଦଳ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ମାରାଥନ ପ୍ରଚାର କରିଥିଲେ।

ରାହୁଲ ୧୦୭ଟି ରାଲି ଓ ରୋଡ୍‌ଶୋ'ରେ ଯୋଗଦେଇଥିବାବେଳେ ତାଙ୍କ ଭଉଣୀ ତଥା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୧୦୮ଟି ରାଲି ଓ ରୋଡ୍‌ଶୋ' କରିଥିଲେ। ଭାଜପାକୁ ହରାଇ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟକୁ କ୍ଷମତାକୁ ଆଣିବା ପାଇଁ ସେମାନେ ଜୋର୍‌ଦାର ଉଦ୍ୟମ କରିଥିଲେ। ଶେଷ ଦିନରେ ରାହୁଲ ପଞ୍ଜାବରେ ପ୍ରଚାର କରିଥିବାବେଳେ ପ୍ରିୟଙ୍କା ହିମାଚଳପ୍ରଦେଶର ସୋଲାନରେ ରୋଡ୍‌ଶୋ' କରିଥିଲେ। ୨ ସପ୍ତାହ ହେଲା ପ୍ରିୟଙ୍କା ରାଏବରେଲିରେ ରହି ରାହୁଲଙ୍କ ପାଇଁ ପ୍ରଚାର କରିବା ସହ ଅମେଠିରେ ମଧ୍ୟ ପ୍ରଚାରର ମଙ୍ଗ ଧରିଥିଲେ। ସେହିପରି କଂଗ୍ରେସରୁ ଖାର୍ଗେଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ପ୍ରଚାରକୁ ଜୋର୍‌ଦାର କରିଥିଲେ। ବିରୋଧୀ ଇଣ୍ଡିଆ ମେଣ୍ଟର ଅନ୍ୟ ପ୍ରମୁଖ ନେତାମାନେ ମଧ୍ୟ ବିଭିନ୍ନ ରାଜ୍ୟରେ ରାଲି କରି ସେମାନଙ୍କ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ଭୋଟ ମାଗିଥିଲେ। ଅବକାରୀ ଦୁର୍ନୀତି ମାମଲାରେ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅନ୍ତରୀଣ ଜାମିନରେ ଆସି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପାଇଁ ଜୋର୍‌ଦାର ପ୍ରଚାର କରିଥିଲେ। ସେ ୬୭ଟି ରାଲି ଓ ରୋଡ୍ ଶୋ'ରେ ଭାଗ ନେଇଥିଲେ। ଶେଷ ଦିନରେ ସେ ପଞ୍ଜାବର ୧୩ ଆସନରେ ଆପ୍ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ଭୋଟରମାନଙ୍କୁ ଅପିଲ କରିଥିଲେ।

### ନିର୍ବାଚନ ପୂର୍ବରୁ ବ୍ରିଟିଶ ପାର୍ଲାମେଣ୍ଟ ଭଙ୍ଗ

ଲଣ୍ଡନ,୩୦।୫

ଜୁଲାଇ ୪ରେ ବ୍ରିଟେନ୍‌ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିଲାବେଳେ ଗୁରୁବାର ପାର୍ଲାମେଣ୍ଟକୁ ଭଙ୍ଗ କରାଯାଇଛି। ଏଥିସହ ୫ ସପ୍ତାହ ପ୍ରଚାର ସମୟ ଆରମ୍ଭ ହୋଇଛି। ଆଗାମୀ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିକୁ ହରାଇ ଲେବର ପାର୍ଟି ୧୪ ବର୍ଷ ପରେ କ୍ଷମତାକୁ ଫେରିବା ଆଶା କରାଯାଉଛି। ଘଣ୍ଟାର ମିନିଟ୍ କଣ୍ଟା ମଧ୍ୟରାତ୍ରର ଗୋଟିଏ ମିନିଟ୍ ପୂର୍ବରେ ଥିବାବେଳେ ପାର୍ଲାମେଣ୍ଟର ସମସ୍ତ ୬୫୦ ଆସନ ଖାଲି ହୋଇଯାଇଥିଲା। ଫଳରେ ଆନୁଷ୍ଠାନିକ ଭାବେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। କଞ୍ଜରଭେଟିଭ୍ ପାର୍ଟିରେ ମତଭେଦ ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଗତ ସପ୍ତାହରେ ପାର୍ଲାମେଣ୍ଟ ନିର୍ବାଚନ ଘୋଷଣା କରିଥିଲେ। ପ୍ରବଳ ବର୍ଷା ସମୟରେ ନିର୍ବାଚନ ହେବାକୁ ଯାଉଥିବାରୁ ପ୍ରାର୍ଥୀମାନେ ପ୍ରଚାରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ବୋଲି କୁହାଯାଉଛି। ସୁନକଙ୍କ ଦଳ ଲୋକପ୍ରିୟତା ହରାଇଥିବାବେଳେ ପୂର୍ବତନ ମାନବାଧିକାର ଆଇନଜୀବୀ କେଇର୍ ଷ୍ଟାରମେରଙ୍କ ନେତୃତ୍ୱରେ ଲେବର ପାର୍ଟି ଏହାର ସୁଯୋଗ ନେଇ କ୍ଷମତା ଦଖଲ କରିବାକୁ ଯାଉଥିବା ଆଶା କରାଯାଉଛି। କଞ୍ଜରଭେଟିଭ୍ ପାର୍ଟିର ଲୋକପ୍ରିୟତା କେବଳ ହ୍ରାସ ପାଇନାହିଁ, ଏହାର ୭୭ ଜଣ ଏମ୍‌ପିଙ୍କ ସମେତ ମୋଟ ୧୨୯ ଏମ୍‌ପି ଏଥର ନିର୍ବାଚନ ଲଢ଼ିବେନି ବୋଲି ଘୋଷଣା କରିଛନ୍ତି।

## ଖାତରେ ବସ୍ ଖସି ୨୨ ମୃତ, ୫୭ ଆହତ

ଜମ୍ମୁ,୩୦।୫

ଏକ ଯାତ୍ରୀବାହୀ ବସ୍ ଗୁରୁବାର ଜମ୍ମୁର ଅଖନୁର ଅନ୍ତର୍ଗତ ତୁଙ୍ଗି-ମୋର୍‌ଠାରେ ୧୫୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିବାରୁ ୨୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫୭ ଜଣ ଆହତ ହୋଇଛନ୍ତି। ହରିୟାଣା କୁରୁକ୍ଷେତ୍ରର ତୀର୍ଥଯାତ୍ରୀମାନଙ୍କୁ ନେଇ ବସ୍‌ଟି ରେଆସି ଜିଲାର ଶିବ ଖୋରି ଯାଉଥିଲା। ବସ୍ ଉତ୍ତରପ୍ରଦେଶରୁ ଯାତ୍ରା ଆରମ୍ଭ କରିବା ପରେ ଅପରାହ୍ନ ୧୨ଟା ୩୫ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ପୋଲିସ କହିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଆହତମାନଙ୍କୁ ଅଖନୁର ହସ୍ପିଟାଲ ଏବଂ ଜମ୍ମୁର ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ମର୍ମନ୍ତୁଦ ଦୁର୍ଘଟଣାରେ ୨୧ ଜଣଙ୍କ ଜୀବନ ଯିବା ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଶୋକବ୍ୟକ୍ତ କରିଛନ୍ତି।



## କେଜ୍‌ରିୱାଲଙ୍କ ଜାମିନ ଆବେଦନ: ଇଡିକୁ କୋର୍ଟ ନୋଟିସ

ନୂଆଦିଲ୍ଲୀ,୩୦।୫

ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ନିୟମିତ ଜାମିନ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆବେଦନ ଉପରେ ଅଦାଲତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନୋଟିସ ଜାରି କରିଛନ୍ତି। ଶନିବାର ସୁଦ୍ଧା କେଜ୍‌ରିୱାଲଙ୍କ ଆବେଦନର ଜବାବ ରଖିବା ପାଇଁ ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ଇଡିକୁ କହିଛନ୍ତି। ଏହା ବ୍ୟତୀତ ଯଦି ନିୟମିତ ଜାମିନ ନ ମିଳେ, ତେବେ ସ୍ୱାସ୍ଥ୍ୟଗତ କାରଣରୁ ଅନ୍ତରୀଣ ଜାମିନ ସପ୍ତାହେ ବଢ଼ାଇବା ପାଇଁ କେଜ୍‌ରିୱାଲ କରିଥିବା ଅନ୍ୟ ଏକ ଆବେଦନ ଉପରେ ମଧ୍ୟ ରାଉସ୍ ଆଭିନ୍ୟୁ କୋର୍ଟ ବିଚାରପତି ଇଡିକୁ ଜବାବ ମାଗିଛନ୍ତି। ଇଡି ଉଭୟ ଜାମିନ ଆବେଦନକୁ ବିରୋଧ କରିଥିବାବେଳେ ଜବାବ ରଖିବା ପାଇଁ ଇଡି ୨ ଦିନ ସମୟ ମାଗିଥିଲା। ସ୍ୱାସ୍ଥ୍ୟ ସମସ୍ୟା କେଜ୍‌ରିୱାଲଙ୍କ ପ୍ରଚାରରେ ବାଧା ଦେଇ ନାହିଁ। ସେ ଜାମିନରେ ଆସିବା ପରେ ୬୭ ରାଲି ଓ ରୋଡ୍ ଶୋ'ରେ ଭାଗ ନେବା ସହ ୩୦ଟି ସାକ୍ଷାତ୍‌କାର ଦେଇଛନ୍ତି। ତେଣୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ତଦନ୍ତକାରୀ ସଂସ୍ଥା କହିଛି।

## ଅଣ୍ଡରୱାର୍ଲ୍ଡ ଡନ୍ ଛୋଟା ରାଜନଙ୍କୁ ଆଜୀବନ କାରାଦଣ୍ଡାଦେଶ

ମୁମ୍ବାଇ, ୩୦।୫



୨୦୦୧ରେ ଗୋଲ୍ଡେନ କ୍ରାଉନ୍ ହୋଟେଲର ମାଲିକାଣୀ ଜୟା ଶେଟ୍ଟୀଙ୍କ ହତ୍ୟା ମାମଲାରେ ଗୁରୁବାର ମୁମ୍ବାଇର ସ୍ୱତନ୍ତ୍ର ଅଦାଲତ ଅଣ୍ଡରୱାର୍ଲ୍ଡ ଡନ୍ ଛୋଟା ରାଜନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୦୧ ମେ' ୪ରେ ଛୋଟା ରାଜନଙ୍କ ଗ୍ୟାଙ୍ଗର ୨ ଜଣ ସଦସ୍ୟ ଜୟାଙ୍କ ଘରେ ପଶି ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହାର ୨ ମାସ ପୂର୍ବରୁ ଛୋଟା ରାଜନଙ୍କ ପକ୍ଷରୁ ଜବରଦସ୍ତ ଚାନ୍ଦା ଆଦାୟ ପାଇଁ ତାଙ୍କୁ ବାରମ୍ବାର ଧମକ ମିଳୁଥିବା ନେଇ ଜୟା ପୋଲିସ ନିକଟରେ ଅଭିଯୋଗ କରିଥିଲେ।

## 'ଅଗ୍ନିବାଣ'ର ସଫଳ ପରୀକ୍ଷଣ

ଚେନ୍ନାଇ, ୩୦।୫




**ବିଶ୍ୱର ପ୍ରଥମ ଥ୍ରୀଡି ପ୍ରିଣ୍ଟେଡ୍ ଇଞ୍ଜିନ୍ ଥିବା ରକେଟ୍**

ଚେନ୍ନାଇର ସ୍ପେସ୍ ଷ୍ଟାର୍ଟଅପ୍ ଅଗ୍ନିକୁଲ୍ ଗୁରୁବାର ସକାଳେ 'ଅଗ୍ନିବାଣ-ଏସ୍‌ଓଆର୍‌ଟିଇଡି' (ସବ୍ ଅର୍ବିଟାଲ ଟେକ୍ନୋଲୋଜୀ ଡେମୋନଷ୍ଟ୍ରେଟର)ର ସଫଳ ପରୀକ୍ଷଣ କରିଛି। ଅଗ୍ନିକୁଲ୍ ଦ୍ୱାରା ପ୍ରତିଷ୍ଠିତ ଭାରତର ପ୍ରଥମ ପ୍ରାଇଭେଟ୍ ଲଞ୍ଚପ୍ୟାଡ 'ଧନୁଷ'ରେ ସ୍ୱଦେଶୀ ଭାବେ ନିର୍ମିତ ଅଗ୍ନିବାଣ ରକେଟ୍‌କୁ ଉତ୍‌କ୍ଷେପଣ କରାଯାଇଛି। ଏଥିରେ ପ୍ରଥମ ଥର ପାଇଁ ସେମି-କ୍ରାୟୋଜେନିକ ଇଞ୍ଜିନର ବ୍ୟବହାର କରାଯାଇଛି, ଯାହାଦ୍ୱାରା ଲଞ୍ଚଯାନର ସାମଗ୍ରିକ ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତାରେ ଉନ୍ନତି ଆସିପାରିଛି। ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟା ପ୍ରଦର୍ଶନ, ଗୁରୁତ୍ୱପୂର୍ଣ୍ଣ ଓ ଜଟିଳ ଉଡ଼ାଣ ତଥ୍ୟ ସଂଗ୍ରହ ଏବଂ ଅଗ୍ନିବାଣ ପାଇଁ ସିଷ୍ଟମର ସର୍ବୋଚ୍ଚ କାର୍ଯ୍ୟକାରିତା ନିଶ୍ଚିତ କରିବା ଆଦି ଏହି ପରୀକ୍ଷଣର ଉଦ୍ଦେଶ୍ୟ ରହିଛି। 'ଅଗ୍ନିବାଣ-ଏସ୍‌ଓଆର୍‌ଟିଇଡି'ର ସଫଳ ପରୀକ୍ଷଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗ୍ନିକୁଲ୍‌ର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭାରତର ମହାକାଶ କ୍ଷେତ୍ର ପାଇଁ ଏହା ଏକ ଉଲ୍ଲେଖନୀୟ ଉପଲବ୍ଧୀ ହୋଇଥିବା କହିଛନ୍ତି। ଏଥିପାଇଁ ଦେଶବାସୀ ଗର୍ବିତ ଥିବା ସେ କହିଛନ୍ତି।

## ଫୁର୍‌ସତ୍

**ଆଜି ବିଶ୍ୱ ତମାଖୁ ନିରୋଧ ଦିବସ**

# ନୀରବ ଘାତକ ତମାଖୁ



ପ୍ରତିବର୍ଷ ମେ ୩୧ ତାରିଖକୁ 'ବିଶ୍ୱ ତମାଖୁ ନିରୋଧ ଦିବସ' ଭାବରେ ପାଳନ କରାଯାଇଥାଏ। ତମାଖୁ ଏକ ନୀରବ ଘାତକ ସଦୃଶ୍ୟ। କାରଣ ଏହା କବଳରେ ଜଣେ ପଡ଼ିଗଲେ ସେଥିରୁ ମୁକୁଳିବା କଷ୍ଟକର ହୋଇଥାଏ। ଏହା ଏଭଳି ଏକ ବଦଭ୍ୟାସ, ଯାହା ପରବର୍ତ୍ତୀ ସମୟରେ ଅନେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। କେବଳ ସେତିକି ନୁହେଁ, ଅକାଳରେ ମଧ୍ୟ ଜୀବନ ନାଶକ ସାଜିଥାଏ। ବର୍ତ୍ତମାନ ଅନେକ ପିଲା ଏହାକୁ ନିଜର ଅଭ୍ୟାସରେ ପରିଣତ କରୁଥିବାର ଦେଖିବାକୁ ମିଳୁଛି। ପୁଣି କେତେଜଣ ପିଲା ତମାଖୁ କାରଖାନାରେ କାମ କରୁଥିବାର ନଜୀର ରହିଛି। ତେଣୁ ସେମାନଙ୍କୁ କିପରି ଏହା କବଳରୁ ରକ୍ଷା କରାଯାଇପାରିବ ସେଥିପାଇଁ ଚଳିତ ବର୍ଷ ପାଳିତ ହେବାକୁ ଯାଉଥିବା 'ବିଶ୍ୱ ତମାଖୁ ନିରୋଧ ଦିବସ'ରେ ଗୁରୁତ୍ୱ ଦିଆଯିବାକୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ ଦିବସ ଅବସରରେ ଏ ବର୍ଷର ପ୍ରସଙ୍ଗ ରହିଛି 'ପିଲାମାନଙ୍କୁ ତମାଖୁ କାରଖାନା କବଳରୁ ରକ୍ଷା କରିବା'

ଏକ ସଦ୍ୟତମ ଆକଳନରୁ ଜଣାପଡିଛି ଯେ, ପ୍ରତିବର୍ଷ ସମଗ୍ର ବିଶ୍ୱରେ ପ୍ରାୟ ୬୦ ଲକ୍ଷ ଲୋକ ଧୂମପାନଜନିତ ରୋଗ ଯୋଗୁ ମୃତ୍ୟୁବରଣ କରିଥାଆନ୍ତି। ସେମାନଙ୍କ ମଧ୍ୟରୁ ୬ ଲକ୍ଷ ଲୋକ (୧୦ ପ୍ରତିଶତ) ଧୂମପାନ କରୁ ନ ଥିଲେ ମଧ୍ୟ ଦ୍ୱିତୀୟ ପ୍ରକାର ଧୂମ (ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍) ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ତୃତୀୟ ପ୍ରକାର ତମାଖୁ ଧୂମ ମଧ୍ୟ ସେହିପରି ଗର୍ଭସ୍ଥ ଶିଶୁକୁ ମା'ର ରକ୍ତ ସଞ୍ଚାଳନ ଦ୍ୱାରା ବାହିତ ଧୂମ ରାସାୟନିକ ଦ୍ୱାରା ପ୍ରଭାବିତ କରି ନାନା ରୋଗରେ ପକାଇଥାଏ। ଏପରି କି ବିକଳାଙ୍ଗ ଶିଶୁ ଜନ୍ମ ନେବାର ଆଶଙ୍କା ଥାଏ। ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ। ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ)ର ଆକଳନ ଅନୁଯାୟୀ ଭାରତର ୭୦ ପ୍ରତିଶତ ପୁରୁଷ ଏବଂ ୧୩-୧୫ ପ୍ରତିଶତ ମହିଳା ଧୂମପାନ କରିଥାଆନ୍ତି।

ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡ଼ର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମ୍‌ଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର । ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀର୍ଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ।

ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଆଘ୍ରାଣ ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସ୍‌ଫୁସ୍‌ର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ୍ ଏବଂ ସ୍ମାର୍ଟ ଲାଗେ। ନିଜର ଯୋଜନାରେ ଦୃଢ଼ ରୁହନ୍ତୁ। ପରିବାର, ବନ୍ଧୁ ଏବଂ ଲୋକମାନଙ୍କର ସହଯୋଗ ନିଅନ୍ତୁ। ନିଜ କର୍ମରେ ବ୍ୟସ୍ତ ରୁହନ୍ତୁ। ଯେଉଁମାନେ ଧୂମପାନ କରିବାକୁ ପ୍ରବର୍ତ୍ତାଉଛନ୍ତି ସେମାନଙ୍କଠାରୁ ଦୂରେଇ ରୁହନ୍ତୁ।

-ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୮୨୪୯୦୮୭୯୯୫

## 'ପୁଷ୍ପା ୨: ଦି ରୁଲ୍'ର ୨ୟ ଗୀତ ଅଙ୍ଗାରୋ ରିଲିଜ୍

**ମୁମ୍ବାଇ:** ଅଲ୍ଲୁ ଅର୍ଜୁନ ଏବଂ ରଶ୍ମିକା ମନ୍ଦନାଙ୍କ ଅଭିନୀତ 'ପୁଷ୍ପା ୨: ଦି ରୁଲ୍' ହେଉଛି ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରମାନଙ୍କ ମଧ୍ୟରୁ ଅନ୍ୟତମ। ପ୍ରଶଂସକଙ୍କ ମଧ୍ୟରେ ଧୀରେ ଧୀରେ ଏହି ଫିଲ୍ମକୁ ନେଇ କ୍ରେଜ୍ ବୃଦ୍ଧି ପାଇବାରେ ଲାଗିଛି। ଏଥିମଧ୍ୟରେ ଫିଲ୍ମର ଦ୍ୱିତୀୟ ଗୀତ 'ଅଙ୍ଗାରୋ' ବୁଧବାର ରିଲିଜ୍ ହୋଇଛି। ଏହି ଗୀତରେ ଉଭୟ ରଶ୍ମିକା ଏବଂ ଅଲ୍ଲୁଙ୍କ ମଧ୍ୟରେ ଥିବା କେମେଷ୍ଟ୍ରିକୁ ଦେଖିବାକୁ ମିଳିଛି। ରିଲିଜ୍ ହେବା ପରେ ଦର୍ଶକଙ୍କ ଗହଣରେ ଏହି ଗୀତ ବେଶ୍ ଲୋକପ୍ରିୟ ହୋଇଛି। ଦର୍ଶକମାନେ ଏହି ଗୀତରୁ 'ପୁଷ୍ପା ୨: ଦି ରୁଲ୍' ଚଳଚ୍ଚିତ୍ରର ପ୍ରକୃତ ସେଟ୍‌ର ପ୍ରକୃତ ଝଲକ ମଧ୍ୟ ପାଇପାରିଛନ୍ତି, ଯାହା ସେମାନଙ୍କ ପାଇଁ ଏକ ନୂତନ ଏବଂ ମଜାଦାର ଅନୁଭୂତି ଆଣିଦେଇଛି।

'ପୁଷ୍ପା ୨: ଦି ରୁଲ୍'ର ଦ୍ୱିତୀୟ ଗୀତ 'ଅଙ୍ଗାରୋ' ତେଲୁଗୁ, ହିନ୍ଦୀ, ତାମିଲ୍, କନ୍ନଡ, ମାଲୟାଲମ୍ ଏବଂ ବଙ୍ଗଳା ଆଦି ୬ଟି ଭାଷାରେ ମୁକ୍ତିଲାଭ କରିଛି। ବିଶିଷ୍ଟ ଗାୟିକା ଶ୍ରେୟା ଘୋଷାଲ ଏହି ଗୀତର କଣ୍ଠଦାନ କରି ପ୍ରଶଂସକଙ୍କ ହୃଦୟ ଜିତିପାରିଛନ୍ତି।

ପୂର୍ବରୁ 'ପୁଷ୍ପା ୨: ଦି ରୁଲ୍'ର ଟିଜର ଏବଂ ପ୍ରଥମ ଗୀତ 'ପୁଷ୍ପା ପୁଷ୍ପା' ପ୍ରଶଂସକଙ୍କ ମଧ୍ୟରେ ଅନେକ ଉତ୍ସାହ ସୃଷ୍ଟି କରିଥିଲା।



## ପ୍ରଥମ ପୃଷ୍ଠାରୁ

### କେରଳ, ଉତ୍ତରପୂର୍ବାଞ୍ଚଳରେ...

ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ହେଉଛି, ତେବେ ଏହା ସମସ୍ତ ପ୍ରାରମ୍ଭିକ ପାରାମିଟର ପୂରଣ କରିବା ପରେ ମୌସୁମୀ ପହଞ୍ଚିଥିବା ଆଇଏମ୍‌ଡି ଘୋଷଣା କରିଛି। ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ଅଧିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଉତ୍ତର ଭାରତ ସମେତ ସାରା ଦେଶ ପ୍ରଚଣ୍ଡ ଗ୍ରୀଷ୍ମ ଲହରରେ ଅସ୍ତବ୍ୟସ୍ତ ହେଉଥିବାବେଳେ ମୌସୁମୀର ଆଗୁଆ ଆଗମନ ଆଶ୍ୱସ୍ତି ଦେଇଛି। ଏହା କ୍ରମେ ଉତ୍ତର ଦିଗରେ ଗତି କରି ଜୁଲାଇ ୮ ସୁଦ୍ଧା ସାରା ଦେଶରେ ପହଞ୍ଚିବ।

### ପ୍ରଚାର ଶେଷ...

ହେବେ। ଯାଜପୁର ଜିଲାରେ ୨୦ ସିଏପିଏଫ୍ ମୁତୟନ ହେବାକୁ ଥିବାବେଳେ ବାଲେଶ୍ୱର ୨୨, ଭଦ୍ରକ ୧୬, କେନ୍ଦ୍ରାପଡ଼ା ୧୮, ଜଗତ୍‌ସିଂହପୁର ୧୨, ମୟୂରଭଞ୍ଜ ୧୮, କଟକ ୧୨ ଏବଂ ପୁରୀ ଜିଲାରେ ୨୭ ସିଏପିଏଫ୍ ମୁତୟନ ହେବେ। ୧୩ଟି ନିର୍ବାଚନମଣ୍ଡଳୀର ପୋଲିଂ ଦଳଗୁଡ଼ିକୁ (ସଖୀ ବୁଥ୍ ବ୍ୟତିରେକେ) ଗୁରୁବାର ପଠାଯାଇଥିବା ବେଳେ ଅନ୍ୟମାନଙ୍କୁ ଶୁକ୍ରବାର ପଠାଯିବ। ପ୍ରତି ପୋଲିଂ ଷ୍ଟେଶନରେ ଜଣେ ଆଶାକର୍ମୀ ଓ ଜଣେ ଅଙ୍ଗନୱାଡ଼ି କର୍ମୀ ରହିବେ। ସମ୍ଭାବ୍ୟ ଅଂଶୁଘାତର ଜରୁରୀ ଚିକିତ୍ସା ପାଇଁ ସେଠାରେ ଆବଶ୍ୟକ ଔଷଧ, ଓଆର୍‌ଏସ୍ ଆଦି ରହିବ। ପ୍ରତି ପୋଲିଂ ଷ୍ଟେଶନରେ ସେକ୍ଟର ଅଫିସରଙ୍କ ସହ ଜଣେ ପାରା-ମେଡିକାଲ ଷ୍ଟାଫ୍ ଜରୁରୀ ଔଷଧପତ୍ର ସହିତ ରହିବେ। ବରିଷ୍ଠ ଭୋଟର ଓ ଭିନ୍ନକ୍ଷମ ଭୋଟରଙ୍କ ସହାୟତା ପାଇଁ ସ୍ୱେଚ୍ଛାସେବୀମାନେ ରହିବେ। ଭୋଟରମାନଙ୍କ ପାଇଁ ପୋଲିଂ ବୁଥ୍‌ରେ ପାନୀୟ ଜଳ, ଶୌଚାଳୟ ଓ ଛାଇ ଆଦି ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରାଯାଇଛି। ବୁଥ୍ ଭିତରକୁ କୌଣସି ବୈଦ୍ୟୁତିକ ଉପକରଣ ଯଥା-ମୋବାଇଲ୍ ଫୋନ୍, କ୍ୟାମେରା,ହେଡ୍‌ଫୋନ୍ ଓ ସ୍ମାର୍ଟ ୱାଚ ଆଦି ନେବାର ଅନୁମତି ନାହିଁ। ଏହି ପର୍ଯ୍ୟାୟ ନିର୍ବାଚନରେ ସଂସଦୀୟ କ୍ଷେତ୍ର ପାଇଁ ୧୩,୪୬୨ ବାଲଟ ୟୁନିଟ୍ ଓ ବିଧାନସଭା ପାଇଁ ୧୪,୧୨୨ ବାଲଟ ୟୁନିଟ ବ୍ୟବସ୍ଥା ହୋଇଛି। ଜନସାଧାରଣ ଶାନ୍ତିଶୃଙ୍ଖଳା ପୂର୍ବକ ମତଦାନ କରି ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆହ୍ୱାନ ଦେଇଛନ୍ତି।

### ଓଡ଼ିଶାରେ ବୃଥାମଣାରେ...

କ୍ଷମତା ଉପଭୋଗ କରୁଛନ୍ତି। ତାଙ୍କ ଇସାରାରେ ଶାସନ ଚାଲିଛି ବୋଲି ରାହୁଲ କହିଛନ୍ତି।

୧୦ ବର୍ଷରେ ମୋଦି ସରକାର ଓଡ଼ିଶା ଏବଂ ଭାରତ ପାଇଁ କିଛି କରିନାହାନ୍ତି। କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି। କୃଷକ, ଛାତ୍ର, ମହିଳା, ଆଦିବାସୀଙ୍କୁ ସବୁବେଳେ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ଅବହେଳା କରିଆସିଛନ୍ତି। ୩୦ ଲକ୍ଷ ପଦବୀ ଖାଲି ପଡ଼ିଥିବା ବେଳେ ଯୁବକମାନଙ୍କୁ ଚାକିରି ମିଳୁନାହିଁ। ମୋଦି ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ରହିଗଲା। ମିଛ ପ୍ରତିଶ୍ରୁତିରେ ମୋଦି ୧୦ ବର୍ଷ ଶାସନ କରିଥିବା ବେଳେ ଦେଶରେ କୌଣସି କ୍ଷେତ୍ରରେ ବିକାଶ ହୋଇପାରି ନାହିଁ ବୋଲି ରାହୁଲ କହିଛନ୍ତି। ଓଡ଼ିଶା ସହିତ ତେଲଙ୍ଗାନା ରାଜ୍ୟର ତୁଳନା କରି, ସେଠାରେ ଗମନାଗମନ, ମହିଳା ସଶକ୍ତୀକରଣ, କୃଷି, ଶିଳ୍ପ ଇତ୍ୟାଦିର ସମଗ୍ର ବିକାଶ ତୁଳନାରେ ଓଡିଶାରେ କିଛି ହୋଇ ନ ଥିବା ସେ ଉଲ୍ଲେଖ କରିଥିଲେ। ଏଥିସହ ରାହୁଲ କହିଛନ୍ତି, କଂଗ୍ରେସ ସରକାର ଆସିଲେ ଆମେ ଯାହା କରିବା ପାଇଁ ଭାବୁଛୁ ଓଡ଼ିଶାର ଜନସାଧାରଣ ସ୍ୱପ୍ନରେ ମଧ୍ୟ ତାହା ଭାବି ନ ଥିବେ। ଗ୍ରାଜୁଏଟ୍‌ମାନଙ୍କୁ ତାଲିମ ପରେ ଚାକିରି, ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ବାର୍ଷିକ ୧ ଲକ୍ଷ ଟଙ୍କା ଜମା, କୃଷକଙ୍କୁ ସମୂହ ଋଣ ଛାଡ ସହିତ ଓଡିଶାର ସମୂହ ବିକାଶ ପାଇଁ କଂଗ୍ରେସ ସରକାର କାର୍ଯ୍ୟ କରିବ। ଦେଶରେ ଏବଂ ଓଡ଼ିଶାରେ ପରିବର୍ତ୍ତନ ପାଇଁ ଭଦ୍ରକ ଲୋକ ସଭା କ୍ଷେତ୍ର ଦଳୀୟ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଏବଂ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ରାହୁଲ ନିବେଦନ କରିଛନ୍ତି।

ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର, ଉପସଭାପତି ତାରାପ୍ରସାଦ ବାହିନୀପତି, ଲୋକ ସଭା ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଜିଲା କଂଗ୍ରେସ ସଭାପତି ତଥା ବାସୁଦେବପୁର ବିଧାୟକ ପ୍ରାର୍ଥୀ ଅଶୋକ ଦାସ, ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ, ଭଦ୍ରକ ବିଧାୟକ ପ୍ରାର୍ଥୀ ଅସିତ୍ ପଟ୍ଟନାୟକ, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ଅମିୟ ମହାପାତ୍ର, ସିମୁଳିଆ ବିଧାୟକ ପ୍ରାର୍ଥୀ ହିମାଂଶୁ ବେହେରା, ସୋର ବିଧାୟକ ପ୍ରାର୍ଥୀ ସୁବ୍ରତ ଧଡ଼ା, ଧାମନଗର ବିଧାୟକ ପ୍ରାର୍ଥୀ ରଞ୍ଜନ ବେହେରା ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ଏବଂ ରାଜ୍ୟରେ ଅଣଓଡ଼ିଆ ଶାସନ ବିରୋଧରେ ବକ୍ତବ୍ୟ ରଖିଥିଲେ। ସୋର, ସିମୁଳିଆ, ଭଦ୍ରକ ଓ ବାସୁଦେବପୁର ସମେତ ଲୋକ ସଭା କ୍ଷେତ୍ର ଅଧୀନ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବହୁ କଂଗ୍ରେସ କର୍ମୀ ସଭାରେ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତୀ ନେ, ଘୋଡ଼ା ନେ,**
**ମୋ ପେଁକାଳୀ ବଜାଇ ଦେ।**

ସ୍ୱାର୍ଥସନ୍ଧିତ୍ସୁ ବ୍ୟକ୍ତି ନିଜର ସ୍ୱାର୍ଥ ପୂରଣ ପାଇଁ ସଦାସର୍ବଦା ଉଦ୍ୟମ ଚଳାଇଥାନ୍ତି। ସ୍ୱାର୍ଥ ହାସଲ ପାଇଁ ଦରକାର ପଡ଼ିଲେ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇବାକୁ ପଛାଇ ନ ଥାନ୍ତି। ଯେନତେନ ପ୍ରକାରରେ ଅନ୍ୟକୁ ଭଣ୍ଡେଇ ନିଜର ଇପ୍ସିତ ଇଚ୍ଛାକୁ ପୂରଣ କରାଇ ନିଆଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ହଜାରେ ଗଧରେ ବାଛିଲେ ଭଲ,
ବାଛିଲେ ନୁହନ୍ତି ଘୋଡ଼ାକୁ ତୁଲ।

ଗଧ ଓ ଘୋଡ଼ା ମଧ୍ୟରେ ଆକାଶ ପାତାଳ ଫରକ ରହିଥାଏ। ହଜାରେ ଗଧ ମଧ୍ୟରୁ ବଛା ଯାଇଥିବା ଗଧ ଗୋଟିଏ ଘୋଡ଼ା ସହ ସମକକ୍ଷ ହୋଇପାରି ନ ଥାଏ। ପରୋକ୍ଷରେ ଗୁଣ ଓ ପ୍ରତିଭା ନ ଥିଲେ ବ୍ୟକ୍ତି ସମ୍ମାନ ଓ ପ୍ରତିଷ୍ଠା ପାଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସ୍ତ୍ରୀ ହତ୍ୟା ମାମଲା: ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର, ୩୦।୫
(ମାନସ ବିଶ୍ୱାଳ)

ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ବାଲେଶ୍ୱର ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଗୁରୁବାର ଅଭିଯୁକ୍ତ ସ୍ୱାମୀ ଅମୂଲ୍ୟ ଦାସଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି।

ସଦର ଥାନା ଅଧୀନ ଓଡ଼ଙ୍ଗୀ ଗ୍ରାମରେ ଅମୂଲ୍ୟ ଦାସ ଓ ତାଙ୍କ ସ୍ତ୍ରୀ ଅଞ୍ଜଳିଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ୨୦୧୮ ଜୁଲାଇ ୨୮ତାରିଖରେ କୌଣସି କାରଣରୁ ଅମୂଲ୍ୟ ଏକ ଠେଙ୍ଗାରେ ସ୍ତ୍ରୀ ଅଞ୍ଜଳିଙ୍କୁ ଖୁବ୍ ଜୋର୍‌ରେ ପିଟି ଦେଇଥିଲେ। ଅଞ୍ଜଳିଙ୍କ ମୁଣ୍ଡଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଅମୂଲ୍ୟଙ୍କ ସାନଭାଇ ରତିକାନ୍ତ ଦାସ ସଦର ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏକ ହତ୍ୟା ମାମଲା (ନଂ.୨୧୭/୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଉକ୍ତ ମାମଲା ବାଲେଶ୍ୱର ଜିଲା ଓ ଦୌରାଜଜଙ୍କ ଅଦାଲତରେ ବିଚାରଧୀନ ଥିଲା। ମାମଲାରେ ଏକମାତ୍ର ପ୍ରତ୍ୟକ୍ଷ ସାକ୍ଷୀ ତଥା ମୃତା ଅଞ୍ଜଳିଙ୍କ ନାବାଳିକା କନ୍ୟାଙ୍କ ବୟାନ ମାମଲାକୁ ଗମ୍ଭୀର କରିଥିଲା। ଅମୂଲ୍ୟ ସ୍ତ୍ରୀ ଅଞ୍ଜଳିଙ୍କୁ ଜୋର୍‌ରେ ଆକ୍ରମଣ କରି ତଳେ ପକାଇବାରେ ତାଙ୍କ ଝିଅ ଦେଖିଥିଲେ। ପରେ ସେ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଇବାରୁ ଅମୂଲ୍ୟଙ୍କ ନାବାଳିକା ଝିଅ ଓ ପୁଅ ଏକ ଖଟ ତଳେ ଲୁଚିଯାଇଥିଲେ। ଏହି ଖବର ଥାନାରେ ପହଞ୍ଚିଥିଲା।

## ପିସିଆର କର୍ମଚାରୀଙ୍କୁ ଆକ୍ରମଣ, ମହିଳା ସମେତ ୯ ଗିରଫ

ଭୁବନେଶ୍ୱର,୩୦।୫
(ସୂର୍ଯ୍ୟକାନ୍ତ ବେହେରା)

**ଅଭିଯୁକ୍ତଙ୍କ କବଳରୁ ନାବାଳକ ଉଦ୍ଧାରବେଳେ ତୁମୁଳକାଣ୍ଡ**

ଆକ୍ରମଣକାରୀଙ୍କ କବଳରୁ ଜଣେ ନାବାଳକଙ୍କୁ ଉଦ୍ଧାର କରିବାକୁ ଯାଇଥିବା ପିସିଆର୍ କର୍ମଚାରୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିସହ ପୋଲିସ ଗାଡ଼ିକୁ ମଧ୍ୟ ଭଙ୍ଗାରୁଜା କରାଯାଇଛି। ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ମୀନା ସ୍ୱାଇଁ, ବାବୁଲି ଛାଟୋଇ, ଦିଲୀପ ଗୌଡ, ପଞ୍ଚୁ ଗୌଡ, ଗିରିଆ ସାମଲ, ସିରିଆ ସାମଲ, ସୁମନ ନାୟକ, ସୋମନାଥ ତଡା ଓ ରାକେଶ କୁମାର ସାହୁ। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ବୁଧବାର ସନ୍ଧ୍ୟାରେ ପିସିଆର୍ ୧୫ର ହାବିଲଦାର ପ୍ରିୟବ୍ରତ ନାୟକ ଓ ତାଙ୍କ ଟିମ୍ ଶିରିପୁର ଫାର୍ମଗେଟ୍ ବସ୍ତି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ସବିତା ନାମ୍ନୀ ଜଣେ ମହିଳା ତାଙ୍କର ନାବାଳକ ପୁଅକୁ ଜଣେ ବ୍ୟକ୍ତି ଗୁରୁତର ଭାବରେ ଆକ୍ରମଣ କରୁଥିବା ନେଇ ଜଣାଇଥିଲେ। ଏହାପରେ ପିସିଆର୍ ୧୫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ଏହି ଅଭିଯୁକ୍ତା ମୀନା ସ୍ୱାଇଁଙ୍କ ପ୍ରରୋଚନାରେ ୨୦ରୁ ୨୫ଜଣ ପିସିଆରକୁ ଘେରାଉ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ପୋଲିସକୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିରେ କେତେଜଣ ପିସିଆର୍ କର୍ମଚାରୀ ଆହତ ହୋଇଥିଲେ ମଧ୍ୟ ବହୁ କଷ୍ଟରେ ଆକ୍ରମଣକାରୀଙ୍କ କବଳରୁ ନାବାଳକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏଥିରେ ଉତ୍ୟକ୍ତ ହୋଇ ଅଭିଯୁକ୍ତମାନେ ପିସିଆର ଭ୍ୟାନକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ନଂ.୩୬୭/୨୪ ରୁଜୁ କରି ତୁରନ୍ତ ପଦକ୍ଷେପ ଆରମ୍ଭ କରିଥିଲା। ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ ସୂଚନା ଦେଇଛି।






# ଜନ୍ମଦିନର ଶୁଭେଚ୍ଛା



ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଗୁନ୍‌ଗୁନ୍ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ସର୍ବାଧିକ

ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)



ଦେଶରେ ପ୍ରଚଳିତ ନୋଟ୍ ମଧ୍ୟରେ ୫୦୦ ଟଙ୍କିଆ ନୋଟ୍‌ର ପରିମାଣ ସର୍ବାଧିକ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହାର ବାର୍ଷିକ ରିପୋର୍ଟରେ କହିଛି ଯେ, ମାର୍ଚ୍ଚ ୨୦୨୪ ସୁଦ୍ଧା ୫୦୦ଟଙ୍କିଆ ନୋଟ୍‌ର ଅଂଶ ୮୬.୫ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ୧ ବର୍ଷ ପୂର୍ବେ ଏହା ୭୭.୧ ପ୍ରତିଶତ ଥିଲା । ଗତ ବର୍ଷ ମେ ମାସରେ ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ଘୋଷଣା ହେବା ପରେ ୫୦୦ଟଙ୍କିଆ ନୋଟ୍‌ର ବ୍ୟବହାର ବଢ଼ିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ୨୦୦୦ ଟଙ୍କିଆ ନୋଟ୍‌ର ପରିମାଣ ୧ ବର୍ଷ ପୂର୍ବେ ସମାନ ଅବଧିରେ ୧୦.୮ ପ୍ରତିଶତରୁ ୦.୨ ପ୍ରତିଶତକୁ ଖସି ଆସିଛି। ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ସର୍ବାଧିକ ୫.୧୬ ଲକ୍ଷ ୫୦୦ ଟଙ୍କିଆ ନୋଟ୍ ରହିଥିବାବେଳେ ୨.୪୯ ଲକ୍ଷଟି ୧୦ ଟଙ୍କିଆ ନୋଟ୍ ସହ ଦ୍ୱିତୀୟ ସ୍ଥାନରେ ରହିଛି। ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ନୋଟ୍‌ଗୁଡିକର ମୂଲ୍ୟ ଏବଂ ପରିମାଣ ଯଥାକ୍ରମେ ୩.୯ ପ୍ରତିଶତ ଏବଂ ୭.୮ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ପୂର୍ବ ଆର୍ଥିକ ବର୍ଷରେ ଏହି ବୃଦ୍ଧି ଯଥାକ୍ରମେ ୭.୮ ପ୍ରତିଶତ ଏବଂ ୪.୪ ପ୍ରତିଶତ ବୃଦ୍ଧି ପାଇଛି।

ତେବେ ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର କାରଣରୁ ନକଲି ନୋଟ୍ ଚିହ୍ନଟ ମଧ୍ୟ ସରଳ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ୨,୦୦୦ ଟଙ୍କିଆ ୨୬,୦୦୦ ରୁ ଅଧିକ ନକଲି ନୋଟ୍ ଚିହ୍ନଟ ହୋଇଥିବାବେଳେ ୧ ବର୍ଷ ପୂର୍ବେ ୯,୮୦୬ ନକଲି ନୋଟ୍ ଚିହ୍ନଟ କରାଯାଇଥିଲା। ତେବେ ଚିହ୍ନଟ ହୋଇଥିବା ନକଲି ୫୦୦ ଟଙ୍କିଆ ନୋଟ୍ ସଂଖ୍ୟା ୧ ବର୍ଷ ମଧ୍ୟରେ ୯୧,୧୧୦ ରୁ ୮୫,୭୧୧ କୁ ହ୍ରାସ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ, ଆର୍‌ବିଆଇ ନୋଟ୍ ଛାପିବା ପାଇଁ ୫,୧୦୧ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ୧ ବର୍ଷ ପୂର୍ବରୁ ସମାନ ସମୟ ମଧ୍ୟରେ ୪,୬୮୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଲୋକଙ୍କ ମଧ୍ୟରେ ମୁଦ୍ରା ବ୍ୟବହାରକୁ ନେଇ ରିଜର୍ଭ ବ୍ୟାଙ୍କ ମଧ୍ୟ ଏକ ସର୍ଭେ କରିଥିଲା। ଡିଜିଟାଲ ପେମେଣ୍ଟ ପଦ୍ଧତି ଲୋକପ୍ରିୟ ହେବା ସତ୍ତ୍ୱେ ନଗଦ ଟଙ୍କା କାରବାର କମି ନ ଥିବା ସର୍ଭେରୁ ଜଣାପଡ଼ିଛି।

୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ବିଷୟରେ ଏହି ରିପୋର୍ଟରେ କୁହାଯାଇଛି ଯେ ୨୦୧୬ ରେ ବିମୁଦ୍ରୀକରଣ ପରେ ଆରମ୍ଭ ହୋଇଥିବା ଏହି ନୋଟ୍‌ର ପ୍ରାୟ ୮୯ ପ୍ରତିଶତ ୪ ବର୍ଷରୁ ଅଧିକ ସମୟ ଧରି ପ୍ରଚଳିତ ଥିଲା। ଏହି ନୋଟ୍‌ଗୁଡିକ ସାଧାରଣତଃ କାରବାରରେ ବ୍ୟବହୃତ ହେଉ ନ ଥିଲା ତେଣୁ ଏହାକୁ ପ୍ରତ୍ୟାହର କରିବା ଜରୁରୀ ଥିଲା। ରିପୋର୍ଟ ଅନୁଯାୟୀ, ଜନସାଧାରଣଙ୍କ ନିକଟରେ ଉପଲବ୍ଧ ୨୦୦୦ ଟଙ୍କିଆ ନୋଟ୍ ମୂଲ୍ୟର ମୋଟ ୩.୫୬ ଲକ୍ଷ କୋଟି ଟଙ୍କା ମଧ୍ୟରୁ ୯୭.୭ ପ୍ରତିଶତ ମାର୍ଚ୍ଚ ୩୧ ସୁଦ୍ଧା ଫେରସ୍ତ କରାଯାଇଛି।

# ଟିପିଏସ୍‌ଓଡିଏଲ୍‌କୁ ଗ୍ରେଟ ପ୍ଲେସ ଟୁ ୱାର୍କ ମାନ୍ୟତା

ବ୍ରହ୍ମପୁର,୩୦।୫(ସ୍ମୃତି ରଞ୍ଜନ ମହାଳିକ)




ଟିପି ସଦର୍ନ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଗ୍ରେଟ ପ୍ଲେସ ଟୁ ୱାର୍କ ମାନ୍ୟତା ହାସଲ କରିଛି। ଏହି ପ୍ରମାଣ ପତ୍ର ଚଳିତ ମେ' ମାସରୁ ଆସନ୍ତାବର୍ଷ ମେ ମାସ ପର୍ଯ୍ୟନ୍ତ ବୈଧ ରହିବ। କମ୍ପାନୀର କର୍ମକ୍ଷେତ୍ର ସଂସ୍କୃତି ଓ କର୍ମଚାରୀଙ୍କର କମ୍ପାନୀ ପ୍ରତି ଥିବା ସନ୍ତୁଷ୍ଟି ଏବଂ ବିଶ୍ୱାସ ଆଧାରରେ ଗ୍ରେଟ ପ୍ଲେସ ଟୁ ୱାର୍କ ପ୍ରମାଣ ପତ୍ର ପ୍ରଦାନ କରାଯାଇଥାଏ। ଟିପିଏସ୍‌ଓଡିଏଲ ତାହାର କର୍ମଚାରୀଙ୍କ ମଧ୍ୟରେ ଦୃଢ ବିଶ୍ୱାସ ଓ ବନ୍ଧୁତାର ଭାବକୁ ପ୍ରତିଫଳିତ କରିପାରିଥିବାରୁ ଏହି ପ୍ରମାଣପତ୍ର ହାସଲ କରିଛି। ଏହା କର୍ମଚାରୀଙ୍କର ନିଷ୍ଠା ଓ ଆତ୍ମ ସୁପରିଚାଳନାର ପ୍ରମାଣ ବୋଲି ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି। ଟିପିଏସଓଡିଏଲ କିଭଳି କର୍ମଚାରୀଙ୍କର କଲ୍ୟାଣ ଓ ବୃତ୍ତିଗତ ଅଭିବୃଦ୍ଧି ଦିଗରେ ଧ୍ୟାନ ଦେଉଛି ସେ ନେଇ କ୍ରମାଗତ ପ୍ରଚେଷ୍ଟା ଜାରି ରଖିଥିବା ପ୍ରମାଣପତ୍ରରେ ଉଲ୍ଲେଖ ରହିଛି। ସେହିଭଳି ସମାଜ ପ୍ରତି ଅବଦାନ, କର୍ମକ୍ଷେତ୍ରରେ ଉତ୍ସାହ, ପରିଚାଳନା ଦକ୍ଷତା ଓ କର୍ମଚାରୀଙ୍କ କାର୍ଯ୍ୟ ଏବଂ ଅନୁଷ୍ଠାନ ପ୍ରତି ଥିବା ସନ୍ତୁଷ୍ଟି କ୍ଷେତ୍ରରେ କମ୍ପାନୀର ଯୋଗଦାନ ସମ୍ପର୍କରେ ମଧ୍ୟ ପ୍ରମାଣପତ୍ରରେ ଉଲ୍ଲେଖ କରାଯାଇଛି।

# ଗୁଣାତ୍ମକ ଗ୍ରାହକ ସେବାକୁ ଗୁରୁତ୍ୱ

ଭୁବନେଶ୍ୱର, ୩୦।୫ (ଅଭୟ ଦାଶ)




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ନିକଟରେ ଏକ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ରାଜେଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାହକମାନଙ୍କୁ ସମ୍ବୋଧନ କରିବା ସହ ବ୍ୟାଙ୍କର ଡିଜିଟାଲ ଉତ୍ପାଦ, ଅନ୍‌ଲାଇନ ଋଣ ସୁବିଧା ଏବଂ ସମସ୍ତ ଗ୍ରାହକଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ସେବାକୁ ସହଜ ଓ ସରଳ କରିବା ନେଇ ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଥିଲେ। ଏପରିକି ଗୁଣାତ୍ମକ ଗ୍ରାହକ ସେବାକୁ ସେ ଗୁରୁତ୍ୱ ଦେବା ସହ ବ୍ୟାଙ୍କର ସମସ୍ତ ମଣ୍ଡଳସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ରାଜେଶ କୁମାର ନିକଟରେ ୨ଦିନିଆ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ପିଏନ୍‌ବି ବ୍ରହ୍ମପୁର ମଣ୍ଡଳର ବ୍ୟବସାୟିକ ସମୀକ୍ଷା କରିଥିଲେ ଏବଂ କର୍ପୋରେଟ୍ ଦୃଷ୍ଟିକୋଣ ଓ ବର୍ତ୍ତମାନର ଆର୍ଥିକ ବର୍ଷ ପାଇଁ ଆନୁମାନିକ ଆଶା ଉପରେ ବିଚାରବିମର୍ଶ କରିଥିଲେ। ଅପରପକ୍ଷରେ ସେ ପିଏନ୍‌ବିର ସ୍ଥାନୀୟ ଶାଖାଗୁଡିକୁ ପରିଦର୍ଶନ କରିବା ସହ ଶାଖା ଦ୍ୱାରା ପ୍ରଦାନ କରାଯାଉଥିବା ଗ୍ରାହକ ସେବାର ଗୁଣବତ୍ତା ଆକଳନ କରିଥିଲେ।

ଏହି ପରିପ୍ରେକ୍ଷୀରେ ପିଏନ୍‌ବି ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଡ. ଆଲୋକ ରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ଫାର୍ମାର୍ସ ଟ୍ରେନିଂ ସେଣ୍ଟରଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ସେନାପତି କୃଷକମାନଙ୍କ ପାଇଁ ଉପଲବ୍ଧ ଥିବା ସ୍ୱତନ୍ତ୍ର ଋଣ ଉତ୍ପାଦ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଲ୍‌ପି ମୁଖ୍ୟ ରାଜେଶ କୁମାର ମହନ୍ତ, ସର୍କଲ ଶସ୍ତ୍ର ମୁଖ୍ୟ ପ୍ରଶାନ୍ତ କୁମାର ସିଂ, ଉପ-ମଣ୍ଡଳ ମୁଖ୍ୟ ପ୍ରଦୀପ କୁମାର ଦାସ, ମୁଖ୍ୟ ପ୍ରବନ୍ଧକ ସୁବ୍ରତ କୁମାର ସେଠୀ, ମୁଖ୍ୟ ପ୍ରବନ୍ଧକ ପ୍ରଶାନ୍ତ କୁମାର ସାହୁ, ମୁଖ୍ୟ ପ୍ରବନ୍ଧକ ମମତା ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍‌ର ବାର୍ଷିକ ଫଳାଫଳ

ଭୁବନେଶ୍ୱର, ୩୦।୫

ଷ୍ଟିଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଶେଷ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ଏବଂ ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ୪ର୍ଥ ତ୍ରୈମାସିକରେ କମ୍ପାନୀର ରାଜସ୍ୱ ୫୮,୬୮୭ କୋଟି ଟଙ୍କା ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୬% ଅଧିକ ବୋଲି ଆକଳନ କରାଯାଇଛି। ଏହି ତ୍ରୈମାସିକରେ ଇବିଆଇଟିଡିଏ ୬,୬୩୧ କୋଟି ଟଙ୍କା ହୋଇଥିବାବେଳେ ଇବିଆଇଟିଡିଏ ମାର୍ଜିନ୍ ୧୧% ରହିଛି।

ସେହିଭଳି ୨୦୨୪ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍‌ର ରାଜସ୍ୱ ୨,୨୯,୧୭୧ କୋଟି ଟଙ୍କା ହୋଇଥିବାବେଳେ ଇବିଆଇଟିଡିଏ ମାର୍ଜିନ୍ ୨୩,୪୦୨ କୋଟି ଟଙ୍କା ଏବଂ ୪ର୍ଥ ତ୍ରୈମାସିକରେ କମ୍ପାନିର ପୁଞ୍ଜି ବ୍ୟୟ ୪,୮୫୦ କୋଟି ଟଙ୍କା ଥିବାବେଳେ ବର୍ଷକ ପାଇଁ ୧୮,୨୦୭ କୋଟି ଟଙ୍କା ଥିଲା। ସେହିପରି କଳିଙ୍ଗନଗରରେ ୫ଏମ୍‌ଟିପିଏ ସମ୍ପ୍ରସାରଣର ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ପ୍ରକ୍ରିୟା ଜାରି ରହିଛି। ଟାଟା ଷ୍ଟିଲ୍‌ର ନିଟ୍ ଋଣ ୭୭,୫୫୦ କୋଟି ଟଙ୍କା ରହିଛି। ଗ୍ରୁପ୍ ପାଖରେ ୩୧,୭୬୭ କୋଟି ଟଙ୍କାର ନିଟ୍ ନଗଦ ରହିଛି। ଟାଟା ଷ୍ଟିଲ୍ ଏହି ସମୟରେ ସର୍ବକାଳୀନ ସର୍ବାଧିକ ୨୦.୮ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରିଥିବା ବେଳେ ୧୯.୯ ନିୟୁତ ଟନ୍ ଇସ୍ପାତ ଡେଲିଭରି କରିଛି। ବାର୍ଷିକ ଡେଲିଭରିରେ ୯% ବୃଦ୍ଧି ହୋଇଛି। ୪ର୍ଥ ତ୍ରୈମାସିକରେ ଡେଲିଭରି ୫% ବୃଦ୍ଧି ପାଇ ୫.୪୨ ନିୟୁତ ଟନ୍ ହୋଇଛି। ବ୍ରିଟେନ୍ ଶ୍ରମିକ ସଂଗଠନ ସହ ୭ ପର୍ଯ୍ୟାୟ ଆଲୋଚନା ପରେ କମ୍ପାନୀ ଜୁନ୍‌ରେ କାରଖାନା ବନ୍ଦ ପ୍ରକ୍ରିୟା ଆରମ୍ଭ କରିଛି ଏବଂ ପୋର୍ଟ ଟାଲବଟ୍‌ରେ ଇଲେକ୍ଟ୍ରିକ୍ ଆର୍କ ଫର୍ନାସ୍ ମୁତୟନ କରିବାରେ ନିବେଶ କରିବା ଯୋଜନା ପ୍ରସ୍ତୁତ କରିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ କହିଛନ୍ତି, ଆହ୍ୱାନପୂର୍ଣ୍ଣ ପରିଚାଳନା ପରିବେଶ ସତ୍ତ୍ୱେ ଭାରତ ଓ ବିଦେଶରେ ନିର୍ଦ୍ଧାରିତ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇ ଟାଟା ଷ୍ଟିଲ୍ ପାଇଁ ୨୦୨୪ ଆର୍ଥିକ ବର୍ଷ ଏକ ପ୍ରଗତିର ବର୍ଷ ସାବ୍ୟସ୍ତ ହୋଇଛି।

# ମାଲେସିଆକୁ ଏୟାର ଏସିଆର ଡାଇରେକ୍ଟ ଫ୍ଲାଇଟ୍

ଭୁବନେଶ୍ୱର, ୩୦।୫

ଏୟାର ଏସିଆର ବହୁପ୍ରତୀକ୍ଷିତ ବିମାନ ସେବା 'ଭୁବନେଶ୍ୱରରୁ ମାଲେସିଆ'କୁ ଡାଇରେକ୍ଟ ଫ୍ଲାଇଟ ସେବାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେବା ପାଇଁ ପର୍ଯ୍ୟଟନ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛି। ଏହି ରଣନୀତିକ ପ୍ରୟାସ ସହ ଭାରତ ଓ ମାଲେସିଆ ମଧ୍ୟରେ ବିମାନ ସେବାକୁ ମଜଭୁତ କରିବା ପାଇଁ ଏୟାର ଏସିଆ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ୨ ଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ରକ୍ଷା ହୋଇପାରିବ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରୁ କୁଆଲାଲମପୁର ପ୍ରତି ମଙ୍ଗଳବାର, ଗୁରୁବାର ଓ ଶନିବାର ୨୩.୫୦ରୁ ୬.୧୦ଘଟିକା ମଧ୍ୟରେ ଆରମ୍ଭ ହେବ ଏବଂ ଏହାର ଟିକେଟ ମୂଲ୍ୟ ୫୫୯୯ ଟଙ୍କାରୁ ଆରମ୍ଭ ହେଉଛି। ଏ ସମ୍ପର୍କରେ ଏୟାର ଏସିଆର ବରିଷ୍ଠ ସେଲ୍‌ସ ମ୍ୟାନେଜର ଜଗଜିତ ସିଂ ଓବରେଇ କହିଛନ୍ତି, ଏହି ନୂଆ ରୁଟ୍ ଆମର ଯାତ୍ରୀମାନଙ୍କୁ ସୁଲଭ ମୂଲ୍ୟରେ ଯାତ୍ରା ଅନୁଭୂତି ପାଇଁ ଦେଇଥିବା ଆମ ପ୍ରତିଶ୍ରୁତିର ପ୍ରମାଣ। ଆମେ ଆମର ଯାତ୍ରୀମାନଙ୍କ ସୁଖ ଓ ସନ୍ତୋଷ କାମନା କରୁଛୁ। ସେହିଭଳି ପର୍ଯ୍ୟଟନ ମାଲେସିଆ ମୁମ୍ବାଇର ନିର୍ଦ୍ଦେଶକ ନୋରିୟା ଜାଫର କହିଛନ୍ତି, ଭୁବନେଶ୍ୱରର ଯାତ୍ରୀମାନଙ୍କ ଲାଗି ମାଲେସିଆର ଉପଲବ୍ଧତା ଆମେ ଏୟାର ଏସିଆର ସହଭାଗିତା ପାଇଁ ବହୁତ ଖୁସି ଆଣି ଦେଇଛି। ଏପରିକି ଆମେ ନିଶ୍ଚିତ ଯେ ଦୁଇ ଦେଶ ମଧ୍ୟରେ ଭ୍ରମଣ ଓ ପର୍ଯ୍ୟଟନର ଆଦର ବୃଦ୍ଧି ହୋଇପାରିବ। ସେହିପରି ଭୁବନେଶ୍ୱରର ଯାତ୍ରୀମାନେ ବର୍ତ୍ତମାନ ବିମାନ ବା ସ୍ଥାନାନ୍ତର ପରିବର୍ତ୍ତନ ନ କରି ସିଧାସଳଖ କୁଆଲାଲମପୁରର ଭିସା ମାଗଣାରେ ପାଇପାରିବେ। ଏହା ସହ ଯାତ୍ରୀମାନେ ସେଠାକାର ବିଭିନ୍ନ ପ୍ରାକୃତିକ ସ୍ଥାନର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ବିକାଶ ବୃଦ୍ଧି ପାଇବ।


CLASSIFIED DISPLAY
MORE SPACE • SAME PRICE
TARIFF GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

BINET SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଶରତ ଏୟାରଟେଲ୍ ବିଜ୍‌ନେସ୍‌ର ସିଇଓ

ଭୁବନେଶ୍ୱର, ୩୦।୫


ଶରତ ସିହ୍ନା

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍(ବିଏ)ର ସୂଚନା ଅନୁଯାୟୀ ଶରତ ସିହ୍ନାଙ୍କୁ ଏୟାରଟେଲ ବିଜ୍‌ନେସ୍ ସିଇଓ ଭାବେ ନିଯୁକ୍ତି ଦିଆଯାଇଛି। ଏପରିକି ଏୟାରଟେଲ ମ୍ୟାନେଜମେଣ୍ଟର ନିଷ୍ପତ୍ତି ଅନୁସାରେ ୨୦୨୪ ଜୁନ୍ ୩ ଠାରୁ ସେ ବୋର୍ଡରେ ଯୋଗଦେବା ସହ ଗୋପାଲ ଭିଟଲଙ୍କୁ ରିପୋର୍ଟ କରିବେ ବୋଲି ଏୟାରଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏୟାରଟେଲ୍‌ର ଏମ୍‌ଡି ତଥା ସିଇଓ ଗୋପାଲ ଭିଟଲ କହିଛନ୍ତି, ଆମେ ଆମ ପରିବାର ମଧ୍ୟକୁ ଶରତଙ୍କୁ ସ୍ୱାଗତ କରୁଛୁ। ଏପରିକି ସେ ଆମର ଆଭିମୁଖ୍ୟ ଓ ବ୍ୟବସାୟରେ ବ୍ୟାପକ ସହଯୋଗ କରିବେ ବୋଲି ଆଶା କରାଯାଉଛି। ସେହିଭଳି ଶରତ କହିଥିଲେ, ସେ ଏୟାରଟେଲ୍ ଗ୍ରୁପ୍ ସହ ଜଡ଼ିତ ହୋଇ ବେଶ୍ ଖୁସି ଅଛନ୍ତି ।

# ବିଶ୍ୱର ଶ୍ରେଷ୍ଠ ୧୦୦ ପ୍ରଭାବଶାଳୀ କମ୍ପାନୀ ମଧ୍ୟରେ ଆର୍‌ଆଇଏଲ୍

ଭୁବନେଶ୍ୱର, ୩୦।୫

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)କୁ ନିକଟରେ ଆଉ ଏକ ମାନ୍ୟତା ସହ ବିଶ୍ୱର ଶ୍ରେଷ୍ଠ ୧୦୦ ପ୍ରଭାବଶାଳୀ କମ୍ପାନୀ ମଧ୍ୟରେ ଆର୍‌ଆଇଏଲ୍ ସାମିଲ ହୋଇଛି। ଉଲ୍ଲେଖଯୋଗ୍ୟ,ପ୍ରସିଦ୍ଧ ଆମେରିକୀୟ ପତ୍ରିକା 'ଟାଇମ୍' ପକ୍ଷରୁ ୨୦୨୪ବର୍ଷ ପାଇଁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ କମ୍ପାନୀଗୁଡିକର ତାଲିକା ପ୍ରକାଶ କରାଯାଇଛି। ଏପରିକି ଶ୍ରେଷ୍ଠ ୧୦୦ କମ୍ପାନୀ ତାଲିକା ମଧ୍ୟରେ ୩ ଭାରତୀୟ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏବଂ ଟାଟା ଗ୍ରୁପ୍ ସ୍ଥାନ ପାଇଛନ୍ତି। ଏପରିକି ଏହି ତାଲିକାକୁ ୫ଟି ବର୍ଗରେ ବିଭକ୍ତ କରାଯାଇଛି। ସେଥିରେ ଅଗ୍ରଣୀ(ଲିଡର୍ସ), ଡିସ୍‌ରପଟର୍ସ,ଇନୋଭେଟର୍ସ, ଟାଇଟନ୍ସ ଏବଂ ପାୟୋନିୟର୍ସ ଭଳି ୫ଟି ବର୍ଗ ଥିଲାବେଳେ ରିଲାଏନ୍ସ ଓ ଟାଟା ଗ୍ରୁପ୍ ଟାଇଟନ୍ସ ବର୍ଗ ଏବଂ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପାୟୋନିୟର୍ସ ବର୍ଗ ପାଇଁ ଚୟନ କରାଯାଇଛି। ପ୍ରତ୍ୟେକ ବର୍ଗରେ ୨୦ଟି କମ୍ପାନୀ ସ୍ଥାନ ପାଇଛନ୍ତି। ଟାଇମ ପତ୍ରିକା ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ଇଣ୍ଡିଆଜ୍ ଜଗରନଟ୍ ନାମରେ ନାମିତ କରିଛି।

ଏ ନେଇ ଟାଇମ୍ ପତ୍ରିକା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଉପରେ ମତବ୍ୟକ୍ତ କରି ଲେଖିଛି, ବସ୍ତ୍ର ଓ ପଲିଷ୍ଟର କମ୍ପାନୀ ଭାବେ ଆରମ୍ଭ ହୋଇଥିବା ରିଲାଏନ୍ସ ଆଜି ଏକ ବୃହତ୍ ବ୍ୟବସାୟ ସମୂହ ସହିତ ଦେଶର ସବୁଠାରୁ ମୂଲ୍ୟବାନ୍ କମ୍ପାନୀରେ ପରିଣତ ହୋଇଛି। ଏପରିକି ମୁକେଶ ଅମ୍ବାନୀଙ୍କ ନେତୃତ୍ୱରେ କମ୍ପାନୀ ଶକ୍ତି, ରିଟେଲ ଓ ଟେଲିକମ ସମେତ ଅନେକ କ୍ଷେତ୍ରରେ ବ୍ୟବସାୟ କରୁଛି। ସେହିଭଳି ଭାରତର ସର୍ବବୃହତ୍ ଡିଜିଟାଲ ସେବା ପ୍ରଦାନକାରୀ ତଥା ପ୍ରମୁଖ ପ୍ରଯୁକ୍ତି କମ୍ପାନୀ ଜିଓ ପ୍ଲାଟ୍‌ଫର୍ମସ ୨୦୨୧ରେ ଏହି ତାଲିକାରେ ସ୍ଥାନ ପାଇଥିଲା। ଟାଇମ୍ ପତ୍ରିକା ରିଲାଏନ୍ସ ଏବଂ ଡିଜ୍‌ନି ସହଭାଗିତା ଚୁକ୍ତି ବିଷୟରେ ମଧ୍ୟ ଉଲ୍ଲେଖ କରିଛି।

# ୪୦୦ ନିୟୁତ ଉପରେ ଟ୍ରୁକଲର ସକ୍ରିୟ ଉପଭୋକ୍ତା

ନୂଆଦିଲ୍ଲୀ,୩୦।୫

ଦେଶର ପ୍ରମୁଖ ବୈଶ୍ୱିକ ପ୍ଲାଟଫର୍ମ 'ଟ୍ରୁକଲର'ର ଉପଭୋକ୍ତାଙ୍କ ସଂଖ୍ୟା ୪୦୦ ନିୟୁତ ଅତିକ୍ରମ କରିଛି। ଏପରିକି ଯୋଗାଯୋଗ ଯାଞ୍ଚ ଏବଂ ଅବାଞ୍ଛିତ ଯୋଗାଯୋଗକୁ ଅବରୋଧ କରିବା ପାଇଁ ଟ୍ରୁକଲର ବିଭିନ୍ନ ଭୌଗୋଳିକ ବଜାରରେ ଆଗକୁ ବଢୁଛି ଏବଂ ଚଳିତ ବର୍ଷ ମାର୍ଚ୍ଚ ୩୧ରୁ ୧୦.୧ନିୟୁତ ଉପଭୋକ୍ତା ବଢ଼ାଇଛି। ସେହିଭଳି ଟ୍ରୁକଲର ୨୦୨୪ର ପ୍ରଥମ ତ୍ରୈମାସର ପ୍ରତିମାସରେ ହାରାହାରି ୩୮୩.୪ ନିୟୁତ ସକ୍ରିୟ ଉପଭୋକ୍ତା ଘୋଷଣା କରିଛି ଏବଂ ତ୍ରୟ ମାସ ଶେଷସୁଦ୍ଧା, ମାସିକ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟା ୩୮୯.୯ନିୟୁତ ଥିଲା। ଟ୍ରୁକଲର ଅନ୍ତରୀଣ ରିପୋର୍ଟ ସଂକ୍ରାନ୍ତରେ ତ୍ରୈମାସିକ ଭିତରେ ମାସିକ ଏବଂ ଦୈନିକ ଉପଭୋକ୍ତାଙ୍କ ହାରାହାରି ସଂଖ୍ୟା ସୂଚିତ କରୁଛି। ଏ ସମ୍ପର୍କରେ ଟ୍ରୁକଲରର ସହ ପ୍ରତିଷ୍ଠାତା ଏବଂ ସିଇଓ ଆଲାନ୍ ମାମେଦି କହିଛନ୍ତି, ୪୦୦ନିୟୁତ ସକ୍ରିୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ଆମ ପାଇଁ ବହୁତ ଗର୍ବର ବିଷୟ କିନ୍ତୁ ଏହା ସହିତ ଆମେ ଜାଣୁ ଯେ ଟ୍ରୁକଲରଭଳି ସମାଧାନର ଆବଶ୍ୟକତା ଯଥେଷ୍ଟ ଅଧିକ ରହିଛି। ଫୋନରେ ଅବାଞ୍ଛିତ ଯୋଗାଯୋଗ, ସ୍କାମ୍ ଏବଂ ଠକେଇ ସମସ୍ୟା ଉଭୟ ବ୍ୟକ୍ତିବିଶେଷ ଏବଂ ବ୍ୟବସାୟ ପାଇଁ ବୃଦ୍ଧିପାଇବାରେ ଲାଗିଛି। ନୂଆ ଜ୍ଞାନକୌଶଳ ଏବଂ ଠକ ମାନଙ୍କ ପାଇଁ ଟଙ୍କା ରୋଜଗାର କରିବାର ସୁଯୋଗ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ପାଇଁ ଆମେ ଟ୍ରୁକଲରର ଏହି ବିକାଶକୁ ପ୍ରୋତ୍ସାହିତ କରୁଛୁ।


# Classified Everyday 0674-2580101, 2549949


REAL ESTATE
SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871859, 9937787418. D-409

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possesion. 7848939838. D-75961

Purchase single plot with boundarywall at Chandaka, Nakhara, Patrapada, Jatani gate immediate registration. 9439363944. D-75960

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟଳାରେ SC Plot 2000sqft. 28,00,000/-. 9114705579. D-75956




Monalisa massage Club: All types Body massage with hiprofile smart lady rooms service available. 9708545108. D-410

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

Newly open health benefits SPA special offer @ 999 Bapujinagar. 8018429809. D-76123

LOST

ମୁଁ ସସ୍ମିତା ବେହେରା, ସ୍ୱାମୀ- ବାପି ବେହେରା, ସା/ପୋ- ବୀରପୁରୁଷୋତ୍ତମପୁର, ଥାନା- ପିପିଲି, ଜି- ପୁରୀ। ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ, ମୋର ଗୋଟିଏ ପଟ୍ଟା ଖାତା ନଂ.-୨୮୯, ଏ୦.୦୭ଡିସିମିଲ, ମୌଜା- ବିଦିରପୁର,ତା୨୫।୦୫।୨୦୨୪ରିଖ ଦିନ ଘରୁ ଡେଲାଙ୍ଗ ଯିବା ରାସ୍ତାରେ କେଉଁଠାରେ ପଡ଼ିଯାଇ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟାକୁ ପାଇବେ, ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଛି।
ଓକିଲ- ନୃସିଂହ ଚରଣ ପଟ୍ଟନାୟକ, ମୋ- ୯୮୫୩୩୧୧୧୮୯. ଧ-୪୧୨

AFFIDAVIT

By virtue of an affidavit No.-1168 dated 01.05.2024, I Biranchi Narayan Dash, S/o- Late Gour Charan Dash (old name) have changed my name to Biranchi Narayana Dash, S/o- Late Gour Charan Das (new name). Henceforth, I shall be known as Biranchi Narayana Dash, S/o- Late Gour Charan Das for all purpose. D-411

By virtue of an affidavit sworn before the Executive Magistrate, Puri dated 29.5.2024, I, Rudranarayan Nayak S/o Late Purna Chandra Nayak, At-Balisahi Sardadebi Road, P.O./ P.S.- Puri, Sea Beach, Dist.- Puri, Odisha, declare that I have changed my first name from Rocky Nayak to Rudranarayan Nayak. Henceforth, I shall be known as Rudranarayan Nayak for all purposes.
Sd./ - Rudranarayan Nayak
D-413

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମନେ ପଡ଼ନ୍ତି

ଊନବିଂଶ ଶ୍ରାଦ୍ଧବାର୍ଷିକୀ



୰ସୀତାନାଥ ନନ୍ଦ
ଗାନ୍ଧୀମାର୍ଗ, ଆଠଗଡ଼

ତୁମର ତ୍ୟାଗପୂତ, ସରଳ, ନିରାଡ଼ମ୍ବର, ଆଧାତ୍ମିକ ଜୀବନଶୈଳୀ, କର୍ତ୍ତବ୍ୟନିଷ୍ଠତା, ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାର ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପୂଜ୍ୟ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଅମୃତମୟ ଆଶୀର୍ବାଦ ଭିକ୍ଷାରେ:
ସ୍ତ୍ରୀ, ଝିଅ, ଦୌ, ପୁଅ, ପିଏମ୍, ବାବୁମାନେ, ବୋହୂମାନେ, ନାତିମାନେ, ନାତୁଣୀ ଓ ନାତୁଣୀବୋହୂ।
ଧ-୪୦୮

# ଆଇପିଏଲ୍‌ରେ ଯୁବ ଭାରତୀୟ

ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍)ର ସପ୍ତଦଶ ସଂସ୍କରଣ ସମାପ୍ତ ହୋଇଛି। କୋଲକାତା ନାଇଟ୍‌ରାଇଡର୍ସ ୮ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ୧୦ ବର୍ଷ ପରେ କୋଲକାତା ଟ୍ରଫି ଉଠାଇଥିବା ବେଳେ ଏହି ବିଜୟରେ ଏକାଧିକ ଭାରତୀୟ ଅନ୍‌କ୍ୟାପ୍‌ଡ ଖେଳାଳିଙ୍କ ରହିଥିଲା ବଡ ଅବଦାନ। ୨୦୦୮ ମସିହାରେ ପ୍ରଥମ ଥର ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଭାରତୀୟ ପ୍ରତିଭା ମାନଙ୍କୁ ବିଶ୍ୱ ପଟଳ ସମ୍ମୁଖକୁ ଆଣିବା ଏହି ଟୁର୍ନାମେଣ୍ଟର ମୁଖ୍ୟ ଲକ୍ଷ୍ୟ ରହିଥିଲା। ଚଳିତ ବର୍ଷ ଅନ୍‌କ୍ୟାପଡ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇଛି। ଚଳିତ ବର୍ଷ ଅନେକ ଅନ୍ତର୍ଜାତୀୟ ଖେଳାଳି ଚମତ୍କାର ପ୍ରଦର୍ଶନ କରିଛନ୍ତି। ତେବେ ଅନ୍ତର୍ଜାତୀୟ ଖେଳାଳିଙ୍କ ସହ ତାଳ ମିଳାଇ ସମାନ ଧାରାରେ ଭାରତୀୟ ଅନ୍‌କ୍ୟାପଡ ଖେଳାଳି ମାନେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ରିୟାନ୍ ପରାଗ, ଅଭିଷେକ ଶର୍ମା, ନୀତୀଶ କୁମାର ରେଡ୍ଡୀ, ଅଭିଷେକ ପୋରେଲ, ଶସାଙ୍କ ସିଂ, ବୈଭବ ଅରୋରା, ହର୍ଷିତ ରାଣା, ସନ୍ଦୀପ ଶର୍ମା ଓ ରଶିଖ ସଲାମଙ୍କ ପରି ଖେଳାଳି ବ୍ୟାଟ ଓ ବଲ୍ ଜରିଆରେ ନିଜର ଛାପ ଛାଡିବାରେ ସମର୍ଥ ହୋଇଛନ୍ତି। ଅଲରାଉଣ୍ଡର ଭାବରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିକଳ୍ପ କୁହାଯାଉଥିବା ନୀତୀଶ ଚଳିତ ସିଜନରେ ଇମର୍ଜିଂ ପ୍ଲେୟର ଅଫ୍ ଦ ସିଜନ ହୋଇଛନ୍ତି।


ଅଭିଷେକ ଶର୍ମା

> ୧୦ ବର୍ଷ ପରେ କୋଲକାତା ଟ୍ରଫି ଉଠାଇଥିବା ବେଳେ ଏହି ବିଜୟରେ ଏକାଧିକ ଭାରତୀୟ ଅନ୍‌କ୍ୟାପ୍‌ଡ ଖେଳାଳିଙ୍କ ରହିଥିଲା ବଡ଼ ଅବଦାନ। ୨୦୦୮ ମସିହାରେ ପ୍ରଥମ ଥର ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଭାରତୀୟ ପ୍ରତିଭାମାନଙ୍କୁ ବିଶ୍ୱ ପଟଳ ସମ୍ମୁଖକୁ ଆଣିବା ଏହି ଟୁର୍ନାମେଣ୍ଟର ମୁଖ୍ୟ ଲକ୍ଷ୍ୟ ରହିଥିଲା। ଚଳିତ ବର୍ଷ ଅନ୍ତର୍ଜାତୀୟ ଖେଳାଳିଙ୍କ ସହ ତାଳ ମିଳାଇ ଭାରତୀୟ ଅନ୍‌କ୍ୟାପ୍‌ଡ ଖେଳାଳିମାନେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।

ପ୍ରସ୍ତୁତି: ସରୋଜ ଜେନା

**ରିୟାନ ପରାଗ:** ଆଇପିଏଲ୍‌ରେ ରିୟାନ୍ ପରାଗ ପ୍ରଥମ ଥର ଖେଳୁନାହାନ୍ତି। ବିଗତ ୪ ସିଜନ ଧରି ଆଇପିଏଲ ଖେଳିଥିବା ପରାଗ କିନ୍ତୁ ଚଳିତ ସିଜନରେ ହାସଲ କରିଥିଲେ ଶ୍ରେଷ୍ଠ ସଫଳତା। ୪ ସିଜନରେ ମିଶାଇ ୫୦୦ ରନ୍ ସ୍କୋର କରି ପାରି ନ ଥିବା ରିୟାନ ଚଳିତ ସିଜନରେ ହିଁ ୫୭୩ ରନ୍ ସ୍କୋର କରିଥିଲେ। ୧୫ ମ୍ୟାଚ୍ ଖେଳି ୪ ଅର୍ଦ୍ଧଶତକ ସହ ୫୨ ଆଭରେଜରେ ସେ ଚମତ୍କାର ବ୍ୟାଟିଂ କରିଥିଲେ। ୪ ନମ୍ବର ସ୍ଥାନରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିବା ରିୟାନଙ୍କ ବ୍ୟାଟିଂରେ ପରିପକ୍ୱତା ଦେଖିବାକୁ ମିଳିଥିଲା। ସଙ୍କଟ ଜନକ ସ୍ଥିତିରେ ବ୍ୟାଟିଂ କରିବାକୁ ଆସି ସେ ଦଳର କ୍ରାଇସିସ ମ୍ୟାନେଜର ସାଜିଥିଲେ। ଏପରିକି ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା ସମୟରେ ରିୟାନଙ୍କ ନାମକୁ ନେଇ ବିଚାର ହୋଇଥିଲା।

**ଅଭିଷେକ ଶର୍ମା:** ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳୁଥିବା ପଞ୍ଜାବର ଏହି ବାମହାତୀ ବ୍ୟାଟର ଚମତ୍କାର ହାର୍ଡ ହିଟିଂ କରିଥିଲେ। ଟୁର୍ନାମେଣ୍ଟରେ ସେ ହାଇଦ୍ରାବାଦର ସିକ୍ସ ହିଟିଂ ମେସିନ୍ ମଧ୍ୟ ରହିଥିଲେ। ୧୬ ମ୍ୟାଚ୍ ଖେଳିଥିବା ଅଭିଷେକ ୪୮୪ ରନ୍ ସ୍କୋର କରିଥିଲେ। ୭୫*ର ସର୍ବାଧିକ ସ୍କୋର ସହିତ ସେ ୩ଅର୍ଦ୍ଧଶତକ ମଧ୍ୟ ମାରିଥିଲେ। ୨୦୪.୨୧ର ଷ୍ଟ୍ରାଇକ ରେଟ୍‌ରେ ବ୍ୟାଟିଂ କରିଥିବା ଅଭିଷେକ ୩୬ ଚୌକା ଓ ୪୨ ଛକା ମାରିଥିଲେ। ଏହା ସହିତ ବାମହାତୀ ସ୍ପିନ୍ ବୋଲିଂ କରୁଥିବା ଅଭିଷେକ କ୍ୱାଲିଫାୟର୍-୨ରେ ରାଜସ୍ଥାନ ବିପକ୍ଷରେ ୨ ଉଇକେଟ ମଧ୍ୟ ନେଇଥିଲେ। ଅଭିଷେକ ପୂର୍ବତନ ଭାରତୀୟ ଖେଳାଳି ଯୁବରାଜ ସିଂଙ୍କ ଭଳି ଆକ୍ରମଣାତ୍ମକ ବ୍ୟାଟିଂ ଓ ଉପଯୋଗୀ ସ୍ପିନ୍ ବୋଲିଂ କରି ପାରନ୍ତି।


ରିୟାନ ପରାଗ

**ନୀତୀଶ କୁମାର ରେଡ୍ଡୀ:** ତେଲଙ୍ଗାନାର ଯୁବକ ନୀତୀଶ ଚଳିତ ସିଜନର ଇମର୍ଜିଂ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ରହିଛନ୍ତି। ୧୩ ମ୍ୟାଚ୍ ଖେଳି ସେ ୩୦୩ ରନ୍ ସ୍କୋର କରିଥିବା ବେଳେ ୩ ଉଇକେଟ ନେଇଛନ୍ତି। ମାତ୍ର ୨୧ ବର୍ଷର ନୀତୀଶ ମିଡିୟମ ପେସ୍ ବୋଲିଂ କରୁଥିବା ବେଳେ ତାଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିକଳ୍ପ ଭାବରେ ବିବେଚନା କରାଯାଉଛି। ୭୬ର ସର୍ବାଧିକ ସ୍କୋର ସହିତ ସେ ଦୁଇଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ନିୟମିତ ଆହତ ସମସ୍ୟା ଦେଇ ଗତି କରୁଥିବା ବେଳେ ନୀତୀଶଙ୍କ ଉପରେ ଭାରତୀୟ ଦଳ ନିବେଶ କରିପାରେ।

**ଅଭିଷେକ ପୋରେଲ:** ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳୁଥିବା ଅଭିଷେକ ପୋରେଲ ଚଳିତ ସିଜନରେ ୧୪ ମ୍ୟାଚ୍ ଖେଳି ୩୨୭ ରନ୍ କରିଛନ୍ତି। ଉଭୟ ଟପ୍ ଅର୍ଡର ଓ ମିଡିଲ ଅର୍ଡରରେ ବ୍ୟାଟିଂ କରିବାର ଦକ୍ଷତା ରଖିଥାନ୍ତି ପୋରେଲ୍। ପ୍ରଥମ ସିଜନରେ ବ୍ୟାକ ଅପ୍ ଉଇକେଟ କିପର ଭାବରେ ଆସିଥିବା ଅଭିଷେକ ଯେ କୌଣସି ମୂହୁର୍ତ୍ତରେ ଗିୟର ବଦଳାଇବାର ଦକ୍ଷତା ରଖିଥାନ୍ତି। ଦୁଇଟି ଅର୍ଦ୍ଧଶତକ ସହ ସେ ୧୫୯ ଷ୍ଟ୍ରାଇକ୍‌ରେଟ୍‌ରେ ବ୍ୟାଟିଂ କରିଥିଲେ। ଜେକ୍ ଫ୍ରେଜର ମ୍ୟାକ୍‌ଗ୍ରୁକ୍‌ଙ୍କ ପରି ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିଥିବା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ପୋରେଲ୍ ଚମତ୍କାର ଇନିଂସ ଖେଳିଥିଲେ।

**ଶସାଙ୍କ ସିଂ:** ଚଳିତ ସିଜନରେ ଶସାଙ୍କ ଆଇପିଏଲରେ ସାମିଲ ହେବା ଏକ ବିବାଦୀୟ ଘଟଣା ଥିଲା। ପ୍ରଥମେ ଶସାଙ୍କଙ୍କୁ କିଣିବା ପାଇଁ ପଞ୍ଜାବ କିଙ୍ଗ୍ସ ଆଗ୍ରହୀ ନ ଥିବା କହିଥିଲା। ତେବେ ପରବର୍ତ୍ତୀ ସମୟରେ ଶସାଙ୍କ ହିଁ ଏକାଧିକ ବିପର୍ଯ୍ୟୟ ପରିସ୍ଥିତିରେ ଦଳର ତ୍ରାଣକର୍ତ୍ତା ସାଜିଥିଲେ। ମଧ୍ୟକ୍ରମରେ ବ୍ୟାଟିଂ କରୁଥିବା ଶସାଙ୍କ ଏକାକୀ ପଞ୍ଜାବକୁ ଅନେକ ମ୍ୟାଚ୍‌ରେ ବିଜୟୀ କରିଥିଲେ। ୩୨ ବର୍ଷୀୟ ଶସାଙ୍କ ଯୁବ ଖେଳାଳି ତ ନୁହନ୍ତି ତେବେ ଅନକ୍ୟାପ୍‌ଡ ଖେଳାଳିଙ୍କ ମଧ୍ୟରେ ନିଜର ପରିଚୟ ତିଆରି କରି ପାରିଛନ୍ତି। ୧୪ ମ୍ୟାଚ୍ ଖେଳି ୬୮*ର ସର୍ବାଧିକ ସ୍କୋର ସହିତ ସେ ୩୫୪ ରନ୍ କରିଥିଲେ। ୨୮ ଚୌକା ଓ ୨୧ ଛକା ମାରିଥିବା ଶସାଙ୍କ ୧୬୪ ଷ୍ଟ୍ରାଇକ ରେଟ୍‌ରେ ଏହି ରନ୍ ସ୍କୋର କରିଥିଲେ।


ହର୍ଷିତ ରାଣା

**ବୈଭବ ଅରୋରା:** ହିମାଚଳ ପ୍ରଦେଶର ଏହି ବୋଲର ଜଣଙ୍କ ଚାମ୍ପିୟନ କେକେଆର୍ ପକ୍ଷରୁ ଖେଳି ୧୦ ମ୍ୟାଚ୍‌ରୁ ୧୧ ଉଇକେଟ ନେଇଥିଲେ। ମିଚେଲ୍ ଷ୍ଟାର୍କଙ୍କ ଭଳି ଅନ୍ତର୍ଜାତୀୟ ବୋଲରଙ୍କ ଉପସ୍ଥିତିରେ କିଛି ଉପଯୋଗୀ ଅବଦାନ ଦେଇଥିଲେ ବୈଭବ। ଟୁର୍ନାମେଣ୍ଟର ପ୍ରଥମ ଭାଗରେ ଷ୍ଟାର୍କ ପ୍ରଭାବହୀନ ବୋଲିଂ କରିଥିବା ବେଳେ ହର୍ଷିତ ରାଣାଙ୍କ ସହ ମିଶି ସେ ବୋଲିଂ କମାଣ ସମ୍ଭାଳିଥିଲେ। ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ କ୍ୱାଲିଫାୟର-୧ରେ ଅଭିଷେକ ଶର୍ମା ଓ ଫାଇନାଲରେ ବିପଜ୍ଜନକ ଟ୍ରାଭିସ୍ ହେଡ୍‌ଙ୍କ ଉଇକେଟ ନେଇଥିଲେ।

**ହର୍ଷିତ ରାଣା:** ଅନ୍‌କ୍ୟାପ୍‌ଡ ଭାରତୀୟ ବୋଲରଙ୍କ ମଧ୍ୟରେ ହର୍ଷିତ ରାଣା ସବୁଠାରୁ ଅଧିକ ପ୍ରଭାବିତ କରିଥିଲେ। ଉଭୟ ନୂଆ ଓ ପୁରୁଣା ବଲ୍‌ରେ ଉଇକେଟ ନେବାର ଦକ୍ଷତା ରଖୁଥିବା ହର୍ଷିତ ୧୩ ମ୍ୟାଚ୍ ଖେଳି ୧୯ ଉଇକେଟ ନେଇଥିଲେ। ଦିଲ୍ଲୀ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ହର୍ଷିତ ୧୪୫ କି.ମି ବେଗରେ ବଲ୍ ପକାଉଥିବା ବେଳେ ସ୍ଲୋ ବଲ୍‌ର ମଧ୍ୟ ଚମତ୍କାର ଉପଯୋଗ କରିଥାନ୍ତି। ଟି ୨୦ ବିଶ୍ୱକପ ଦଳରେ ହର୍ଷିତ ନେଟ୍ ବୋଲର ଭାବେ ସ୍ଥାନ ପାଇଛନ୍ତି।

**ସ୍ୱପ୍ନିଲ ସିଂ:** ୩୩ ବର୍ଷ ବୟସରେ ଆଇପିଏଲ୍ ପଦାର୍ପଣ କରିଥିଲେ ଉତ୍ତରାଖଣ୍ଡର ସ୍ୱପ୍ନିଲ ସିଂ। ଆରସିବିପକ୍ଷରୁ ଖେଳୁଥିବା ଏହି ବ୍ୟାଟିଂ ଅଲରାଉଣ୍ଡରଙ୍କୁ ହେଭି ବ୍ୟାଟିଂ ଲାଇନଅପ୍‌ରେ ଏତେ ସୁଯୋଗ ମିଳି ନ ଥିଲା। ତେବେ ଛୋଟ ଛୋଟ କ୍ୟାମିଓ ଇନିଂସରେ ପ୍ରଭାବୀ ବ୍ୟାଟିଂ କରିଥିଲେ ସ୍ୱପ୍ନିଲ। ଚିନ୍ନାସ୍ୱାମୀ ଭଳି ଷ୍ଟାଡିୟମରେ କିନ୍ତୁ ବଲ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ ସ୍ୱପ୍ନିଲ। ୭ ମ୍ୟାଚ୍‌ରୁ ୬ ଉଇକେଟ ନେଇଥିବା ବେଳେ ଅନେକ ମ୍ୟାଚ୍‌ରେ ପ୍ରାରମ୍ଭିକ ସଫଳତା ଦେଇଥିଲେ।

**ରଶିଖ ଦର ସଲାମ:** ଜାମ୍ମୁ ଓ କଶ୍ମୀରରୁ ଆସୁଥିବା ଏହି ୨୪ ବର୍ଷୀୟ ରଶିଖ ଦର ସଲାମ ଆଇପିଏଲ୍ ୨୦୨୪ରେ ଚମତ୍କାର ଡେଥ୍ ବୋଲିଂ କରିଥିଲେ। ପୂର୍ବରୁ ମୁମ୍ବାଇ ପକ୍ଷରୁ ଆଇପିଏଲ୍ ଖେଳି ସାରିଥିଲେ ମଧ୍ୟ ଅଧିକ ସୁଯୋଗ ମିଳି ନ ଥିଲା। ଏପରିକି ଟୁର୍ନାମେଣ୍ଟ ଆରମ୍ଭରୁ ଦିଲ୍ଲୀ ସୁମିତ କୁମାରଙ୍କୁ ସୁଯୋଗ ଦେଇଥିଲା। ତେବେ ଅନ୍ତିମ ୭ ମ୍ୟାଚ୍‌ରେ ରଶିଖଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ଏଥିରେ ସେ ଚମତ୍କାର ଡେଥ୍ ବୋଲିଂ ସହ ୯ ଉଇକେଟ ନେଇଥିଲେ। ଗୁଜରାଟ ଓ ମୁମ୍ବାଇ ବିପକ୍ଷରେ ୩ଟି ଲେଖାଏ ଉଇକେଟ ମଧ୍ୟ ନେଇଥିଲେ।

# ଟି୨୦ ବିଶ୍ୱକପ୍ ଚ୍ୟାଲେଞ୍ଜ


ନିର୍ମଳ କୁମାର ମିଶ୍ର

ଟି୨୦ ବିଶ୍ୱକପ୍‌ର ୯ମ ସଂସ୍କରଣକୁ ନେଇ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢିବାରେ ଲାଗିଛି। ୱେଷ୍ଟଇଣ୍ଡିଜ ଓ ଆମେରିକା ଏଥର ମିଳିତ ଭାବରେ ଏହି ସଂସ୍କରଣ ଆୟୋଜନ ଦାୟିତ୍ୱ ନେଇଛନ୍ତି। ୨୦ଟି ଟିମ୍ ମଧ୍ୟରେ ୫୫ଟି ମ୍ୟାଚ ଖେଳାଯିବାକୁ ଥିବା ବେଳେ ୧୦ଟି ଭେନ୍ୟୁରେ ସମସ୍ତ ମ୍ୟାଚ ଗୁଡିକ ଖେଳାଯିବ। ଆମେରିକାରେ ନ୍ୟୁୟର୍କ, ଫ୍ଲୋରିଡା ଓ ଟେକ୍ସାସ୍‌ରେ ମୋଟ ୧୬ଟି ମ୍ୟାଚ ଖେଳାଯିବ। ଆମେରିକାରେ ସାଧାରଣତଃ ବେସବଲ, ବାସ୍କେଟବଲ ଏବଂ ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ଚାହିଦା ଅଧିକ। ଏତେଗୁଡିଏ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପ୍ରଥମ ଥର ହେବାକୁ ଥିବା ବେଳେ ଏହାର ପ୍ରଭାବ କିପରି ରହୁଛି ତାହା ଦେଖିବା କଥା। ଅନ୍ୟ ପକ୍ଷରେ ୱେଷ୍ଟଇଣ୍ଡିଜରେ ୭ଟି ଭେନ୍ୟୁରେ ଅନ୍ୟ ସବୁ ମ୍ୟାଚ ଖେଳାଯିବ। ଆଇସିସି ଆମେରିକା ବଜାରରେ ପ୍ରବେଶ କରି କୋଟି କୋଟି କ୍ରିକେଟ ପ୍ରେମୀଙ୍କୁ ଆକୃଷ୍ଟ କରି ବଡ ଫାଇଦା ନେବା ପାଇଁ ଚାହୁଁଛି। ସେଥିପାଇଁ ଭାରତ-ପାକିସ୍ତାନ ମ୍ୟାଚ୍ ନ୍ୟୁୟର୍କରେ ଅନୁଷ୍ଠିତ ହେବ। କ୍ରିକେଟ ଏକ ଅଲିମ୍ପିକ୍ସ କ୍ରୀଡା ହୋଇ ସାରିଥିବାରୁ ଆଇସିସି ବିଶ୍ୱର ଦ୍ରୁତତମ ଧାବକ ଉସେନ୍ ବୋଲ୍ଟଙ୍କୁ ଏହି ବିଶ୍ୱକପର ବ୍ରାଣ୍ଡ ଆମ୍ବାସେଡର ନିଯୁକ୍ତି କରିଛି। ୧୨୮ ବର୍ଷ ପରେ ୨୦୨୮ ଲସଏଞ୍ଜେଲସ ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେବାକୁ ଯାଉଛି।

ବିଶ୍ୱର ଏବେ ଟି୨୦ କ୍ରିକେଟ ଲିଗ୍ ବହୁଳ ଆୟୋଜନ ହେବାରେ ଲାଗିଛି। ଦିନିକିଆ ମ୍ୟାଚ୍ ଅପେକ୍ଷା ଟି୨୦ କ୍ରିକେଟର ଲୋକପ୍ରିୟତା ୫ ଶହ ଗୁଣ ବୃଦ୍ଧି ପାଇଛି। ଆଇପିଏଲ ମାଧ୍ୟମରେ ଅନେକ ଯୁବ କ୍ରିକେଟର ସୃଷ୍ଟି ହୋଇଛନ୍ତି। ଏଥର ଭାରତ ପାଇଁ ଚଳିତ ଟି୨୦ ବିଶ୍ୱକପ ମଧ୍ୟ ବେଶ ଚ୍ୟାଲେଞ୍ଜ ଭରା ରହିବ। ଯଦିଓ ଆଇପିଏଲ ଅନେକ ପ୍ରତିଭାସମ୍ପନ୍ନ କ୍ରିକେଟରଙ୍କୁ ସୃଷ୍ଟି କରିଛି ମାତ୍ର ରୋହିତ ଶର୍ମା, ବିରାଟ କୋହଲି, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମରା, ରିଷଭ ପନ୍ତଙ୍କ ପରି ଅଭିଜ୍ଞ ଖେଳାଳି ଚଳିତ ଆଇପିଏଲରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୬ଜଣ ଯୁବ ଖେଳାଳି ପ୍ରଥମ ଥର ଟି୨୦ ବିଶ୍ୱକପଦେଳରେ ସାମିଲ ହୋଇଛନ୍ତି। ଏହି ଖେଳାଳି ମାନେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବା କଥା। ୨୦୦୭ ପ୍ରଥମ ସଂସ୍କରଣରେ ଚାମ୍ପିୟନ ଭାରତ ୨୦୧୪ରେ ରନରଅପ୍ ରହିଥିଲା। ଏପରିକି ୨୦୧୩ ପରଠାରୁ ଭାରତ କୌଣସି ଆଇସିସି ଟ୍ରଫି ହାସଲ କରି ପାରିନାହିଁ। ଏହ ମଧ୍ୟରେ ଦଳ ୨ ଥର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଓ ଥରେ ଦିନିକିଆ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିଲେ ହେଁ ଟ୍ରଫି ହାସଲ କରିପାରି ନାହିଁ। ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ପାଇଁ ମଧ୍ୟ ଏହା ଶେଷ ସୁଯୋଗ।


ରୋହିତ ଶର୍ମା

ବଡ ମ୍ୟାଚ୍‌ର ଖେଳାଳି ବିରାଟ କୋହଲି ଷଷ୍ଠ ଟି୨୦ ବିଶ୍ୱକପ ଖେଳୁଥିବା ବେଳେ ୨୭ଟି ମ୍ୟାଚରୁ ୧୧୪୧ ରନ୍ ସଂଗ୍ରହ କରିଛନ୍ତି। ରୋହିତ ଶର୍ମା ୩୯ ମ୍ୟାଚରୁ ୯୬୩ ରନ୍ ସଂଗ୍ରହ କରିଛନ୍ତି। ଏହି ଦୁଇ ଖେଳାଳିଙ୍କ ଉପରେ ଭାରତର ସଫଳତା ସବୁଠାରୁ ଅଧିକ ନିର୍ଭର କରିବ। ମଧ୍ୟକ୍ରମରେ ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫାୟାର ପାୱାର ରହିଥିବା ବେଳେ ୱେଷ୍ଟଇଣ୍ଡିଜ୍ ପରିବେଶ ପାଇଁ ୪ ସ୍ପିନର ରହିଛନ୍ତି। ଭାରତ ଜୁନ ୫ ତାରିଖରୁ ଆୟର୍ଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବାକୁ ଥିବା ବେଳେ ୯ ତାରିଖରେ ତାର ଚିରାଚରିତ ପ୍ରତିଦ୍ୱନ୍ଦୀ ପାକିସ୍ତାନ ସହ ଖେଳିବ। ସେହିପରି ୧୨ ତାରିଖରେ ଆମେରିକା ଓ ୧୫ ତାରିଖରେ କାନାଡା ସହ ଦଳ ଖେଳିବ।

ଭାରତର ପ୍ରଦର୍ଶନ ଉପରେ ସମସ୍ତଙ୍କର ନଜର ରହିଛି। ଦକ୍ଷିଣ ଆଫ୍ରିକାରେ ଚାମ୍ପିୟନ ଓ ୨୦୧୪ରେ ବାଂଲାଦେଶରେ ଅଳ୍ପକେ ଟ୍ରଫି ହାତଛଡା କରିଥିବା ଭାରତ ବିଗତ ୩ ସଂସ୍କରଣରେ ଫାଇନାଲକୁ ଉନ୍ନୀତ ହୋଇପାରି ନାହିଁ। ୨୦୨୨ ବିଶ୍ୱକପ ସେମିଫାଇନାଲରେ ଇଂଲଣ୍ଡଠାରୁ ୧୦ ଉଇକେଟରେ ପରାସ୍ତ ହେବା ପରେ ଭାରତୀୟ ଦଳର ଅଭିଯାନ ଶେଷ ହୋଇଥିଲା। ତେବେ ଦିନିକିଆ ବିଶ୍ୱକପରେ ଦଳ କ୍ରମାଗତ ୧୦ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ତେବେ ୱେଷ୍ଟଇଣ୍ଡିଜ ପରିବେଶ ଓ ବିଶ୍ୱକପର ଚାପ ସହିତ ଖେଳାଳି ମାନେ କିଭଳି ନିଜକୁ ଆଡଜଷ୍ଟ କରୁଛନ୍ତି ତା ଉପରେ ସବୁ କିଛି ନିର୍ଭର କରିବ।

## କବିତା

### ଫ୍ୟୁଚର

ଏଥରକୁ ନେଇ ତିନି ଥର ଚାମ୍ପିୟନ
ଶାହରୁଖ କେକେଆର୍
ସନରାଇଜର୍ସ
ହାଇଦ୍ରାବାଦକୁ ହରାଇ
ନିଶ ମୋଡ଼େ ଏସ୍. ଆୟର
ଆଇପିଏଲ୍ ତାସ୍ ଘର
ସଙ୍ଗା ଖେଳି କିଏ
କୋଟି କୋଟି ପାଏ
ମାଟି ଏଠି ଫ୍ୟାନ୍ ମୋର।

ଗିରୋ ଡି ଇଟାଲିଆ ସାଇକେଲ
ରେସ୍ ପୋଗାକାର ଜିତି
ସାଇକେଲ ଟେକି ଖୁସି ମନାଉଛି
ଟିମ୍ ସାଙ୍ଗେ ଟୋକା ମାତି
ଦେଖ ତା ଷ୍ଟାମିନା ନାତି
ଦୁଇ ଥର ଟୁର୍ ଡି ଫ୍ରାନ୍ସ ବିଜେତା
(ଧନ୍ୟ) ରଚି ଦେଶ ପାଇଁ କୀର୍ତ୍ତି।

ଫେସବୁକ୍, ଚାଟିଂ, କ୍ରିକେଟ, ବାଇକ୍
ୟଙ୍ଗ ବଡି କଲା ଖତ
ବେଡ୍ ଛାଡ଼ିବା ବେଳ
ନ'ଦଶ ହେଲାଣି
ପିଇ ମଦ ଦେଖି ଯାତ
ଏଜ୍ ଲିମିଟ୍ କମେ ସତ
ସନ୍ତୁଳିତ ଖାଦ୍ୟ ଏକ୍ସରସାଇଜ୍ ବିନା
ଡାର୍କ ଯୁବା ଭବିଷ୍ୟତ।

ସୁବାସ ଚନ୍ଦ୍ର ପ୍ରଧାନ



ରୋଲାଣ୍ଡ ଗାରୋସରେ ଚାଲିଥିବା ଫ୍ରେଞ୍ଚ୍ ଓପନ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ରିଟର୍ନ ଶଟ୍ ଖେଳୁଛନ୍ତି ଜାନିକ ସିନର।

# ତୃତୀୟ ରାଉଣ୍ଡରେ ସିନର, ଜୋକୋଭିଚ୍

**ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

**ପ୍ୟାରିସ, ୩୦।୫**

ଟପ୍ ସିଡ୍ ନୋଭାକ୍ ଜୋକୋଭିଚ୍, ଦ୍ୱିତୀୟ ସିଡ୍ ଜାନିକ ସିନର, ୪ର୍ଥ ସିଡ୍ ଆଲେକଜାଣ୍ଡର ଜେଭରେଭ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସର୍ବିୟାର ଜୋକୋଭିଚ୍ ୬-୪, ୬-୧, ୬-୨ ସେଟ୍‌ରେ ସ୍ପେନ୍‌ର ରବର୍ଟୋ କାର୍ବାଲେସ ବାଏନୋଙ୍କୁ ହରାଇ ଦେଇଛନ୍ତି। ଇଟାଲୀର ସିନର ୬-୪, ୬-୨, ୬-୪ ସେଟ୍‌ରେ ଫ୍ରାନ୍ସର ରିଚାର୍ଡ ଗାସ୍କେଟଙ୍କୁ ପରାସ୍ତ କରିଛନ୍ତି। ସେହିପରି ଜର୍ମାନୀର ଜେଭରେଭ ୭-୬(୭/୪), ୬-୨, ୬-୨ ସେଟ୍‌ରେ ବେଲଜିୟମର ଡେଭିଡ ଗଫିନଙ୍କୁ ହରାଇ ଦେଇଛନ୍ତି। ଜେଭରେଭ ପ୍ରଥମ ରାଉଣ୍ଡରେ କ୍ଲେ କୋର୍ଟ ରାଜା ୧୪ ଥର ରୋଲାଣ୍ଡ ଗାରୋସ ବିଜେତା ରାଫାଲ ନାଡାଲଙ୍କୁ ପରାସ୍ତ କରିଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ୧୦ମ ସିଡ୍ ଗ୍ରିଗୋର ଡିମିଟ୍ରୋଭ ୬-୦, ୬-୩, ୬-୪ରେ ଫାବିଆନ ମୋରୋଜସାନଙ୍କୁ ହରାଇଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ମିଓମିର କେକ୍‌ମାନୋଭିଚ୍ ଓହରି ଯିବାରୁ ୫ମ ସିଡ୍ ଡାନିଲ ମେଡଭେଡେଭ ୱାକ୍‌ଓଭର ପାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଖେଳ ବନ୍ଦ ହେବା ବେଳକୁ ମେଡଭେଡେଭ ୬-୧, ୫-୦ରେ ଅଗ୍ରଣୀ ଥିଲେ। ଅନ୍ୟ ଏକ ମ୍ୟାଚରେ ପାଭେଲ କୋଟୋଭଙ୍କଠାରୁ ୬-୭(୫/୭), ୪-୬, ୬-୧, ୬-୭(୫/୭) ସେଟ୍‌ରେ ହାରି ଷ୍ଟାନ୍ ୱାୱ୍ରିଙ୍କାଙ୍କ ଅଭିଯାନ ଶେଷ ହୋଇଛି।



ନେଦରଲାଣ୍ଡ୍ସର ଆରାଙ୍କ୍‌ସା ରୁସ୍‌ଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି କାଜାଖସ୍ତାନର ଏଲେନା ରିବାକିନା।

## ରିବାକିନା, ସାବାଲେଙ୍କାଙ୍କ ସହଜ ବିଜୟ

ମହିଳା ବିଭାଗରେ ସହଜ ବିଜୟ ସହ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି ୨ୟ ସିଡ୍ ଆରିନା ସାବାଲେଙ୍କା ଓ ୪ର୍ଥ ସିଡ୍ ଏଲେନା ରିବାକିନା। କାଜାଖସ୍ତାନର ରିବାକିନା ୬-୩, ୬-୪ ସେଟ୍‌ରେ ନେଦରଲାଣ୍ଡ୍ସର ଆରାଙ୍କ୍‌ସା ରୁସ୍‌ଙ୍କୁ ପରାସ୍ତ କରିଛନ୍ତି। ୧୫ଶ ସିଡ୍ ଏଲିନା ସ୍ୱିତୋଲିନା ୬-୪, ୭-୬(୭/୩)ରେ ଡିଆନେ ପେରୀ, ଦ୍ୱିତୀୟ ସିଡ୍ ଆରିନା ସାବାଲେଙ୍କା ୬-୨, ୬-୨ରେ ମୟୁକା ଉଚିଜିମା, ଡୋନା ଭେକିକ ୭-୫, ୬-୪ରେ ମାର୍ଟା କୋଷ୍ଟ୍ୟୁକ, ଆନାସ୍ତାସିଆ ପୋଟାପୋଭା ୬-୨, ୬-୨ରେ ଭିକ୍ଟୋରିଜା ଗୋଲୁବିକ୍, ପାଉଲା ବଦୋସା ୪-୬, ୬-୧, ୭-୫ରେ ୟୁଲିଆ ପୁଟିଣ୍ଟସେଭା ଓ ଡାୟାନା ୟାଷ୍ଟ୍ରେମସ୍କା ୬-୨, ୬-୦ ସେଟ୍‌ରେ ୱାଙ୍ଗ୍ ୟାଫାନଙ୍କ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ମାରାଡୋନାଙ୍କ ଗୋଲ୍ଡେନ ବଲ୍ ନିଲାମ ହୋଇପାରିବ



**ପ୍ୟାରିସ, ୩୦।୫ (ଏପି)**

ଉତ୍ତରାଧିକାରୀଙ୍କ ବିରୋଧ ସତ୍ତ୍ୱେ ୧୯୮୬ ବିଶ୍ୱକପ୍‌ରେ ଡିଏଗୋ ମାରାଡୋନାଙ୍କୁ ଯେଉଁ ଗୋଲ୍ଡେନ ବଲ୍ ଟ୍ରଫି ମିଳିଥିଲା ତାହା ଯୋଜନା ମୁତାବକ ନିଲାମ ହୋଇପାରିବ। ଫ୍ରାନ୍ସର ଏକ ଅଦାଲତ ତାଙ୍କ ରୁଲିଂରେ ଏକଥା ପ୍ରକାଶ କରିଛନ୍ତି। ୧୯୮୬ ବିଶ୍ୱକପ୍‌ରେ ଶ୍ରେଷ୍ଠ ଖେଳାଳି ଭାବେ ମାରାଡୋନାଙ୍କୁ ଗୋଲ୍ଡେନ ବଲ୍ ଟ୍ରଫି ମିଳିଥିଲା। ଓକିଲ ଜାଇଲ୍ସ ମେରେଉ କହିଛନ୍ତି, କୋର୍ଟଙ୍କ ରୁଲିଂ ମାରାଡୋନାଙ୍କ ଉତ୍ତରାଧିକାରୀଙ୍କ ସପକ୍ଷରେ ଯାଇ ନ ଥିଲା। ସୂଚନାଯୋଗ୍ୟ, ଦଶନ୍ଧି ଦଶନ୍ଧି ଧରି ଉକ୍ତ ଟ୍ରଫିର ପତ୍ତା ନ ମିଳିବା ପରେ ନିକଟରେ ଏହା ଲୋକଲୋଚନକୁ ଆସିପାରିଛି। ଅଗଟ୍ସ ଅକ୍ସନ ହାଉସ୍ ଦ୍ୱାରା ଗୁରୁବାର ପ୍ୟାରିସରେ ଟ୍ରଫିଟିର ନିଲାମ କରାଯିବାର ଯୋଜନା ରହିଛି। ମାରାଡୋନାଙ୍କ ଉତ୍ତରାଧିକାରୀମାନେ ତାହା କରାଇ ନ ଦେବା ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଯୁକ୍ତି ଥିଲା ଟ୍ରଫିଟି ଯେହେତୁ ଚୋରି ହୋଇଯାଇଥିଲା, ଏହାର ବର୍ତ୍ତମାନ ମାଲିକ ବିକ୍ରି କରିବା ପାଇଁ ହକ୍‌ଦାର ନୁହନ୍ତି। ଅଗଟ୍ସର ଯୁକ୍ତି ଥିଲା ୨୦୧୬ରେ ପ୍ୟାରିସରେ ଏକ ଘରୋଇ ସଂଗ୍ରହକାରୀ ସଂସ୍ଥା ତରଫରୁ ବିଭିନ୍ନ ପୁରାତନ ସରଞ୍ଜାମ ନିଲାମି ଚାଲିଥିବାବେଳେ ସେ ଏହି ଟ୍ରଫି ସହ କେତେକ ଜିନିଷପତ୍ର କ୍ରୟ କରିଥିଲା। ମିଷ୍ଟର ବେଞ୍ଜେବ ବର୍ତ୍ତମାନ ଏହି ଟ୍ରଫିଟିର ମାଲିକ । ବେଞ୍ଜେବ ଓ ଅଗଟ୍ସ ଉଭୟେ କହିଛନ୍ତି କିଛି ବର୍ଷ ପୂର୍ବେ ସେମାନେ ଯେତେବେଳେ ଏହି ଟ୍ରଫିଟିକୁ କ୍ରୟ କଲେ ଏହା ଏକ ଚୋରି ସାମଗ୍ରୀ ବୋଲି ସେମାନଙ୍କୁ ଜଣା ନ ଥିଲା।

**ବିଶ୍ୱ ରାକେଟ୍‌ଲନ ଚାମ୍ପିୟନଶିପ୍**

## ବିକ୍ରମାଦିତ୍ୟ ଭାରତୀୟ ଦଳର ଅଧିନାୟକ

**ନୂଆଦିଲ୍ଲୀ, ୩୦।୫ (ପି.ଟି.):** ଜୁଲାଇ ୩୧ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ରୋଟରଡାମ୍‌ରେ ବିଶ୍ୱ ରାକେଟ୍‌ଲନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ଘୋଷଣା କରାଯାଇଥିବା ୬ଜଣିଆ ଭାରତୀୟ ଦଳ ପାଇଁ ବିକ୍ରମାଦିତ୍ୟ ଚୌଫ୍ଲାଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ସୂଚନାଯୋଗ୍ୟ, ରାକେଟ୍‌ଲନ ହେଉଛି ଏକ ମିଶ୍ରିତ ଖେଳ। ଏଥିରେ ପ୍ରତିଯୋଗୀମାନଙ୍କୁ ରାକେଟରେ ଖେଳାଯାଉଥିବା ୪ଟି ଖେଳ ଯଥା ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ, ଟେନିସ ଓ ସ୍କ୍ୱାଶରେ ଭାଗ ନେବାକୁ ପଡ଼ିଥାଏ। ଚୌଫ୍ଲା ହେଉଛନ୍ତି ଜଣେ ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି। ସେ ପୂର୍ବ ଦୁଇଟି ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ରାକେଟ୍‌ଲନ ଦଳର ଜଣେ ସଦସ୍ୟ ରହିଆସିଛନ୍ତି। ୨୦୨୨ରେ ରୋଟରଡାମ ସଂସ୍କରଣରେ ସେ ବ୍ୟକ୍ତିଗତ କାଟେଗୋରିରେ ଏକ ରୌପ୍ୟ ଜିତିଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ନିହିତ କୁମାର ସିଂ, କରଣ ତନେଜା, ପ୍ରଶାନ୍ତ ସେନ୍, ନିଖିଲ ମନ୍‌ସୁଖାନି ଏବଂ ଜଣେ ମହିଳା ଖେଳାଳି ନୟନା ତନେଜା। ମଙ୍ଗଳବାର ରାକେଟ୍‌ଲନ ଇଣ୍ଡିଆ ସ୍ପୋର୍ଟ୍ସ ଆସୋସିଏଶନ ତରଫରୁ ଦଳ ଘୋଷଣା କରାଯାଇଛି। ରାକେଟ୍‌ଲନ ଇଣ୍ଡିଆ ସ୍ପୋର୍ଟ୍ସ ଆସୋସିଏଶନର ସଭାପତି କେ.କେ. ଚିମା ଦଳ ସହିତ ମ୍ୟାନେଜର ଭାବେ ଯିବେ।

# ପିବି ଆଥ୍‌ଲେଟିକ ସେଣ୍ଟର ଚାମ୍ପିୟନ




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ଆଥଲେଟ୍। (ଫଟୋ: ରାଜକିଶୋର ମହାନ୍ତି)

**କଟକ ଜିଲା ଆଥ୍‌ଲେଟିକ ମିଟ୍**

**ଭୁବନେଶ୍ୱର, ୩୦।୫ (ତପନ ସ୍ୱାଇଁ)**

ବାରବାଟୀ ଷ୍ଟାଡିୟମ ଓ ସତ୍ୟବ୍ରତ ଷ୍ଟାଡିୟମରେ କଟକ ଜିଲା ବାର୍ଷିକ ଆଥ୍‌ଲେଟିକ୍ସ ମିଟ୍ ଗୁରୁବାର ଶେଷ ହୋଇଛି। ଏଥିରେ ମୋଟ ୪୬୫ ପଏଣ୍ଟ ପାଇ ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ଚାମ୍ପିୟନ ହୋଇଛି। ଏହାକୁ ମିଶାଇ କ୍ରମାଗତ ୧୫ ବର୍ଷ ଧରି ପିବି ଆଥ୍‌ଲେଟିକ୍ସ ଜିଲା ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ଆସୁଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଭକ୍ତ ବଲ୍ଲଭ ଦାସ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ସହଦେବ ରାଉତ, ରମେଶ ମଲିକ, ନବ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା କିକ୍‌ବକ୍ସିଂ ଦଳକୁ ୩୩ ପଦକ

**ଭୁବନେଶ୍ୱର, ୩୦।୫ (ତପନ ସ୍ୱାଇଁ)**

ପୁଣେଠାରେ ଗତ ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ଚିଲ୍‌ଡ୍ରେନ ଓ କ୍ୟାଡେଟ୍ କିକ୍‌ବକ୍ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳକୁ ୩୩ଟି ପଦକ ମିଳିଛି। ଏହା ମଧ୍ୟରେ ୧୦ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୬ ବ୍ରୋଞ୍ଜ ପଦକ ସାମିଲ। ବିଭିନ୍ନ ଓଜନ ବର୍ଗରେ ଓଡ଼ିଶା ପ୍ରତିଯୋଗୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ଓଡ଼ିଶା କିକ୍‌ବକ୍ସିଂ ଦଳ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଏହା ପିଲାମାନଙ୍କୁ ଖୁବ୍ ଉତ୍ସାହିତ କରିଥିଲା। ସରକାରଙ୍କ ସମର୍ଥନ ସହ କୋଚ୍‌ଙ୍କ ଉତ୍ସର୍ଗୀକୃତ ମନୋଭାବ ଯୋଗୁ ଓଡ଼ିଶା ପ୍ରତିଯୋଗୀମାନେ ଏତେ ସଂଖ୍ୟକ ପଦକ ଜିତିବା ସମ୍ଭବ ହୋଇପାରିଛି ବୋଲି ଆମେଚର କିକ୍‌ବକ୍ସିଂ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ବିଚିତ୍ର ନାରାୟଣ ଜେନା ପ୍ରକାଶ କରିଛନ୍ତି। ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଓଡ଼ିଶା ପ୍ରତିଯୋଗୀମାନେ ଗୁରୁବାର ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଏଚ୍‌ପିସିଓ ସିଇଓ ଦୀପଙ୍କର ମହାପାତ୍ରଙ୍କୁ ସାକ୍ଷାତ କରିଛନ୍ତି।



ପୁଣେରେ ଅନୁଷ୍ଠିତ ଚିଲ୍‌ଡ୍ରେନ ଓ କ୍ୟାଡେଟ୍ କିକ୍‌ବକ୍ସିଂ ଚାମ୍ପିୟନଶିପ୍‌ରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀଙ୍କ ଗହଣରେ।

# ଟ୍ରିସା-ଗାୟତ୍ରୀଙ୍କ ଚମକପ୍ରଦ ବିଜୟ, ସିନ୍ଧୁ ପରାସ୍ତ

**ସିଙ୍ଗାପୁର, ୩୦।୫ (ପି.ଟି.)**

ଭାରତର ଉଦୀୟମାନ ମହିଳା ଡବଲ୍ସ ଯୋଡ଼ି ଟ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ଦକ୍ଷିଣ କୋରିଆର ବେକ୍ ହା ନା’ ଏବଂ ଲି ସୋ ହି ଯୋଡ଼ିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ସ୍ପେନର କାରୋଲିନା ମାରିନାଙ୍କଠାରୁ ଭାରତର ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ୨୧-୧୩, ୧୧-୨୧, ୨୦-୨୨ରେ ଥରେ ପରାଜିତ ହୋଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ଟ୍ରିସା ଓ ଗାୟତ୍ରୀ ଏକ ଘଣ୍ଟିକିଆ ମୁକାବିଲାରେ ବେକ୍ ଓ ଲି’ ଯୋଡ଼ିଙ୍କୁ ୨୧-୯, ୧୪-୨୧, ୨୧-୧୫ରେ ପରାସ୍ତ କରିଛନ୍ତି। କୋରିଆର ବିଶ୍ୱର ଦୁଇନମ୍ବର ଯୋଡ଼ିଙ୍କ ବିପକ୍ଷରେ ଏପର୍ଯ୍ୟନ୍ତ ହୋଇଥିବା ତୃତୀୟ ଭେଟରେ ବିଶ୍ୱର ୩୦ ନମ୍ବର ଭାରତୀୟ ଯୋଡ଼ିଙ୍କର ଏହା ହେଉଛି ପ୍ରଥମ ବିଜୟ। ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୭୫୦ ଇଭେଣ୍ଟର କ୍ୱାର୍ଟରଫାଇନାଲରେ ସେମାନେ ୬ଷ୍ଠ ସିଡ୍ ତଥା ଦକ୍ଷିଣ କୋରିଆର ଅନ୍ୟ ଏକ ଯୋଡ଼ି କିମ୍ ସୋ ୟଙ୍ଗ ଓ କଙ୍ଗ ହି ୟଙ୍ଗ୍‌ଙ୍କୁ ଭେଟିବେ। ଭାରତୀୟ ଯୋଡ଼ି ଗତବର୍ଷ ହାଙ୍ଗ୍‌ଝୋ ଏସିଆନ ଗେମ୍ସ ପ୍ରି-କ୍ୱାର୍ଟରଫାଇନାଲରେ କୋରିଆର ଏହି ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ୧୦ ନମ୍ବର ତଥା ୮ମ ସିଡ୍ ଏଚ୍.ଏସ୍. ପ୍ରଣୟ ବିଶ୍ୱର ୧୧ଶ ର୍‍ୟାଙ୍କିଂପ୍ରାପ୍ତ ଜାପାନର କେଣ୍ଟା ନିଶିମୋଟୋଙ୍କଠାରୁ ୧୩-୨୧, ୨୧-୧୪, ୧୫-୨୧ରେ ହାରିଯାଇଛନ୍ତି।



ଟ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 50 Years
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶୁକ୍ରବାର, ମେ ୩୧/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, May 31/2024 | Page 20 | ₹ 7.00 | RAYAGADA
୫୦ଶ ଭାଗ ୧୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 186 | ମୂଲ୍ୟ ₹୭/-

## ଚାପଖେଳବେଳେ ବାଣ ବିସ୍ଫୋରଣ ଘଟଣା

# ୩ ମୃତ, ୨୭ ସଙ୍କଟାପନ୍ନ

**ପୁରୀ/କଟକ, ୩୦।୫(ଅଜିତ୍ କୁମାର ମହାନ୍ତି/ ଶିଳ୍ପା ପ୍ରିୟଦର୍ଶିନୀ)**

ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ବୁଧବାର ରାତିରେ ମହାପ୍ରଭୁଙ୍କ ଭଉଁରି ଖେଳ ସମୟରେ ବାଣ ବିସ୍ଫୋରଣ ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ କଟକ ଏସ୍‌ସିବିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣଙ୍କ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପୁରୀ ମାଟିଆପଡ଼ାର ଋଷିକେଶ କର୍ମକାର(୧୫), ବାରବାଟି ଖଣ୍ଡିଆବନ୍ଧର ଭି.ରାଜୁରାଓ ଏବଂ ଖଣ୍ଡିଆବନ୍ଧ ବୈରାଗୀ ସାହିର ପ୍ରିୟାଂଶୁ ରାଜ। ଏହି ଘଟଣାରେ ୨୭ଜଣ ସଙ୍କଟାପନ୍ନ ଅବସ୍ଥାରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିବା ୮ଜଣ ଆହତଙ୍କ ମଧ୍ୟରୁ ଋଷିକେଶଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୭ ଜଣ ଚିକିତ୍ସାରତ ଆହତଙ୍କ ମଧ୍ୟରେ ୩ଜଣ ନାବାଳକ, ୪ ଜଣ ପୁରୁଷ ରହିଛନ୍ତି। ଏସ୍‌ସିବି କାଜୁଆଲଟିରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ୪ ଜଣ ଆହତଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ଆଇସିୟୁ ଓ ୩ଜଣ ଜେନେରାଲ୍ ସର୍ଜରୀ ବିଭାଗକୁ ସ୍ଥାନାନ୍ତର କରାଯାଇଛି। ପ୍ଲାଷ୍ଟିକ୍ ସର୍ଜରୀ ଆଇସିୟୁରେ ଥିବା ଆହତଙ୍କ ଶରୀର ଶତପ୍ରତିଶତ ପୋଡ଼ି ଯାଇଥିବାବେଳେ ୪ ଜଣ ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ଏସ୍‌ସିବି ମେଡିକାଲ ପକ୍ଷରୁ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଡାକ୍ତର ଦଳ ଗଠନ କରାଯାଇ ଚିକିତ୍ସା ଜାରି ରହିଛି। ଗୁରୁବାର ଏସ୍‌ସିବିରେ ପୁରୀ ଭାଜପା ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ ପାତ୍ର ଓ ଓଡ଼ିଶା ଉନ୍ନୟନ କମିଶନର ଅନୁ ଗର୍ଗ ଆହତଙ୍କୁ ଭେଟିଛନ୍ତି। ଆହତଙ୍କ ଚିକିତ୍ସା ସମ୍ପର୍କରେ ଏସ୍‌ସିବିରେ ଡାକ୍ତରଙ୍କ ସହ ସମ୍ବିତ ଆଲୋଚନା କରିଛନ୍ତି। ସମ୍ବିତ କହିଛନ୍ତି, ଏସ୍‌ସିବିରେ ଡାକ୍ତର ସମସ୍ତ ଉଦ୍ୟମ କରୁଛନ୍ତି। ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ଆହତଙ୍କ ସମସ୍ତ ଚିକିତ୍ସା ବ୍ୟବସ୍ଥା ନେଇ ସମସ୍ତ ପ୍ରକାରର ସୁବିଧା କରାଯିବ। ପ୍ରଶାସନ ଏ ଘଟଣା ସମ୍ପର୍କରେ ତଦନ୍ତ କରିବା ଆବଶ୍ୟକ ରହିଛି। ଏପରିକି ଏକ ରିପୋର୍ଟ ତିଆରି କରି ଉଚ୍ଚସ୍ତରୀୟ ତଦନ୍ତ କରିବା ଜରୁରୀ ରହିଛି। ଲୋକଙ୍କ ଜୀବନ ବଞ୍ଚାଇବା ଏବେ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ସମ୍ବିତ କହିଛନ୍ତି। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇ କହିଛନ୍ତି, ମେଡିକାଲରେ ବର୍ତ୍ତମାନ ୭ ଜଣ ଆହତଙ୍କ ଚିକିତ୍ସା ଜାରି ରହିଛି। ମେଡିକାଲକୁ ୮ ଜଣ ଆହତ ଆସିଥିବାବେଳେ ଜଣଙ୍କର ମେଡିକାଲରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇଥିଲା। ମେଡିକାଲ ପକ୍ଷରୁ ଦୁଇଟି ବିଭାଗର ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଚିକିତ୍ସା କରାଯାଉଛି। ଆହତଙ୍କ କିଡ୍‌ନୀଜନିତ କୌଣସି ସମସ୍ୟା ଦେଖାଗଲେ ନେଫ୍ରୋଲୋଜି ବିଭାଗର ଡାକ୍ତରଙ୍କୁ ଟିମ୍‌ରେ ☞ପୃଷ୍ଠା–୫

### ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି, ରାଜ୍ୟପାଳ

**ଭୁବନେଶ୍ୱର,୩୦।୫(ଅନିଲ ଦାସ)**

ପୁରୀ ବାଣ ବିସ୍ଫୋରଣ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ରାଜ୍ୟପାଳ ରଘୁବର ଦାସ ଗଭୀର ଦୁଃଖପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଏହି ଘଟଣାରେ ଶୋକବ୍ୟକ୍ତ କରିବା ସହ 'ଏକ୍ସ'ରେ କହିଛନ୍ତି ଯେ ପୁରୀରେ ଚନ୍ଦନ ଯାତ୍ରା ସମୟରେ ବାଣ ବିସ୍ଫୋରଣ ଘଟି କିଛି ଲୋକଙ୍କ ମୃତ୍ୟୁ ହୋଇଥିବା ଜାଣି ମୁଁ ଖୁବ୍ ଦୁଃଖିତ । ମୃତକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ସେ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ରାଜ୍ୟପାଳ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରବର୍ଗଙ୍କୁ ସହାନୁଭୂତି ଜଣାଇବା ସହ ସେ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଆହତଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୩୦।୫(ଅନିଲ ଦାସ)**

ପୁରୀ ବାଣ ବିସ୍ଫୋରଣ ଘଟଣା ଅତ୍ୟନ୍ତ ଦୁଃଖଦ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ସମ୍ ଅଲଟିମେଟ ହସ୍ପିଟାଲକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟିଛନ୍ତି। ସେମାନଙ୍କ ଚିକିତ୍ସା ବ୍ୟବସ୍ଥାରେ ରହିଥିବା ମୁଖ୍ୟ ଡାକ୍ତରମାନଙ୍କ ସହିତ ସେ ଆଲୋଚନା କରିଛନ୍ତି। ସେମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ପରାମର୍ଶ ଦେଇଛନ୍ତି। ପରେ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁର୍ଘଟଣାରେ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବାଣ ଦୁର୍ଘଟଣାରେ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବହନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହିତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି) ଏହି ଘଟଣାର ତଦନ୍ତ କରିବେ।

**ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ**

## ୫ ଦିନରେ ନିବେଶକ ହରାଇଲେଣି ୧୦ ଲକ୍ଷ କୋଟି

**ନୂଆଦିଲ୍ଲୀ,୩୦।୫**

ଶେୟାର ବଜାରରେ କ୍ରମାଗତ ୫ଦିନ କାରବାର ହ୍ରାସ ଘଟିବା ନିବେଶକମାନଙ୍କୁ ନିରାଶ କରିଛି। ୫ ଦିନରେ ନିବେଶକମାନେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଥିବା ଷ୍ଟକ୍ ମାର୍କେଟ ତଥ୍ୟରୁ ଜଣାପଡ଼ିଛି। ଗୁରୁବାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୨୦ଲକ୍ଷ କୋଟି ଟଙ୍କାରୁ ହ୍ରାସ ପାଇ ୪୧୦ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବୁଧବାର କାରବାର ଶେଷରେ ବଜାର ପୁଞ୍ଜି ୪୧୫.୧୦ ଲକ୍ଷ କୋଟି ଟଙ୍କା ଥିଲା। ହେଲେ ଗୁରୁବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪.୭ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୪୧୦.୪୦ ଲକ୍ଷ କୋଟିରେ ରହିଛି। ବିଶେଷକରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍ଇ୩୦ ବିଶିଷ୍ଟ ଶେୟାର ସର୍ବାଧିକ କ୍ଷତି ସହିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି ୫୦ର ନିବେଶକମାନେ ମଧ୍ୟ ବ୍ୟାପକ ଭାବେ ନିବେଶ ହରାଇଛନ୍ତି। ସାଧାରଣ ନିର୍ବାଚନର ସମ୍ଭାବ୍ୟ ଫଳାଫଳକୁ ନେଇ ଆଶଙ୍କାରେ ଥିବା ବିଦେଶୀ ନିବେଶକମାନେ ବଜାରରୁ ପୁଞ୍ଜି ପ୍ରତ୍ୟାହର କରୁଥିବାବେଳେ ଷ୍ଟକ୍ ମାର୍କେଟ୍‌ର କାରବାର ହ୍ରାସ ପାଇଛି। ଏପରିକି ଗୁରୁବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବିଏସ୍ଇ ସେନ୍‌ସେକ୍ସ ୬୧୭.୩୦ ପଏଣ୍ଟ ବା ୦.୮୩% ହ୍ରାସ ପାଇ ୭୩,୮୮୬(୭୩,୮୮୫.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିପରି ନିଫ୍ଟି୫୦ ସହ ୨୧୬.୦୫ ପଏଣ୍ଟ ବା ୦.୯୫% ହ୍ରାସ ପାଇ ୨୨,୪୮୯ ଅଙ୍କରେ ପହଞ୍ଚିଛି। ସେହିପରି ବିଏସ୍ଇ ସ୍ମଲ୍‌କ୍ୟାପ୍ ୧.୨୧% ଏବଂ ବିଏସ୍ଇ ମିଡ୍‌କ୍ୟାପ୍ ୧.୩୩% ହ୍ରାସ ପାଇଥିବାବେଳେ ନିଫ୍ଟି ମିଡ୍‌କ୍ୟାପ୍ ୧.୩୪% ଏବଂ ନିଫ୍ଟି ସ୍ମଲ୍‌କ୍ୟାପ୍ ୧.୪୧% ହ୍ରାସ ପାଇଛି। ଅନ୍ୟପକ୍ଷରେ ନିଫ୍ଟି ବ୍ୟାଙ୍କିଙ୍ଗ୍ ୦.୩୭% ବୃଦ୍ଧି ହୋଇଛି ବୋଲି ଶେୟାର ବଜାର ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ଲଗାତର ଭାବେ ଶେୟାର ବଜାର ଖସିବା କେନ୍ଦ୍ର ପାଇଁ ଅଶୁଭ ସଙ୍କେତ ମନେ କରାଯାଉଛି।








## ସଂକ୍ଷେପରେ

### ଦେଶୀ ମଦ ଚାଲାଣବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, ୩୦।୫(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ କଦମଗୁଡ଼ାର ଭଗବାନ ହିଆଲ (୩୭)। ଅବକାରୀ ଥାନା ସୂଚନାନୁଯାୟୀ ଦେଶୀ ମଦ ଚାଲାଣ ଖବରପାଇ ଜୟପୁର ଅବକାରୀ ଥାନା ପକ୍ଷରୁ କଦମଗୁଡ଼ା ଗ୍ରାମ ରାସ୍ତାରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୧୮ ଲିଟର ଦେଶୀ ମଦ ଜବତ କରିବା ସହ ଭଗବାନ ହିଆଲଙ୍କୁ ଗିରଫ କରାଯାଇଛି। ଏହାପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

### ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୩୦।୫(ପବନ ପାଣିଗ୍ରାହୀ)

ବିଷାକ୍ତ ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖାଯାଉଥିବା ଖବର ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ କର୍ମଚାରୀ ୪ଟି ମଦଭାଟି ଭାଙ୍ଗିବା ସହ ୧ ହଜାର ଲିଟର ପୋଚ ଓ ୯୦ ଲିଟର ଦେଶୀ ମଦ ଜବତକରି ନଷ୍ଟ କରିଛି। ଏଥିସହ ମଦରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରାଯାଇଥିବା ନେଇ ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଜୟପୁର, ୩୦।୫(ପବନ ପାଣିଗ୍ରାହୀ)

କରେଣ୍ଟ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁନ୍ଦାରିଗୁଡ଼ାର ବାପି ସାଗର (୨୦)। ପୋଲିସ ସୂଚନାନୁଯାୟୀ ଜୟପୁର ସହର କୁନ୍ଦାରିଗୁଡ଼ାର ବାପି ସାଗର ମୋଟର ଲାଗଇ ଗାଧୋଇବାକୁ ଯାଇଥିଲେ । ଗାଧେଇ ସାରି ମୋଟର ବନ୍ଦ କରିବା ସମୟରେ ତାଙ୍କୁ କରେଣ୍ଟ ଲାଗିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବରପାଇ ଜୟପୁର ଟାଉନ ପୋଲିସ କେସ୍ ନଂ. ୧୨/୨୪ରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

### ୩ରୁ ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା

ଛତ୍ରପୁର,୩୦।୫(ସନ୍ତୋଷ ପାଢ଼ୀ)

ଗଞ୍ଜାମ ପୋଲିସ ପରିବାର ବର୍ଗଙ୍କ ପକ୍ଷରୁ ଅନୁଷ୍ଠିତ ହେଉଥିବା ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା ଜୁନ ୩ ତାରିଖରୁ ନବମ ଦିନ ବ୍ୟାପି ଆରମ୍ଭ ହୋଇ ୧୧ ତାରିଖରେ ସରିବ। ୩ ତାରିଖରେ ଦିଗ ବନ୍ଦନ, ଆଜ୍ଞାମାଳ ଆବାହନ, ୪ ତାରିଖରେ ସଂସ୍କୃତିକ କାର୍ଯ୍ୟକ୍ରମ, ୫ ତାରିଖରୁ ମା'ଙ୍କ ଘଟ ନଗର ଭ୍ରମଣ ଆରମ୍ଭ ହେବ । ୧୧ ତାରିଖରେ ମା' ମହାରାତ୍ରରେ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ଦିଆଯାଇଛି।

# ବାରଣ୍ଡାରେ ଚାଲିଛି ପିଲାଙ୍କ ଭବିଷ୍ୟତ ଗଢ଼ା

- ୨୦୧୭ରୁ ମିଳିଲାଣି କାର୍ଯ୍ୟାଦେଶ, କିନ୍ତୁ ଏବେ ଯାଏ ସରୁନି ଅଙ୍ଗନୱାଡ଼ି କୋଠା କାମ
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନିକ ଅଧିକାରୀ ଶୁଣୁ ନ ଥିବା ଅଭିଯୋଗ

ଦଶମନ୍ତପୁର, ୩୦।୫( ଅରବିନ୍ଦ ନାୟକ)



ଗାଁ ସ୍କୁଲ ବାରଣ୍ଡାରେ ଅଙ୍ଗନୱାଡି କେନ୍ଦ୍ର ଶିଶୁମାନେ।

କୁନି କୁନି ପିଲାଙ୍କୁ ସ୍କୁଲ ପୂର୍ବରୁ ଶୈକ୍ଷିକ ବାତାବରଣ ସହ ଯୋଡ଼ିବାକୁ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଠାରେ ପିଲାମାନେ ପ୍ରାକ୍ ସ୍କୁଲ ଶିକ୍ଷା ନେଇପାରିବେ। ଏଥିସହ ସେମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ମଧ୍ୟ ଏଠାରେ ଅନେକ କାମ କରାଯାଏ। କିନ୍ତୁ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଏ.ମାଲକାନଗିରି ପଞ୍ଚାୟତ ରାଉତପୁଟ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ୫ ବର୍ଷ ହେବ ଏହି କେନ୍ଦ୍ର ଅଧାପନ୍ତରିଆ ପଡ଼ିଛି। ଫଳରେ ପିଲାମାନଙ୍କୁ କେତେବେଳେ କାହା ଘର ବାରଣ୍ଡାରେ ତ କେତେବେଳେ ସ୍କୁଲ ବାରଣ୍ଡାରେ ଶିକ୍ଷାଦାନ ଦିଆଯାଉଛି।

ସୂଚନାନୁଯାୟୀ, ଏହି ଗାଁରେ ୮୫ ଘର ପରିବାର ରୁହନ୍ତି। ଗାଁର ୧୫ ଜଣ ଶିଶୁ ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ଅଛନ୍ତି। ଏଠାରେ ୨୦୧୭ରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଥିଲା। ଗାଁର ଲକ୍ଷ୍ମଣ ଗୌଡ଼ ଅଙ୍ଗନୱାଡି ତିଆରି ଦାୟିତ୍ୱ ହାତକୁ ନେଇଥିଲେ। ସେ କେବଳ ଫାଉଣ୍ଡେଶନ ଗାତ ଖୋଳି ଛାଡ଼ିଦେଇଛନ୍ତି। ଦୀର୍ଘ ୫ ବର୍ଷ ହେବ ସେହିଭଳି ଅବସ୍ଥାରେ ରହିଛି। ଅଙ୍ଗନୱାଡି କେନ୍ଦ୍ର ପିଲା ଅସୁବିଧା ଭୋଗୁଛନ୍ତି। ନିଜସ୍ୱ ଗୃହ ନ ଥିବାରୁ ପିଲାମାନେ ନାଚ, ଗୀତ ଖେଳକୁଦ ଆଦି କରିପାରୁ ନ ଥିବା ଗାଁର ପିତୁ ଗୌଡ଼, ମାଣିକ ଗୌଡ଼, ରାମ ଗୌଡ଼, ସାଦୁ ଗୌଡ଼, ଗୁରୁ ଭୋଇ, ଡମ୍ବୁ ଗୌଡ଼, ହରି ଗୌଡ଼, ରବି ଗୌଡ଼, ଡଙ୍ଗରୁ ଗୌଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଙ୍ଗନୱାଡି କର୍ମୀ ପିଲାମାନଙ୍କୁ ଧରି କେତେବେଳେ ନିଜ ଘର ବାରଣ୍ଡା ତ କେତେବେଳେ ସ୍କୁଲ ବାରଣ୍ଡାରେ ପଢ଼ାଉଛନ୍ତି। ଅଧାତିଆରି ଅଙ୍ଗନୱାଡି ଗୃହ ସମ୍ପର୍କରେ ବ୍ଲକ ପ୍ରଶାସନ, ସିଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବତନ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଏହି ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟାଦେଶ ରହିଥିଲା। ତାଙ୍କୁ ଅଧା ତିଆରି କେନ୍ଦ୍ର ସମ୍ପର୍କରେ ଜଣାଇଥିଲେ ମଧ୍ୟ ସେ କିଛି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଅଙ୍ଗନୱାଡି ଗୃହ କାମ ଶେଷ କରା ନ ଗଲେ ପିଲାମାନଙ୍କୁ ଧରି ବ୍ଲକ୍ କାର୍ଯ୍ୟାଳୟ ଘେରାଉ ସହ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଅଭିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଡିପିଓ ଶକୁନ୍ତଳା ଦାଶଙ୍କୁ ପଚାରିବାରୁ ଅଙ୍ଗନୱାଡି କେନ୍ଦ୍ରର ସ୍ଥିତିକୁ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗୃହ ନ ଥିବାରୁ ସ୍କୁଲ ବାରଣ୍ଡାରେ ହିଁ ପିଲାଙ୍କୁ ପଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# କୋରାପୁଟ ଡିଏଭି ଶିକ୍ଷକ ଶିକ୍ଷା କଲେଜକୁ ମିଳିଲା ସ୍ୱୀକୃତି

କୋରାପୁଟ,୩୦।୫( ଅମିତାଭ ବେହେରା)

ଚଳିତ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ କୋରାପୁଟ ଡିଏଭି ଶିକ୍ଷକ ଶିକ୍ଷା କଲେଜକୁ ସ୍ୱୀକୃତି ମିଳିଥିବା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଏକ ବିଜ୍ଞପ୍ତିରୁ ଜଣାପଡିଛି। ଚଳିତ ଶିକ୍ଷାବର୍ଷ ନିମନ୍ତେ କୋରାପୁଟ ଡିଏଭି ଶିକ୍ଷକ ଶିକ୍ଷା କଲେଜକୁ ଏନ୍‌ସିଟିଇ, ନୂଆଦିଲ୍ଲୀ ୨ ବର୍ଷ ବି.ଏଡ୍. ପାଠ୍ୟକ୍ରମ ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି। ୧୦୦ ଜଣ ଛାତ୍ରୀଛାତ୍ର ୨ ବର୍ଷ ବି.ଏଡ୍. ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରିପାରିବେ।

ପ୍ରକାଶ ଯେ, କୋରାପୁଟ ଡିଏଭି ଶିକ୍ଷକ ଶିକ୍ଷା କଲେଜକୁ ସ୍ୱୀକୃତି ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। କୋରାପୁଟ ସହରର ଯୁବ ସାମାଜିକ କର୍ମୀ ତଥା ଆଇନଜୀବୀ କାମାକ୍ଷାପ୍ରସାଦ ମାଝି ଓ ଆଇନଜୀବୀ ସଞ୍ଜୟ ଝା ପୂର୍ବତନ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ସାକ୍ଷାତକରି ଏ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାର ଛାତ୍ରୀଛାତ୍ରଙ୍କ ପାଇଁ ୧୯୮୨ ମସିହାରେ ସରକାରୀ ଡିଏଭି ବି.ଏଡ୍. କଲେଜ ସ୍ଥାପନ କରାଯାଇଥିଲା। କିନ୍ତୁ ଷ୍ଟାଫ ଅଭାବରୁ ୪ ବର୍ଷ ହେବ କଲେଜକୁ ସ୍ୱୀକୃତି ମିଳୁ ନ ଥିବାରୁ ଅବିଭକ୍ତ କୋରାପୁଟ ଜିଲାର ଛାତ୍ରୀଛାତ୍ରମାନେ ଏଠାରେ ନାମ ଲେଖାଇବାରୁ ବଞ୍ଚିତ ହେଉଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦାବି ପ୍ରତି ଧ୍ୟାନଦେଇ ସମାଧାନ କରିବେ ବୋଲି ପୂର୍ବତନ ମନ୍ତ୍ରୀ ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ ବୋଲି ଆଇନଜୀବୀ କାମାକ୍ଷା ପ୍ରସାଦ ମାଝି କହିଥିଲେ। ଚଳିତ ଶିକ୍ଷାବର୍ଷ ପାଇଁ କୋରାପୁଟ ଶିକ୍ଷକ ଶିକ୍ଷା କଲେଜକୁ ସ୍ୱୀକୃତି ମିଳିଥିବାରୁ ଆଇନଜୀବୀ କାମାକ୍ଷାପ୍ରସାଦ ମାଝିଙ୍କ ସମେତ ଜିଲାବାସୀ ଖୁସି ପ୍ରକଟ କରିଛନ୍ତି।

# ରେଗୁଲାର ପିଲାଙ୍କୁ ଏକ୍ସ-ରେଗୁଲାର ସାର୍ଟିଫିକେଟ

ଦାମନଯୋଡି,୩୦।୫ ( ମାନସ ରଞ୍ଜନ କର)


Board of Secondary Education, Odisha
HIGH SCHOOL CERTIFICATE EXAMINATION
EX-REGULAR
Certified that ANISHA KHORA
Son/Daughter of SRIDEVI KHORA (Mother)
and JUNESH KHORA (Father)
born on 18/12/2008 passed the High School Certificate Examination held during the month of February 2024
from GOVT. U.G. HIGH SCHOOL, LITIGUDA
SUBJECTS AND MARKS SECURED

| SUBJECT CODE | SUBJECT | FULL MARKS | MARKS SECURED |
|---|---|---|---|
| FLO | FIRST LANGUAGE ODIA | 100 | 57 |
| SLE | SECOND LANGUAGE ENGLISH | 100 | 55 |
| TLS | THIRD LANGUAGE SANSKRIT | 100 | 74 |
| MTH | MATHEMATICS | 100 | 32 |
| GSC | GENERAL SCIENCE | 100 | 37 |
| SSC | SOCIAL SCIENCE | 100 | 55 |
| | TOTAL | 600 | 310 |

( THREE HUNDRED AND TEN )
GRADE C
DATE OF PUBLICATION OF RESULT 26/05/2024
CONTROLLER OF EXAMINATIONS
SECRETARY

ମାଟ୍ରିକ୍ ରେଗୁଲାର ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କୁ ମିଳିଛି ଏକ୍ସ-ରେଗୁଲାର ସାର୍ଟିଫିକେଟ। ଏହାକୁ ନେଇ ଚିନ୍ତାରେ ସ୍କୁଲ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ଓ ଅଭିଭାବକ। ଏଭଳି ଅଭାବନୀୟ ଘଟଣା କୋରାପୁଟ ଜିଲା ଦାମନଯୋଡି ଉପକଣ୍ଠସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଥାଲପୁଟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଘଟିଛି। ଖବର ନେବାରେ ଜଣାପଡିଛି, ଚଳିତବର୍ଷ ମାଥାଲପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ଜଣ ରେଗୁଲାର ଛାତ୍ରୀଛାତ୍ର ସରକାରୀ ୟୁଜି ହାଇସ୍କୁଲ ଅଧୀନରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ଶତପ୍ରତିଶତ ରେଜଲ୍ଟ ହୋଇ ସମସ୍ତ ପିଲା ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ଏ-୨, ୪ଜଣ ବି-୧, ୩ ଜଣ ବି-୨, ୬ଜଣ-ସି, ୧୨ଜଣ-ଡି ଏବଂ ୧୧ଜଣ-ଇ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ତେବେ ପରୀକ୍ଷା ଫଳ ପ୍ରକାଶ ପରେ ପିଲାମାନେ ସାର୍ଟିଫିକେଟ ଡାଉନଲୋଡ କରିବାରୁ ସେମାନଙ୍କ ସାର୍ଟିଫିକେଟ ଓ ମାର୍କସିଟରେ ରେଗୁଲାର ପରିବର୍ତ୍ତେ ଏକ୍ସରେଗୁଲାର ରହିଛି। ଏହାକୁ ନେଇ ଉଭୟ ଅଭିଭାବକ ଓ ଛାତ୍ରୀଛାତ୍ର ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ଭୁଲ କେମିତି ହୋଲା ତାହା ଉପରେ ପ୍ରଶ୍ନ ଉଠିଛି। ଏଭଳି ସାଂଘାତିକ ଭୁଲ କାହାର ଓ ଏଥିପାଇଁ ଦାୟୀ କିଏ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ବିଷୋୟୀଙ୍କୁ ପଚାରିବାରୁ ଏଥିରେ ବିଦ୍ୟାଳୟର କୌଣସି ତ୍ରୁଟି ନ ଥିବା କହିଥିଲେ। ଚଳିତବର୍ଷ ବିଦ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷା ଦେଇଥିବା ସମସ୍ତ ୩୮ଜଣ ରେଗୁଲାର ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ ଏକ୍ସରେଗୁଲାର ହୋଇଥିବା ସେ କହିଛନ୍ତି। ଏ ସମ୍ପର୍କରେ କୋରାପୁଟ ଡିଇଓ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ବୋର୍ଡ ଅଫିସ ତରଫରୁ ଏଭଳି ତ୍ରୁଟି ହୋଇଛି। ସ୍କୁଲ କର୍ତ୍ତୃପକ୍ଷ ବୋର୍ଡ ଅଫିସରେ ଅଭିଯୋଗ କଲେ ସଂଶୋଧନ ହୋଇପାରିବ ବୋଲି ସେ କହିଛନ୍ତି।

# ପାଣି ପାଇଁ ପୁଟ୍ରାଘାଟି ରାସ୍ତା ଅବରୋଧ

ଦାମନଯୋଡ଼ି,୩୦।୫ (ମାନସ ରଞ୍ଜନ କର)



ନାଲ୍‌କୋ ମାଇନ୍ସ ରାସ୍ତାର ପୁଟ୍ରାଘାଟି ଛକରେ ହଣ୍ଡା ବାଲ୍‌ଟି ରଖି ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ଦିନକୁଦିନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଲାଣି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଏହା ଏକ ବଡ଼ ସମସ୍ୟା ହୋଇପଡିଛି। ପାଣି ଟୋପାଏ ପାଇଁ ଲୋକେ ତହଳବିକଳ ହେଉଥିବା ବେଳେ ପାଣିପାଇଁ ଦାମନଯୋଡି ଉପକଣ୍ଠ ପୁଟ୍ରାଘାଟି ଗ୍ରାମବାସୀ ନାଲ୍‌କୋ ମାଇନ୍ସ ରାସ୍ତା ଅବରୋଧ କରିଥିଲେ। ଗୁରୁବାର ଭୋର ୫.୩୦ରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ମାଇନ୍ସ ରାସ୍ତାର ପୁଟ୍ରାଘାଟି ଛକରେ ହାଣ୍ଡି, ମାଠିଆ ରଖି ମହିଳା ଓ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଫଳରେ ନାଲ୍‌କୋ ଖଣି ଅଞ୍ଚଳକୁ ବସ ଓ ଗାଡ଼ିମୋଟର ଚଳାଚଳ ହୋଇପାରି ନଥିଲା। ଖଣିକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

ଗ୍ରାମ ଉପକଣ୍ଠରେ ଥିବା ପମ୍ପ୍ ହାଉସ୍ କାମ କରୁ ନ ଥିବାବେଳେ ଗ୍ରାମରେ ଥିବା ନଳକୂପ ଖରାପ ହୋଇପଡ଼ିଛି। ଯେଉଁ ଗୋଟିଏ ନଳକୂପ ଚାଲିଛି, ସେଥିରୁ ଗୋଳିଆ ପାଣି ବାହାରୁଥିବାରୁ ତାହା ବ୍ୟବହାରଯୋଗ୍ୟ ହେଉନାହିଁ। ତେଣୁ ଲୋକେ ଗାଁପାଖ ନାଳରୁ ପାଣି ସଂଗ୍ରହ କରି ପିଇବା ଏବଂ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲଗାଉଥିବା ଗ୍ରାମବାସୀ କହିଛନ୍ତି। ଏହି ସମସ୍ୟା ଦିନକୁଦିନ ବଢ଼ିବାରୁ ରାସ୍ତାରୋକୋ କରାଯାଇଛି ବୋଲି ସେମାନେ କହିଛନ୍ତି। ପାଣି ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ଖବରପାଇ ସକାଳୁ ଦାମନଯୋଡ଼ି ଥାନା ପୋଲିସ ଏବଂ ନାଲ୍‌କୋ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ବି ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ଅପରାହ୍ନରେ ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ ଏବଂ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଏସ୍‌ଡିଓ ଅମିୟ କୁମାର ନାୟକ ପୁଟ୍ରାଘାଟି ଗ୍ରାମରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଏଥିସହ ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କ ପାଇଁ ଟ୍ୟାଙ୍କରରେ ପାଣି ଯୋଗାଇବା ବ୍ୟବସ୍ଥା କରାଯାଇଥିଲା। ଗ୍ରାମରେ ଥିବା ଅକାମୀ ନଳକୂପଗୁଡ଼ିକୁ ତୁରନ୍ତ ମରାମତି ଓ ଆବଶ୍ୟକ ସ୍ଥଳେ ନୂତନ ନଳକୂପ ଖନନ ସହ ପମ୍ପ୍ ହାଉସ୍‌ରେ ଥିବା ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ସାଢ଼େ ୩ଟାରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋ ହଟିବା ପରେ ନାଲ୍‌କୋ ଖଣି ଅଞ୍ଚଳକୁ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡିଛି।

# ଯୁବତୀଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ସେମିଲିଗୁଡ଼ା/ସୁନାବେଡ଼ା,୩୦।୫ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଲିଗୁଡ଼ା ରେଳିସାହିରେ ଫାଶୀ ଲଗାଇ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ହେଲେ ବାଙ୍ଗାରି ରତ୍ନଙ୍କ ଝିଅ ବାଙ୍ଗାରି ଗାୟତ୍ରୀ (୨୧) । ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଭୋର ସମୟରେ ପରିବାର ଲୋକେ ଶୋଇଥିବା ବେଳେ ଗାୟତ୍ରୀ ଷ୍ଟୋର ରୁମ୍ ଛାତ ହୁକ୍‌ରେ ଝୁଲି ଆତ୍ମହତ୍ୟା କରିଥିଲେ। ଯୁବତୀଙ୍କ ମା' ଉଠିବା ପରେ ଘରେ ଝିଅ ନ ଥିବା ଦେଖି ଏଣେତେଣେ ବୁଲି ଦେଖିବା ବେଳକୁ ଷ୍ଟୋର ରୁମ୍ ହୁକ୍‌ରେ ଝିଅର ମୃତଦେହ ଝୁଲୁଥିବା ଦେଖି ଘର ଲୋକଙ୍କୁ ଡାକିବା ସହ ସେମିଳିଗୁଡା ପୋଲିସକୁ ଖବର ଦେଇଥିଲେ । ସେମିଲିଗୁଡା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଅନ୍ୟ ସହକର୍ମୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ଯୁବତୀଙ୍କ ମୃତଦେହ କରିଥିଲେ। ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପଠାଯାଇଛି । ସେମିଲିଗୁଡା ଥାନାରେ ଏ ସମ୍ପର୍କରେ କେସ୍ ନଂ. ୧୦/୨୪ ରେ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଜାରି ରଖିଛି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବାବେଳେ ଏଏସ୍‌ଆଇ ବିରଞ୍ଚି ବାଣୁଆ ଏହାର ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି ।

# କାକିରିଗୁମ୍ମା ମୁଖ୍ୟ ବଜାରରେ ଜଳୁନି ଷ୍ଟ୍ରିଟ୍ ଲାଇଟ୍

ଲକ୍ଷ୍ମୀପୁର,୩୦।୫ (ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଏକ ନମ୍ବର ଜୋନ୍ କାକିରିଗୁମ୍ମା ମୁଖ୍ୟ ବଜାରରେ ଦୀର୍ଘଦିନ ହେଲା ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ। ଫଳରେ ସନ୍ଧ୍ୟା ହେଲେ ମୁଖ୍ୟ ବଜାର ଅନ୍ଧାକରମୟ ହୋଇପଡୁଛି। ଏହି ବଜାର ଉପରେ ୭ ପଞ୍ଚାୟତର ଲୋକେ ନିର୍ଭର କରନ୍ତି । ଜିଲାର ଦ୍ୱିତୀୟ ବଡ଼ ସାପ୍ତାହିକ ହାଟ ହେଉଛି କାକିରିଗୁମ୍ମା। କିନ୍ତୁ ଦୁର୍ଭାଗ୍ୟର ବିଷୟ କାକିରିଗୁମ୍ମା ମୁଖ୍ୟ ବଜାରରେ ଷ୍ଟ୍ରିଟ୍ ଲାଇଟ ନ ଥିବାରୁ ଅନେକ ଥର ରାତ୍ରରେ ଦୁର୍ଘଟଣା ଏବଂ ଡକାୟତି ଘଟୁଥିବା ନଜିର ରହିଛି। ଅଳ୍ପ କିଛିଦିନ ତଳେ ବ୍ୟାଙ୍କ ଲୁଟ ହୋଇଥିଲା। ସ୍କୁଲରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ୩୨୬ ଜାତୀୟ ରାଜପଥ, ମୁଖ୍ୟ ବଜାର ନିକଟରେ ଡାକ୍ତରଖନା, ଥାନା, ବ୍ୟାଙ୍କ, ସ୍କୁଲ, କଲେଜ, ଗ୍ରାମପଞ୍ଚାୟତ ମୁଖ୍ୟ ସରକାରୀ, ବେସରକାରୀ ଅନୁଷ୍ଠାନ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ ରାତିରେ ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇପଡୁଛି। ଅନ୍ଧାର ରାତିରେ ଯିବାଆସିବା ପାଇଁ ସାଧାରଣ ଲୋକେ ନାହିଁ ନ ଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ତରଫରୁ କାକିରିଗୁମ୍ମା ବଜାରରେ ଷ୍ଟ୍ରିଟ୍ ଲାଇଟ ଲଗେଇବା ପାଇଁ ସାଧାରଣରେ ଦାବି ହେଉଛି ।

# ପରମ୍ପରା ବଞ୍ଚାଇ ରଖିବା ଉପରେ ଗୁରୁତ୍ୱ

କୋରାପୁଟ,୩୦।୫(ଅମିତାଭ ବେହେରା)

**ନିଶାଣିମୁଣ୍ଡା ଓଲାର ଗଦବା ସମାଜ ବାର୍ଷିକ ସାଧାରଣ ସମାବେଶ**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ଲେଞ୍ଜି କୁଦୁଲିରେ ନିଶାଣିମୁଣ୍ଡା ଓଲାର ଗଦବା ସମାଜର ଜିଲାସ୍ତରୀୟ ବାର୍ଷିକ ସାଧାରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି, ସମ୍ପାଦକ ମଦନ ପାମିଆ, କୋଷାଧ୍ୟକ୍ଷ ରବି ଖରା, ଉପଦେଷ୍ଟା ଧନୁର୍ଜୟ ତକଲିଆ, ନାଥ ତେନ୍ତୁଳି ପାଡ଼ିଆ, ଦାମମୁଣ୍ଡା ଗାଡିଆ, ଉଗ୍ରସେନ ଚପାତି, ତ୍ରିପତି ସାରାଙ୍କ ସମେତ ସମାଜ ଶତାଧିକ ଲୋକ ଉପସ୍ଥିତ ଥିଲେ। ଓଲାରଗଦା ପରମ୍ପରାକୁ ବଞ୍ଚାଇ ରଖିବା ଉପରେ ନେତାମାନେ ଗୁରୁତ୍ୱ ଦେଇଥିଲେ।

ଆଧୁନିକ ଯୁଗରେ ଓଲାର ଗଦବା ସମାଜ ପରମ୍ପରା ଲୋପ ପାଇବାକୁ ବସିଲାଣି । ଆଗଭଳି ଓଲାର ଗଦବା ପରମ୍ପରା ଦେଖିବା ପାଇଁ ମିଳୁନାହିଁ। ଏହାକୁ ବଞ୍ଚାଇ ରଖିବା ଲକ୍ଷ୍ୟରେ ଏହି ବାର୍ଷିକ ସାଧାରଣ ସଭା କରାଯାଇଛି ବୋଲି ସମାଜର ନେତୃବୃନ୍ଦ ମତ ଦେଇଥିଲେ। କୋରାପୁଟ ଜନଜାତି ସମୂହ ଭାଷା, ସଂସ୍କୃତି ସଂରକ୍ଷଣ, ଉତ୍ତମ ଶିକ୍ଷାର ପ୍ରଚାରପ୍ରସାର ସହ ଜନଜାତିଙ୍କ ସଂସ୍କୃତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଂସ୍କୃତିକ ବିକାଶ ନିମନ୍ତେ ବିବିଧ ସଚେତନତାମୂଳକ ତଥା ସୃଜନାତ୍ମକ କାର୍ଯ୍ୟାବଳୀର ପରିଚାଳନା, ଗୋଷ୍ଠୀ ସହ ଜଡ଼ିତ ବିଶ୍ୱାସ ପରମ୍ପରା ସାହିତ୍ୟ, ନୃତ୍ୟ, ଗୀତ ସଙ୍ଗୀତ ମେଳା ମହୋତ୍ସବ ପ୍ରଭୃତି ସାଂସ୍କୃତିକ ସଙ୍ଗନ ସୁରକ୍ଷା, ସଂରକ୍ଷଣ ପରିଚାଳନା ଓ ପ୍ରସାର ପାଇଁ କାର୍ଯ୍ୟ କରିବା ଭଳି ଅନେକ ବିଷୟରେ ଆଲୋଚନା କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପରୁଆମାଳି ଗୁମ୍ଫାରେ ଚନ୍ଦନଯାତ୍ରା, ଲିଆଖାଇ ପର୍ବ


ପରୁଆମାଳି ଗୁମ୍ଫାରେ ଶ୍ରଦ୍ଧାଳୁମାନେ।


ଗୁମ୍ଫାରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଉଛି ।

କୋରାପୁଟ,୩୦।୫(ଅମିତାଭ ବେହେରା)

**ଲିଆଖାଇ ପର୍ବରେ ବେଣ୍ଟରେ ଶିକାର ହୋଇଥିବା ଜୀବଜନ୍ତୁଙ୍କ ଦିଆଯାଏ ଶ୍ରାଦ୍ଧ**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପରୁଆମାଳି ପାହାଡ଼ରେ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାର ନନ୍ଦପୁର ବ୍ଲକ ଅଧୀନ କସନ୍ଦୀ (ଡାରେଙ୍ଗବା) ଓ ଖେମୁଣ୍ଡୁଗୁଡା ପଞ୍ଚାୟତ ସୀମାରେ ରହିଛି ଏହି ପରୁଆମାଳି ପାହାଡ଼। ସେଠାରେ ଅଛି ଏକ ବିରାଟ ଗୁମ୍ଫା। ସ୍ଥାନୀୟ ଲୋକେ ଚାଷବାସ, ସନ୍ତାନସନ୍ତତି, ବେପାର ବଣିଜ, ଜଙ୍ଗଲ ଜମି, ଗୃହପାଳିତ ପ୍ରାଣୀ, ରୋଗବ୍ୟାଧି ଓ ଧନଜୀବନ ରକ୍ଷା ପାଇଁ ଏଠାରେ ମାନସିକ କରି ପୂଜା କରିଥାନ୍ତି। ଦିନରେ ଗୁମ୍ଫାରେ ଚନ୍ଦନଯାତ୍ରା ହେଉଥିବା ବେଳେ ରାତିରେ ଗ୍ରାମରେ ଲିଆଖାଇ ପର୍ବ ଅନୁଷ୍ଠିତ ହେଉଛି। ଖେମୁଣ୍ଡୁଗୁଡା ଗ୍ରାମରେ ଚଇତି ପରବ ପାଳନ ସମୟରେ ବେଣ୍ଟରେ ଶିକାର ହୋଇଥିବା ଜୀବଜନ୍ତୁଙ୍କ ଶ୍ରାଦ୍ଧ ସ୍ୱରୂପ ଲିଆଖାଇ ପର୍ବ ଅନୁଷ୍ଠିତ ହୋଇଥାଏ। ଗୁମ୍ଫା ଭିତରେ ବିଷ୍ଣୁ ପୂଜା ପାଆନ୍ତି। ଏହିଦିନ ଗ୍ରାମର ସମସ୍ତ ବନ୍ଧୁ ପରିଜନ ନୂଆ ବସ୍ତ୍ର ପିନ୍ଧି ନିଜ ଘରୁ ଶ୍ରାଦ୍ଧ ପାଇଁ ଲିଆ ଓ ବିଭିନ୍ନ ଭୋଗ ଧରି ନିଶାନୀ ମୁଣ୍ଡାରେ ଏକାଠି ହୁଅନ୍ତି। ଗାଁ ଉତ୍ସବମୁଖର ହୋଇପଡ଼େ। ନିଶାର୍ଦ୍ଧରେ ଗ୍ରାମ ଦିଶାରୀ ଉଗ୍ରସେନ ପମିଆ ଓ ରଞ୍ଜିତ ଖେମୁଣ୍ଡୁ ଶ୍ରାଦ୍ଧ ବିଧି ପୂଜା ସାରି ଲିଆକୁ ପ୍ରସାଦ ଆକାରରେ ବଣ୍ଟନ କରିଥାନ୍ତି।

ଉଜ୍ଜୟିନୀର ରାଜା ଏଠାରେ ରହି ପାରୁଆମାଳିଙ୍କୁ ପୂଜାର୍ଚ୍ଚନା କରି ନନ୍ଦପୁରରେ ବତ୍ରିଶ ସିଂହାସନ ପ୍ରତିଷ୍ଠା କରିଥିଲେ। ନନ୍ଦପୁରରୁ ଜୟପୁରକୁ ରାଜଧାନୀ ସ୍ଥାନାନ୍ତର ହେବା ପରେ ତତ୍କାଳୀନ ରାଜା କନ୍ଧ ଓ ସୀସା ସମ୍ପ୍ରଦାୟର ଲୋକଙ୍କ ହାତରେ ପୂଜାଭାର ହସ୍ତାନ୍ତର କରିଦେଇ ଚାଲିଯାଇଥିବା ଲୋକ କଥା ରହିଛି। ଡାରେଙ୍ଗବା ଗ୍ରାମବାସୀ ଗୁମ୍ଫା ଜଗୁଆଳି ସାଜିଥିବା ବେଳେ ଖେମୁଣ୍ଡୁଗୁଡ଼ାର ପୂର୍ବତନ ବିଧାୟକ (ପଟାଙ୍ଗି) ଭଗବାନ ଖେମୁଣ୍ଡୁଙ୍କ ପରିବାର ଏହାର ପୂଜକ। କୌଣସି କାରଣରୁ ଅନେକ ବର୍ଷ ଧରି ଏହି ପୂଜା ଓ ଯାତ୍ରା ବନ୍ଦ ହୋଇଯାଇଥିଲା। ପୁଣି ଥରେ ୩୦ ବର୍ଷ ପୂର୍ବେ ଏହି ଯାତ୍ରା ଆରମ୍ଭ ହୋଇଛି। ଏଠାରେ କୋରାପୁଟ ଜିଲା ସମେତ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳର ବହୁ ଭକ୍ତ ସାମିଲ ହୁଅନ୍ତି।

ଏହି ଗୁମ୍ଫାଟି ପର୍ଯ୍ୟଟକଙ୍କ ଅଗୋଚରରେ ରହିଯାଇଛି। ସରକାର ଏହାର ପ୍ରଚାରପ୍ରସାର ସହ ଏଠାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିଲେ ଏହା ଲୋକଲୋଚନକୁ ଆସିପାରିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହାର ବିକାଶ କରିବାକୁ ନେଇ ଖେମୁଣ୍ଡୁଗୁଡ ପୂର୍ବତନ ସରପଞ୍ଚ ଡମ୍ବରୁଧର ଭଣ୍ଡା ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ନିକଟରେ ଦାବି କରିଛନ୍ତି।

# ବିରୋଧୀଙ୍କ ମିଛ ପ୍ରଚାରରୁ ଦୂରେଇ ରୁହନ୍ତୁ: ନବୀନ

ଚାନ୍ଦବାଲି,୩୦।୫(କିଷାନ ପାତ୍ର)

ଓଡ଼ିଶାର ଉନ୍ନତି ପାଇଁ ବିରୋଧୀ ଦଳର ଆନ୍ତରିକତା ନାହିଁ। ସେମାନେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ମିଛ କଥା ପ୍ରଚାର କରୁଛନ୍ତି। ସେମାନଙ୍କ ମିଛ ପ୍ରଚାରରୁ ଦୂରେଇ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭଦ୍ରକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚାନ୍ଦବାଲି ବ୍ଲକର ମତୋ କଲେଜ ପଡ଼ିଆରେ ଗୁରୁବାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାରର ଶେଷ ଦିନରେ ଅନୁଷ୍ଠିତ ବିଜେଡି କର୍ମୀ ସମାବେଶରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ନମସ୍କାର, ଜୟ ଜଗନ୍ନାଥ କହି ନବୀନ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ମିଶନ ଶକ୍ତି, ୫-ଟି ସ୍କୁଲ, କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ କାର୍ଡ, ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା, ଲକ୍ଷ୍ମୀ ବସ୍, ରାଶନ କାର୍ଡ ଆଦି ଯୋଜନା ଭଲ କି ନାହିଁ ବୋଲି ସେ ପ୍ରଶ୍ନ ପଚାରିଥିଲେ। ଏଥିସହ ଆସନ୍ତା ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ। ସହରବାସୀଙ୍କୁ ବିଏସ୍‌କେୱାଇ ଯୋଜନାରେ କାର୍ଡ ଏବଂ ମିଶନ ଶକ୍ତି ମା'ମାନଙ୍କୁ ପେନ୍‌ସନ ମିଳିବ। ଜୁନ୍ ୧ରେ ବିଜେଡିର ପ୍ରାର୍ଥୀମାନଙ୍କୁ ଆଶୀର୍ବାଦ କରିବା ଲାଗି ନବୀନ ନିବେଦନ କରିଛନ୍ତି। ସମାବେଶରେ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବିଜେଡିର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଛନ୍ତି। ଚାନ୍ଦବାଲି ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ, ଭଦ୍ରକ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ, ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମା, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସମେତ ବିଜେଡି ନେତାମାନେ ସମାବେଶରେ ଯୋଗ ଦେଇଥିଲେ।


ମତୋ କଲେଜ ପଡ଼ିଆରେ ଅନୁଷ୍ଠିତ ବିଜେଡି କର୍ମୀ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ।

# ପରାଜୟ ଜାଣି ରକ୍ତମୁଖା ହୋଇପଡ଼ିଛି ବିଜେଡି: ମନମୋହନ

ଭୁବନେଶ୍ୱର,୩୦।୫(ସୁନିତ୍ ମିଶ୍ର)

ନିର୍ବାଚନ ହାରିବା ସୁନିଶ୍ଚିତ ଜାଣିବା ପରେ ବିଜେଡି ରକ୍ତମୁଖା ହୋଇପଡ଼ିଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ କହିଛନ୍ତି। ରାଜ୍ୟରେ ହିଂସାର ବାତାବରଣ ସୃଷ୍ଟିକରି ଜନମତକୁ ବିଭ୍ରାନ୍ତ କରିବା ପାଇଁ ବିଜେଡି ଅପଚେଷ୍ଟା କରୁଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଚାନ୍ଦବାଲି ବିଧାନସଭାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କାରଣରୁ ରାଜ୍ୟରୁ ବିଭିନ୍ନ ନେତା ନିର୍ବାଚନ ପ୍ରଚାରରେ ଯାଇଥିଲେ। ପ୍ରକାଶଥାଉ କି, ଅପରାହ୍ନରେ ଭଦ୍ରକ ଜିଲା ଚାନ୍ଦବାଲି ବିଧାନସଭା ଅନ୍ତର୍ଗତ ଧାମରା ଅଞ୍ଚଳର କାଞ୍ଚିଆମାଳ ପଞ୍ଚାୟତ ଧାନକୁଟା ଗାଁରେ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ସମ୍ପାଦକ ସୁବ୍ରତ ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ ଓ ଅନ୍ୟମାନେ ପ୍ରଚାରପତ୍ର ଧରି ଗୃହ ସମ୍ପର୍କ କରୁଥିବାବେଳେ ସ୍ଥାନୀୟ ବିଜେଡି ଗୁଣ୍ଡାମାନେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ସେହି ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଓ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ବିଜେଡି ଗୁଣ୍ଡା ଓ ବାହାରୁ ଭଡ଼ାରେ ଆସିଥିବା ପେସାଦାର ଅପରାଧୀମାନେ ଭାଜପା ଯୁବ କାର୍ଯ୍ୟକର୍ତ୍ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ରାଜ୍ୟ ସଭାପତି ମନମୋହନ ଅଭିଯୋଗ କରିଛନ୍ତି। ଗତ ୪ ଦିନ ତଳେ ଗଞ୍ଜାମ ଜିଲା ସଭାପତି ସୁବାସ ସାହୁ ଓ ଭାଜପାର କାର୍ଯ୍ୟକର୍ତ୍ତାଙ୍କୁ ସେହି ଚାନ୍ଦବାଲିରେ ବିଜେଡିର ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଭାଙ୍ଗିଦେଇଥିଲେ। ପରାଜୟ ଭୟରେ ରାଜ୍ୟରୁ ଯାଇଥିବା ବିଜେଡିର ବଡ଼ପଣ୍ଡାମାନେ ଏଭଳି ଅନୈତିକ ଓ ହିଂସାକାଣ୍ଡ ଭିଆଉଛନ୍ତି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ନିରପେକ୍ଷ ନିର୍ବାଚନ ପାଇଁ ଏସବୁ ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷା ବଳୟ ମୁତୟନ କରାଯିବା ସହ ସେଠାରେ ବିଜେଡିର ବାହାର ଲୋକଙ୍କୁ ଖୋଜି ଖୋଜି ବାହାର କରାଯାଇ ବିତାଡ଼ିତ କରାଯାଉ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଘଟଣାକୁ ଗମ୍ଭୀରତାର ସହ ନେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ମନମୋହନ କହିଛନ୍ତି।




# 'ଆମ୍ବୁଲାନ୍ସ ଅଭାବରୁ ଅନେକଙ୍କ ଜୀବନ ଗଲା'


ସମ୍ବିତ ପାତ୍ର

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)

ଗୋଟିଏ ଗୋଟିଏ ଘଟଣା ବିଶ୍ୱସ୍ତରୀୟ ପ୍ରଶାସକ ବୋଲାଉଥିବା ମୁଖ୍ୟମନ୍ତ୍ରୀଙ୍କ ମିଥ୍ୟା ଓ ଅପପ୍ରଚାରର ମୁଖା ଖୋଲିବାରେ ଯଥେଷ୍ଟ। ବୁଧବାର ପୁରୀ ନରେନ୍ଦ୍ର ପୋଖରୀରେ ମହାପ୍ରଭୁଙ୍କ ଭଉଁରି ଖେଳ ହେଉଥିବା ବେଳେ ବାଣ ଦ୍ୱାରା ଅଗ୍ନି ବିସ୍ଫୋରଣ ଘଟିଥିଲା। ଆମ୍ବୁଲାନ୍ସର ଅଭାବ କାରଣରୁ ଠିକ୍ ସମୟରେ ପୀଡିତଙ୍କୁ ଚିକିତ୍ସା ଉପଲବ୍ଧ ହୋଇପାରିଲା ନାହିଁ। ଯେଉଁଥିଲାଗି ଅନେକ ଲୋକଙ୍କ ମୃତ୍ୟୁ ଘଟିଛି। କେତେଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କୁ ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଭେଟିବା ସହ ଆହତଙ୍କୁ ମାଗଣା ଚିକିତ୍ସା ଯୋଗାଇଦେବାକୁ ଦାବି କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସମ୍ବିତ କହିଛନ୍ତି, ପୁରୀ ବାଣ ବିସ୍ଫୋରଣ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦିଆଯାଉ। ପୁରୀ ମେଡିକାଲରେ କାହିଁକି 'ବର୍ନ' ୱାର୍ଡ ବ୍ୟବସ୍ଥା ନାହିଁ ସରକାର ତା'ର ଉତ୍ତର ରଖନ୍ତୁ। ପୁରୀ ସାଧାରଣ ଅଞ୍ଚଳ ନୁହେଁ। ଓଡ଼ିଶାର ଗର୍ବ ଓ ଓଡ଼ିଆଙ୍କ ସ୍ୱାଭିମାନ ହେଉଛି ପୁରୀ। ପୁରୀରେ ୩୦ ଜଣ ଲୋକଙ୍କ ଉପରେ ଏଭଳି ଅଗ୍ନିକାଣ୍ଡ ଘଟିଲା। ସେହି ସମୟରେ ମାତ୍ରାଧିକ ଆମ୍ବୁଲାନ୍ସ ରହିବାର ଆବଶ୍ୟକତା ଥିଲା ବୋଲି ସମ୍ବିତ କହିଛନ୍ତି।

# ବୁଥ୍ ରିଗିଂ ଆଶଙ୍କା ଥିବା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଉ: ଭାଜପା

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)

ଚଳିତ ନିର୍ବାଚନ ବୈତରଣୀ ପାରିହେବା ପାଇଁ ବିଜେଡି ସରକାରୀ କଳ, ବଳ ଓ କୌଶଳ, ସରକାରୀ କର୍ମଚାରୀ, ମିଶନ ଶକ୍ତିଙ୍କୁ ଲଗାଇବା ସହ ଟଙ୍କା ବାଣ୍ଟିଲା। ଶେଷରେ ପ୍ରାୟୋଜିତ ଭାବେ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍‌କାର ଦେବାକୁ ପଡ଼ିଲା। ଏହାପରେ ମଧ୍ୟ ଓଡ଼ିଶାର ଲୋକେ ପରିବର୍ତ୍ତନ ମୁହାଁ। ଭାଜପାର ବିଜୟ ସୁନିଶ୍ଚିତ ହେବ, ବିଜେଡି ପରାଜୟର ସମ୍ମୁଖୀନ ହେବ। ବିଜେଡି ଗତ ନିର୍ବାଚନରେ ବୁଥ୍ ରିଗିଂ କରିବା, ପୋଲିସ ପ୍ରଶାସନକୁ ଲଗାଇବା ଭଳି ହୀନ କାର୍ଯ୍ୟ କରୁଥିଲା। ୨୦୧୯ରେ ଯାଜପୁର ଲୋକ ସଭା ଅନ୍ତର୍ଗତ ସୁକିନ୍ଦା ଓ ଯାଜପୁର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଜେଡିର ଆଗଧାଡିର ନେତାମାନେ ବୁଥ୍ ରିଗିଂ ଓ ଗୁଣ୍ଡାଗିରି କରି ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଏମାନେ ଅଭ୍ୟାସଗତ ବୁଥ୍ ଜବରଦଖଲକାରୀ। ୨୦୨୪ ସାଧାରଣ ନିର୍ବାଚନରେ ଏମାନଙ୍କ ବିରୋଧରେ ଭାଜପା ଜିଲା ଏସ୍‌ପି ଏବଂ ସ୍ଥାନୀୟ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇଲା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏନେଇ ରାଜ୍ୟ ମୁଖପାତ୍ର ଦିଲୀପ ମଲିକଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଭାଜପା ପକ୍ଷରୁ ଦାବିପତ୍ର ଦିଆଯାଇଛି। ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏମାନଙ୍କୁ ଗୃହବନ୍ଦୀ ବା ତଡିପାର କରିବାକୁ ଦାବି କରିଛୁ ବୋଲି ଭାଜପା ଦାବି କରିଛି। ଏହି ଆଶଙ୍କା ଥିବା ବୁଥ୍ ଅଞ୍ଚଳଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବାକୁ ମଧ୍ୟ ଦଳ ପକ୍ଷରୁ ଦାବି କରାଯାଇଛି।

# ପୁଣି ବୁଥ୍‌ର ୩ ଭିଡିଓ ଭାଇରାଲ

## ଇଭିଏମ୍ ଭାଙ୍ଗିବା ଘଟଣା

ଖୋର୍ଦ୍ଧା,୩୦।୫(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନମ୍ବର ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ଘଟଣାରେ ପୋଲିସ ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଥିଲା। ଶରୀର ଅସୁସ୍ଥ ହେବାରୁ ଜଗଦ୍ଦେବ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତେବେ ଇଭିଏମ୍ କିଏ ଭାଙ୍ଗିଛି ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିବା ବେଳେ ଗୁରୁବାର ଉକ୍ତ ବୁଥ୍‌ର ଆଉ ୩ଟି ଭିଡିଓ ଭାଇରାଲ ହୋଇଛି। ସେଥିରେ ଜଗଦ୍ଦେବ ଜଣେ ପୋଲିଂ ଅଧିକାରୀଙ୍କ ପ୍ରତି ଅଶାଳୀନ ବ୍ୟବହାର କରୁଥିବା ବେଳେ ଜନପ୍ରତିନିଧିଙ୍କୁ ସମ୍ମାନ ଦେଇ ଜାଣିନାହଁ ବୋଲି କହୁଛନ୍ତି। ଅନ୍ୟ ଏକ ଭିଡିଓରେ ସେ ବୁଥ୍‌ରେ ପାଟି କରୁଥିବା ଜଣେ ଭୋଟରଙ୍କ ଆଡ଼କୁ ମାଡିଯାଉଥିବା ଏବଂ ୩ୟ ଭିଡିଓରେ ବୁଥ୍ ବାହାରୁ ଉଚ୍ଚ ସ୍ୱରରେ କାହାକୁ ଗାଳି ଦେଉଥିବା ଶୁଣାଯାଉଛି। ଅନ୍ୟପଟେ ଗତ ୨୮ତାରିଖରେ ଉକ୍ତ ବୁଥ୍‌ର ଏକ ସିସିଟିଭି ଫୁଟେଜ ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହ ଜଗଦ୍ଦେବଙ୍କୁ ଯୋଜନାବଦ୍ଧ ଭାବେ ଫସାଇ ଦିଆଯାଇଛି ବୋଲି ଗଣମାଧ୍ୟମରେ କହିଥିଲେ। ତେବେ ଭାଇରାଲ ଭିଡିଓର ସତ୍ୟତା ଏବଂ ଉକ୍ତଦିନ ବୁଥ୍ ଭିତରେ କ'ଣ ଘଟିଥିଲା, ତାହାର ସତ୍ୟାସତ୍ୟ ରିପୋର୍ଟ ସାର୍ବଜନୀନ କରିବାକୁ ସାଧାରଣରେ ଦାବି ହେଉଛି।

ସୂଚନାଥାଉ କି, ଜଗଦ୍ଦେବ ଇଭିଏମ୍ ଭାଙ୍ଗି ନାହାନ୍ତି ତାଙ୍କୁ ଫସାଇ ଦିଆଯାଇଛି ବୋଲି ଭାଜପା ପକ୍ଷରୁ କୁହାଯାଇଥିଲା। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏପରିକି ଜଗଦ୍ଦେବ ଇଭିଏମ୍ ଭାଙ୍ଗିନାହାନ୍ତି ବୋଲି ଲୋକ ସଭା ଭାଜପା ପ୍ରାର୍ଥୀ ଷଡ଼ଙ୍ଗୀ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏଥିସହ ଉକ୍ତ ବୁଥର ଏକ ସିସିଟିଭି ଫୁଟେଜ ଷଡ଼ଙ୍ଗୀ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଥିରେ ଦେଖିବାକୁ ମିଳିଥିଲା ଯେ, ଜଗଦ୍ଦେବ ପ୍ରଥମେ ଲୋକ ସଭା ପାଇଁ ଭୋଟ ଦେବା ପରେ ପୋଲିଂ ଅଧିକାରୀଙ୍କଠାରୁ ଚିରକୁଟ୍ ନେଇ ବିଧାନସଭା ପାଇଁ ଭୋଟ ଦେବାକୁ ଯାଉଛନ୍ତି। ଇଭିଏମ୍ ଭାଙ୍ଗିବା ଦୃଶ୍ୟ ସିସିଟିଭି ଫୁଟେଜରେ ଦେଖାଯାଉନାହିଁ। ତେବେ ସେ ବିଧାନସଭା ପାଇଁ ଭୋଟ ଦେବାକୁ ଯିବାବେଳେ ପ୍ରଚଣ୍ଡ ଶବ୍ଦ ଶୁଣାଯାଉଛି। ଇଭିଏମ୍ ଭାଙ୍ଗିବା ଶବ୍ଦ ବେଳେ ଜଗଦ୍ଦେବ ଦୂରରେ ଅଛନ୍ତି। ପରେ ସେ ବୁଥକେନ୍ଦ୍ରରୁ ବାହାରି ଯାଉଛନ୍ତି। ତେବେ ନିର୍ବାଚନ ଶୃଙ୍ଖଳା ଦୃଷ୍ଟିରୁ ସମସ୍ତ ବୁଥ୍‌ର ୱେବ କାଷ୍ଟିଙ୍ଗ କରାଯାଇଛି। ୱେବ କାଷ୍ଟିଙ୍ଗ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ଅଧୀନରେ ରହିଥିବା ବେଳେ କିଭଳି ବୁଥର ଭିଡିଓ ଭାଇରାଲ ହେଲା, ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ସିସିଟିଭି ଫୁଟେଜ ବିଭିନ୍ନ ଗଣମାଧ୍ୟମରେ ପ୍ରଦର୍ଶିତ ହେବା ପରେ ଜିଲା ନିର୍ବାଚନ ଅଧିକାରୀଙ୍କୁ ଉକ୍ତ ଭିଡିଓର ତଦନ୍ତ କରବା ସହ ଏହି ବିଷୟର ସ୍ପଷ୍ଟୀକରଣ ରଖିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ କିପରି ପୁଣି ଉକ୍ତ ବୁଥର ଭିଡିଓ ଭାଇରାଲ ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଟଙ୍କା ଲୋଭ ଦେଖାଉଛନ୍ତି ଉତ୍ତର ପ୍ରଦେଶ ୧୫ ଜଣିଆ ମହିଳା ଗ୍ରୁପ

## ସିଇଓଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର,୩୦।୫(ଅନିଲଦାସ)

ମୁକ୍ତ ଅବାଧ ଓ ନିରପେକ୍ଷ ନିର୍ବାଚନରେ ଭାଜପା ବାଧା ସୃଷ୍ଟି କରୁଛି। ନିର୍ବାଚନ ବୈତରଣୀ ପାର ହେବା ଲାଗି ଭାଜପା ଭୋଟରଙ୍କୁ ପ୍ରଭାବିତ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଭାଜପା ଉତ୍ତର ପ୍ରଦେଶରୁ ମହିଳାଙ୍କୁ ଆଣି ଭୋଟରଙ୍କୁ ପ୍ରଲୋଭିତ କରୁଛି। ଉତ୍ତର ପ୍ରଦେଶରୁ ଆସିଥିବା ୧୫ ଜଣିଆ ଗ୍ରୁପର ନେତୃତ୍ୱ ନେଉଛନ୍ତି ରଜନୀ ତୋମାର। ରାଜନଗର ନିର୍ବାଚନ ମଣ୍ଡଳୀର ଭିତରଗଡ଼ ପଞ୍ଚାୟତରେ ମହିଳାଙ୍କୁ ଏହି ଗ୍ୟାଙ୍ଗ ପ୍ରଲୋଭିତ କରୁଛନ୍ତି। ଭାଜପାର ରାଜନଗର ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଓ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ଲାଗି ସେମାନେ ଭୋଟ ମାଗୁଛନ୍ତି। ନିର୍ବାଚନ ଆସିବାରୁ ଭଜାପା ନେତା ଅନ୍ଧାରୀ ବିଜେ କରୁଛନ୍ତି। ଅନ୍ଧାରୀ ବିଜେ କରି ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ଏ ନେଇ ବିଜେଡିର ଏକ ପ୍ରତିନିଧି ଦଳ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ସମସ୍ତ ଭିଡିଓ ପ୍ରମାଣ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

# ପ୍ରଚାର ଶେଷ ଦିନରେ ପ୍ରଣବ ପ୍ରକାଶଙ୍କ ରୋଡ୍ ଶୋ'

ଯାଜପୁର ଟାଉନ,୩୦।୫
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ନିର୍ବାଚନମଣ୍ଡଳୀରେ ଜୁନ୍ ୧ରେ ନିର୍ବାଚନ ହେବାକୁ ଥିବାବେଳେ ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ସମାପ୍ତ ହୋଇଛି। ଏହି ପ୍ରଚାରରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରଥମଥର କରି ଯୋଗଦେଇ ଯାଜପୁର ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ରୋଡ୍ ଶୋ'ରେ ଯାଜପୁର ବିଜେଡି ପ୍ରାର୍ଥିନୀ ସୁଜାତା ସାହୁ ଯୋଗଦେଇଥିଲେ। ମା' ବିରଜାଙ୍କ ମନ୍ଦିର ନିକଟରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ଯୋଡିକୁଅଛକ, ଗରିଆପୁରଛକ, ବଡ଼ବଜାର, ମାର୍କେଟଛକ, କଚେରୀ ରୋଡ, ଗାନ୍ଧିଛକ, କିଅନାଳୀକୂଳ, ମାନସାପୋଲ ଓ ରେଡ୍‌କ୍ରସଛକ ଦେଇ କୁସୁମା ନିକଟରେ ପହଞ୍ଚିଥିଲା। ଏଥିରେ ହଜାର ହଜାର ସଂଖ୍ୟକ ବିଜେଡି କର୍ମୀ ଯୋଗଦେଇଥିଲେ। ରୋଡ୍‌ଶୋ'ରେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବିଜେଡି ଯୁବ ସଭାପତି ମନୋଜ କୁମାର ସାହୁଙ୍କ ସମେତ ବହୁ ନେତୃମଣ୍ଡଳୀ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ପ୍ରଣବ ପ୍ରକାଶଙ୍କୁ ବ୍ୟାପକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।


ରୋଡ୍ ଶୋ କରୁଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ।

# ୪ ହଲ୍‌ରେ ହେବ ଲୋକ ସଭା, ବିଧାନସଭା ଭୋଟ ଗଣତି


ବୈଠକରେ ଜିଲାପାଳ ଉପସ୍ଥିତ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଉଛନ୍ତି ।

**ଭୋଟ ଗଣତି ବ୍ୟବସ୍ଥା ସମ୍ପର୍କରେ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ**

- ପୋଷ୍ଟାଲ ବାଲଟର ଭୋଟ ଗଣତି ପାଇଁ କରାଯାଇଛି ୩ ହଲ୍
- ନିୟୋଜିତ ହୋଇଛନ୍ତି ୧୦୩ ଗଣତି ନିରୀକ୍ଷକ,୧୧୨ ଗଣତି ସହାୟକ, ୧୧୧ ମାକ୍ରୋ ପର୍ଯ୍ୟବେକ୍ଷକ ଓ ୨୦୦ ଗ୍ରୁପ୍ ଡି କର୍ମଚାରୀ

ନବରଙ୍ଗପୁର,୩୦।୫(ସଦାଶିବ ପ୍ରହରାଜ)

ସାଧାରଣ ନିର୍ବାଚନ ୨୦୨୪ ପାଇଁ ଭୋଟ ଗଣତି ଜୁନ୍ ୪ ତାରିଖରେ କରାଯିବ । ଏ ନେଇ ଜିଲା ପ୍ରଶାସନ ପକ୍ଷରୁ କ'ଣ ସବୁ ବ୍ୟବସ୍ଥା କରାଯାଇଛି । ସେ ସମ୍ପର୍କରେ ଜିଲାପାଳ କମଳ ଲୋଚନ ମିଶ୍ର ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି ।

ନବରଙ୍ଗପୁର ଲୋକ ସଭା କ୍ଷେତ୍ର ଓ ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ (ଉମରକୋଟ, ଝରିଗାଁ, ନବରଙ୍ଗପୁର ଓ ଡାବୁଗାଁ) ଭୋଟ ଗଣତି ଏସ୍‌ପି ଅଫିସ ନିକଟ ଇଭିଏମ୍ ୱେର ହାଉସ ପରିସରରେ କରାଯିବ । ନବରଙ୍ଗପୁର ଲୋକ ସଭା ଓ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୪ଟି ହଲ୍‌ରେ ଭୋଟ ଗଣତି ଏକକାଳୀନ କରାଯିବ । ନବରଙ୍ଗପୁର ଲୋକ ସଭା, ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୦ଟି ଟେବୁଲରେ ରାଉଣ୍ଡ ସଂଖ୍ୟା ୨୨+୧, ନବରଙ୍ଗପୁର ଲୋକ ସଭା ଓ ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୨ଟି ଟେବୁଲ ରାଉଣ୍ଡ ସଂଖ୍ୟା ୨୨+୧, ନବରଙ୍ଗପୁର ଲୋକ ସଭା ଓ ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୨ଟି ଟେବୁଲ ରାଉଣ୍ଡ ସଂଖ୍ୟା ୨୨+୧ ଓ ନବରଙ୍ଗପୁର ଲୋକ ସଭା ଓ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୦ଟି ଟେବୁଲ ରାଉଣ୍ଡ ସଂଖ୍ୟା ୨୪+୧ ହିସାବରେ ଇଭିଏମ୍‌ର ଭୋଟ ଗଣତି ବ୍ୟବସ୍ଥା ରହିଛି । ପୋଷ୍ଟାଲ ବାଲଟ୍‌ର ଭୋଟ ଗଣତି ପାଇଁ ବିଧାନସଭା ନିର୍ବାଚନମଣ୍ଡଳୀ ଅନୁଯାୟୀ ସ୍ୱତନ୍ତ୍ର ଭାବେ ୩ଟି ହଲ୍‌ରେ ବ୍ୟବସ୍ଥା କରାଯାଇଛି ।

ପ୍ରଥମ ପର୍ଯ୍ୟାୟରେ ତଥ୍ୟ ସଜ୍ଜୀକରଣ ୨୬ ମେରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୨ ଜୁନ୍ ଓ ତୃତୀୟ ପର୍ଯ୍ୟାୟ ୪ଜୁନ୍‌ରେ ଅନୁଷ୍ଠିତ ହେବ । ସେହିପରି ସର୍ବସାଧାରଣ ଯୋଗାଯୋଗ କକ୍ଷ, ମିଡିଆ କେନ୍ଦ୍ର, ପ୍ରାକ୍ ଗଣତି କେନ୍ଦ୍ର, ଜେନେରେଟର, ଡୁଆଲ ନେଟ୍‌ୱର୍କର ବ୍ୟବସ୍ଥା କରାଯାଇଛି । ସାଧାରଣ ନିର୍ବାଚନ ଭୋଟ ଗଣତି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ଓ ସମ୍ପାଦନ ପାଇଁ ୧୦୩ ଜଣ ଗଣତି ନିରୀକ୍ଷକ,୧୧୨ ଜଣ ଗଣତି ସହାୟକ, ୧୧୧ ଜଣ ମାକ୍ରୋ ପର୍ଯ୍ୟବେକ୍ଷକ ଓ ୨୦୦ ଜଣ ଗ୍ରୁପ୍ ଡି କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ନିର୍ବାଚନ ଆୟୋଗଙ୍କ ନିୟମାନୁଯାୟୀ ଭୋଟ ଗଣତି କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏଥିପାଇଁ ୩ ସ୍ତରୀୟ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିନା ପାସ୍‌ରେ ଭୋଟ ଗଣତି କେନ୍ଦ୍ରକୁ ପ୍ରବେଶ ବାରଣ କରାଯାଇଛି । ଏହି ଗଣତି କାର୍ଯ୍ୟକୁ ଶାନ୍ତିପୂର୍ଣ୍ଣଭାବେ ସାରିବାକୁ ଜିଲା ପ୍ରଶାସନକୁ ସମସ୍ତେ ବିଶେଷକରି ଗଣମାଧ୍ୟମ ପ୍ରତିନିଧି ସହଯୋଗ କରିବାକୁ ଜିଲାପାଳ କାମନା କରିଥିଲେ । ଏହି ବୈଠକରେ ଡେପୁଟି କଲେକ୍ଟର (ନିର୍ବାଚନ) ପି. ମନସ୍ୱିତା, ଡିଆଇପିଆର୍‌ଓ ହଳଧର ନିଆଲ, ସମସ୍ତ ଗଣମାଧ୍ୟମର ଜିଲା ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

# ପାତ୍ରପୁଟ, କୁମାରପୁଟ ମଧ୍ୟରେ ବନ୍ଧୁମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଦୁଇ ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ।

ମାଥିଲି, ୩୦।୫(ସୁବାସ ଚନ୍ଦ୍ର ଖୁଡୁପିଆ)

ଦୀର୍ଘ ବର୍ଷରୁ ପୂର୍ବ ପୁରୁଷରୁ ଚାଲି ଆସିଛି ପାତ୍ରପୁଟ, କୁମାରପୁଟ ମଧ୍ୟରେ ବନ୍ଧୁମିଳନ ପର୍ବ । ଏହା ୩୨ ତମ ମୈତ୍ର ମିଳନ ଉତ୍ସବ ବା ମାପସାଦ ଭେଟ ଘାଟ କୁହାଯାଇଥାଏ । ଏହା ଆଦିବାସୀଙ୍କ ଆଞ୍ଚଳିକ ଭାଷାରେ ପରିଚାଳିତ । ମାଲକାନଗିରି ଜିଲା ମାଥିଲି ବ୍ଲକ ପାତ୍ରପୁଟ ଗ୍ରାମରେ ମୈତ୍ର ମିଳନ ଉତ୍ସବ ବା ମାପସାଦ ଭେଟ ଘାଟ ଉତ୍ସବ ଗୁରୁବାର ହୋଇଥିଲା । ଏହା ଖଇରୁପୁଟ ବ୍ଲକ କୁମାରପୁଟ ଗ୍ରାମବାସୀ ଏବଂ ମାଥିଲି ବ୍ଲକ ପାତ୍ରପୁଟ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘ ବହୁ ବର୍ଷ ଧରି ଲାଗି ରହିଛି । ପ୍ରତି ୩ ବର୍ଷକୁ ଥରେ ନିମନ୍ତ୍ରଣ ଦେଇ ଏକାଠି ମାପସାଦ ଭେଟଘାଟ ହୁଅନ୍ତି । ଏହି ଉତ୍ସବରେ ଏକ ଫୁଲ ପିନ୍ଧାଣି ସଭା କରାଯାଇଥିଲା । ସଭାରେ ଦୁଇ ଗ୍ରାମର ଭଦ୍ରବ୍ୟକ୍ତି ମଞ୍ଚାସୀନ ଥିଲେ । କୁମାରପୁଟ ଗ୍ରାମର ଧାଙ୍ଗଡା ନାୟକ, ବାରିକ, ଚାଲାଣ,ଗ୍ରାମ ପୂଜାରୀ ଏବଂ କୁମାର ପୁଟଭଦ୍ର ବ୍ୟକ୍ତି ବିଘ୍ନ କିର୍ଷାନୀ(ଖଇରପୁଟ ବ୍ଲକ ଚେୟାରମ୍ୟାନ), ଈଶ୍ୱର ରାଜୁ, ନରସିଂ ସମରଥ, ଗୁପ୍ତ ନାୟକ, ଧନରାଜ ସମରଥ, ଲକି ନାଥ ବାବୁ, ରବି ଗୋଲପେଦା, କମୁଲୁ ସମରଥ, ବୁଦ୍ରା ଧଙ୍ଗଡ଼ା ମାଝି, ଦୈମତୀ ଗୋଲପେଡା, ହରି ପୂଜାରୀ ଓ ଚନ୍ଦ୍ର ବାବୁଙ୍କ ସମେତ ବହୁ ସଂଖ୍ୟାରେ ଲୋକ ଯୋଗଦେଇ ଥିଲେ । ୨୦୨୪ ଉତ୍ସବଟି ପାଳିତ ପାତ୍ର ପୁଟ ଗ୍ରାମର ମୁଖ୍ୟ ଧନ ନାୟକ, ବାରିକ ହରିସିଂ ଖୁଡୁପିଆ,ବୁଟି ବାବୁ ଚାଲାଣ,ଧାଁଗୋଡା ନାୟକ ଗ୍ରାମ ଦେବ ପୂଜାରୀ,ମାଧବ ପୂଜାରୀ,ଭଦ୍ର ମୁଖ୍ୟ ଦଶରଥ ସଗରିଆ, ଧନ ନାୟକ, ଭଗବାନ ରେଡ଼ି, ଧନର୍ଜୟ ପୂଜାରୀ, ସୁବାସ ଦରା, ରାମ ପ୍ରସାଦ ଓ ସଦାଶିବ ନାୟକଙ୍କ ସମେତ ବହୁ ଲୋକ ସଭାରେ ଯୋଗ ଦେଇଥିଲେ ।

ପ୍ରାରମ୍ଭରେ ସ୍ୱର୍ଗତ କେତେଜଣ ପୂର୍ବତନ ମୁଖ୍ୟଙ୍କ ନାମରେ ଶୋକସଭା କରାଯାଇଥିଲା । ମଞ୍ଚ ପରିଚାଳକ ଭାବେ ଅଜିତ କୁମାର ସଗରିଆ ଯୋଗଦେଇଥିଲେ । ମୈତ୍ର ମିଳନରେ ଯୋଗ ଦେଇଥିଲେ ମନମୋହନ ପରିଡା ତାଙ୍କ ଭାବି ସ୍ତ୍ରୀଙ୍କୁ କୁମାରପୁଟ ଗ୍ରାମବାସୀ ବସ୍ତ୍ର ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଉତ୍ସବରେ ନାଚ, ଗୀତ, ବ୍ୟାଣ୍ଡ ବାଜା ସହ ମହୁରିଆ ଢାପୁ ବାଜାରେ ଝୁମି ଉଠିଥିଲା ।

# ବାଇକ୍ ଧକ୍କାରେ ପଥଚାରୀ ମୃତ

ଡାବୁଗାଁ, ୩୦।୫(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମାନିଗାଁ ପଞ୍ଚାୟତ ଅଫିସ ଆଗରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଦୁର୍ଘଟଣା ଘଟି ଜଣେ ପଥଚାରୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ମାନିଗାଁର ଶ୍ୟାମ ସୁନ୍ଦର ନାୟକ (୫୫) ।

ସୂଚନାନୁଯାୟୀ, ପୂର୍ବାହ୍ନ ୧୧ଟାରେ ପଞ୍ଚାୟତ ଅଫିସ ସମ୍ମୁଖ ଦୋକାନ ଆଗରେ ମାନିଗାଁର ଶ୍ୟାମ ସୁନ୍ଦର ଛିଡ଼ା ହୋଇଥିଲେ । ଏହି ସମୟରେ ଡାବୁଗାଁ ଆଡ଼କୁ ଏକ ବାଇକ୍ (ଓଡି–୨୪ଏଫ୍–୪୪୮୫)ରେ ଜଟିଆଗୁଡ଼ାର ଦୁଷ୍ମନ୍ତ ରାଉତ ଯାଉଥିବାବେଳେ ସେ ଭାରସାମ୍ୟ ହରାଇ ଶ୍ୟାମ ସୁନ୍ଦରଙ୍କୁ ଧକ୍କା ଦେଇଥିଲେ । ଗୁରୁତର ଅବସ୍ଥାରେ ଶ୍ୟାମ ସୁନ୍ଦରଙ୍କୁ ପ୍ରଥମେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଶ୍ୟାମ ସୁନ୍ଦରଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜ ଓ ହସ୍ପିଟାଲକୁ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ । କୋରାପୁଟ ନିଆଯାଉଥିବାବେଳେ ଜୟପୁର ନିକଟରେ ଗୁରୁବାର ରାତି ୮ଟାରେ ଶ୍ୟାମ ସୁନ୍ଦରଙ୍କର ମୃତ୍ୟୁ ହୋଇଥିଲା । ପରିବାର ଲୋକେ କୋରାପୁଟ ନ ନେଇ ଡାବୁଗାଁ ଫେରି ଆସିଥିବା ସୂଚନା ମିଳିଛି ।

# ଅସ୍ଥାୟୀ ମଣ୍ଡପରେ ପୂଜା ପାଉଛନ୍ତି ଗଙ୍ଗା ମା'


ମା'ଙ୍କ ଘଟ ପରିକ୍ରମା କରାଯାଉଛି ।

ସେମିଳିଗୁଡ଼ା/ସୁନାବେଡ଼ା,୩୦।୫
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ପ୍ରସିଦ୍ଧ ଅଗ୍ନି ଗଙ୍ଗା ମା'ଙ୍କ ନବ ଦିନାତ୍ମକ ଘଟଯାତ୍ରା ସୋମବାର ଆରମ୍ଭ ହୋଇଛି । ଦୁର୍ଗାମନ୍ଦିରରେ ପ୍ରଥମ ଦିନ ରହଣି ପରେ ମା' ମଙ୍ଗଳବାର ଅସ୍ଥାୟୀ ମଣ୍ଡପରେ ବିରାଜମାନ ହୋଇଛନ୍ତି । ଅସ୍ଥାୟୀ ମଣ୍ଡପରେ ପହଞ୍ଚିବା ଦିନଠାରୁ ପ୍ରତିଦିନ ସହର ତଥା ସହର ବାହାରୁ ବହୁ ଭକ୍ତଙ୍କ ସମାଗମ ଲାଗି ରହୁଥିବା ଦେଖିବାକୁ ମିଳିଛି । ନୀତି ଓ ପରମ୍ପରା ଅନୁସାରେ ପ୍ରତିଦିନ ମା' ସହରର ବିଭିନ୍ନ ଅଞ୍ଚଳ ପରିକ୍ରମାକରି ସାହି ଓ ଘର ବୁଲିଛନ୍ତି । ଏଥିରେ ପ୍ରତ୍ୟେକ ଲୋକେ ମା'ଙ୍କୁ ଯଥାବିଧି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି । ପରେ ମା' ବିଳମ୍ବିତ ରାତିରେ ଅସ୍ଥାୟୀ ମଣ୍ଡପରେ ବିଶ୍ରାମ ନେଉଛନ୍ତି ।

# ସ୍ତ୍ରୀ, ପୁଅଙ୍କୁ ମାଡ଼ ସହ ଆମ୍ବୁଲାନ୍ସ ଭାଙ୍ଗିବା ଅଭିଯୋଗରେ ଜଣେ ଗିରଫ

ବାଲିମେଳା,୩୦।୫(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ଚିମଟାପାଲ୍ଲୀ ପଞ୍ଚାୟତ ସିନ୍ଧିବାଟା ଗ୍ରାମରେ ଗତ ୨୮ ତାରିଖ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସିନ୍ଧିବାଟା ଗ୍ରାମରେ ରହୁଥିବା ଲକ୍ଷ୍ମଣ ପାଙ୍ଗୀ ନାମକ ଜଣେ ବ୍ୟକ୍ତି ଗତ ମଙ୍ଗଳବାର ବିନା କାରଣରେ ସ୍ତ୍ରୀ ଓ ପୁଅଙ୍କୁ ଗାଳିଗୁଲଜ କରିବା ସହ ନିସ୍ଠୁର ମାଡ଼ ମାରିଥିଲେ । ଲକ୍ଷ୍ମଣଙ୍କ ମାଡ଼ରେ ପୁଅ ଗୁରୁତର ହୋଇ ପଡ଼ିଥିଲେ । ଏ ସମ୍ପର୍କରେ ଖବର ପାଇ ଲକ୍ଷ୍ମଣଙ୍କ ଶାଳକ ମୋହନ ନାଗ ସେଠାରେ ପହଞ୍ଚି ଆହତ ଭଣଜାଙ୍କୁ ମେଡିକାଲ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡକାଇଥିଲେ । ସେଠାରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଆହତ ମା' ଓ ପୁଅଙ୍କୁ ମେଡିକାଲ ନେବା ପାଇଁ ଉଦ୍ୟମ କରିବା ସମୟରେ ଲକ୍ଷ୍ମଣ ପୁନର୍ବାର ହଠାତ୍ ରାଗିଯାଇ ଘରୁ ଏକ ଟାଙ୍ଗିଆ ଆଣି ଶାଳକଙ୍କୁ ମାରିବାକୁ ଉଦ୍ୟମ କରିବା ସହ ସେଠାରେ ଥିବା ୧୦୮ ଆମ୍ବୁଲାନ୍ସକୁ ଟାଙ୍ଗିଆରେ ପିଟି ଭାଙ୍ଗି ଦେଇଥିଲେ ।

ଏ ସମ୍ପର୍କରେ ସୂଚନା ପାଇବା ପରେ ଓର୍କେଲ ଥାନାର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସରେ ଆହତ ମା' ଓ ପୁଅଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ । ଘଟଣାସ୍ଥଳରୁ ଲକ୍ଷ୍ମଣ କେଉଁଆଡେ ଫେରାର ହୋଇଯାଇଥିଲା । ଏନେଇ ଆମ୍ବୁଲାନ୍ସଚାଳକ ବନଜିତ ଗାଏନ ଗତ ମଙ୍ଗଳବାର ଓର୍କେଲ ଥାନାରେ ଦ୍ୱାରସ୍ଥ ହୋଇ ଲକ୍ଷ୍ମଣ ପାଙ୍ଗୀଙ୍କ ବିରୋଧରେ ଏକ ଲିଖିତ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତିକରି ଥାନାରେ ୨୦୫/୨୪ରେ ଏବଂ ଓଡ଼ିଶା ମେଡିକାଲ ସର୍ଭିସ ପର୍ସନ ଏବଂ ମେଡିକାଲ ସର୍ଭିସ ଆକ୍ଟ ୨୦୦୮ରେ ଏକ ମାମଲା ରୁଜୁ କରାଯାଇଛି । ବୁଧବାର ସନ୍ଧ୍ୟାରେ ଫେରାର ଲକ୍ଷ୍ମଣଙ୍କୁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ଗ୍ରାମରୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି ।

## ୧୨ ଅସାମାଜିକ ବ୍ୟକ୍ତି ଗିରଫ

ଛତ୍ରପୁର,୩୦।୫(ସନ୍ତୋଷ ପାଢୀ): ଗଞ୍ଜାମ ପୋଲିସ ଜିଲାରେ ଅପରାଧ ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ ପାଇଁ ସ୍ପେଶାଲ ଡ୍ରାଇଭ ଚାଲିଛି । ଗୋଟିଏ ଦିନରେ ଏହି ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ପକ୍ଷରୁ ୧୨ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।


## Government of Odisha
# Higher Education Department

## Important notice for the applicants seeking admission into U.G. Courses under SAMS for Academic Session - 2024-2025

No. N-09: Timeline for e-Admission in all (+3) Degree Colleges (Govt./Non-Govt. Aided College/ Unaided (Degree) Colleges/ Govt. and Non-Govt. Aided/Unaided Sanskrit (Shastri) Colleges/ Universities imparting UG Courses) including Self Financing (Degree) Colleges of the State under Student Academic Management System (SAMS) is given below. Any changes in the timeline will be published in the newspapers as well as on the website www.samsodisha.gov.in. Kindly refer the Common Prospectus (CP) before filling up the CAF. The key points of U.G. e- admission for the academic session 2024-25 are as follows:

- 4 Year integrated B.A. B.Ed. / B.Sc. B.Ed. courses running at the following HEIs are included in the SAMS e- Admission process.
  - a. Gangadhar Meher University, Sambalpur
  - b. Utkal University, Bhubaneswar
  - c. Ravenshaw University, Cuttack
  - d. S.C.S (Auto) College, Puri
  - e. M.P.C. (Auto) College, Baripada, Mayurbhanj
  - f. Fakir Mohan (Auto) College, Balasore
- **Admission to the B.Sc. ITM program at Ravenshaw University, Cuttack and the B.Sc. IST program at Gangadhar University, Sambalpur** will be conducted through the SAMS U.G. (Degree) portal.
- Admission into the **3-year BBA and BCA programs at Government and Aided HEIs (excluding those running in PPP mode)** has been included in the SAMS U.G. portal. Applicants can visit the eligibility criteria section of the Common Prospectus to view the requirements for enrollment in these programs.
- Admission into 5 years Integrated MBA (IMBA) and 5 years Integrated MCA (IMCA) at Utkal University will be conducted through the SAMS U.G. (Degree) portal.
- Admission into **5 years Integrated B.A (LLB) course at Madhusudan Law University, Cuttack** will also be conducted through the SAMS U.G. (Degree) portal.
- Admission into 3 Years LL.B Course at Madhusudan Law University, Cuttack will be conducted after publication of Graduation (+3) results by all the Universities and Autonomous Colleges of the State for the Academic Session 2024-25 separately.
- **The Phase-I will consist of 4 rounds of selection**. The reservation and weightage will be continued for 1st and 2nd rounds of selection. **In the 3rd round, the de-reservation of seats will be carried out in case of absence of the eligible applicants of a specific category**. The 4th round will be the last round for Phase-I, which will be a **Waiting List Round** and the selection will be purely on merit basis.
- Applicants who got selected and taken admission during the **Phase-I admission process (1st, 2nd, 3rd or Waiting List Round) in any Honor's subject at any Higher Education Institutions (HEIs) will not be eligible to participate in Phase-II and Phase-III admission processes**. This implies, only the **left-out applicants** *(who have passed instant/supplementary exam or the applicants who have not been admitted to any of the HEIs in Phase-I admission process due to any reason)* will be allowed to participate in the Phase-II and Phase-III admission processes.
- During filling up the CAF, applicants are advised to enter **Name, Father's Name, Mother Name and Date of Birth as mentioned in 10th certificate**.
- From this Academic Session: 2024-25, both Temporary & Permanent type PwD applicants (40% & above) will get the reservation benefits in admission. **In addition to the current PwD reservation, the allotment of seats for PWD applicants for each subject should not be more than 10% of the intake capacity**.
- Applicants who got a seat in a round are advised to do the following options after publication round- wise selection:

**Freeze:-** If an applicant is satisfied with the allotted seat i.e. **both the HEI and Subject, S/he can choose this option**. After selecting the **"Freeze"** option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. **The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.**

**Slide:-** If an applicant has accepted the allotted seat **but also wants for a better Subject as well as HEI in his/her higher preferences, s/he can choose this option. After selecting the "Slide" option, applicants have to pay the admission fees for that seat allocated.** The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.

**Float:-** If an applicant has accepted the allotted seat and also wishes a better Subject in their higher choice of subjects in the same HEI, s/he can choose this option. **After selecting the "Float" option, applicants have to pay the admission fees for that seat allocated.** The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.

- **Sports certificates obtained at the level of Schools (10th or below) will not be eligible to get any weightage marks for admission into U.G. Courses.** Applicants, who have obtained the Sports Certificate at the level of Higher Secondary (+2)/Equivalent shall only be given a weightage mark for admission into U.G. Courses.
- Any discrepancy that occurs during the admission period at the Institution level, the verifying Officers, Admission in-Charge and the Data Entry Operator (DEO) will be held responsible. They have to submit an undertaking in the supplied format in this regard.

## Timeline for e-Admission into U.G. Courses under SAMS in the Higher Education Institutions for the Academic Session 2024-25

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website **www. samsodisha.gov.in** | 03 June 2024 (04.00 P.M.) |
| 2 | Last date for applying online CAF through **www.samsodisha. gov.in** | 17 June 2024 (11.45 P.M.) |
| 3 | Correction of CAF in online mode | 18 June 2024 (11.00 A.M.) to 19 June 2024 (07.00 P.M.) |
| 4 | Publication of Provisional Allotment of Seats **(For First Round Selection)** | 25 June 2024 (04.00 P.M.) |
| 5 | Selection of **Slide/Freeze/Float Option** and **Online payment** of admission fees by the selected students through SAMS **[Student's Account]** portal | 25 June 2024 (07.00 P.M.) to 28 June 2024 (11.45 P.M.) |
| 6 | Reporting of the applicants at allotted Institutions for taking admission **(for First Round Selection)** | 26 June 2024 (09.00 A.M.) to 29 June 2024 (05.00 P.M.) |
| 7 | Data updation of admitted students in the e-space by the respective Institutions **(for First Round Admission)** | 26 June 2024 (09.00 A.M. to 29.June 2024 (07.00 P.M.) |
| 8 | Publication of Provisional Allotment of Seats **(for Second Round Selection)** | 05 July 2024 (04.00 P.M.) |
| 9 | Selection of **Silde/Freeze/Float Option** and **Online payment** of admission fees by the selected students through SAMS **[Student's Account]** portal | 05 July 2024 (07.00 P.M.) to 08 July 2024 (11.45 P.M.) |
| 10 | Reporting of applicants at allotted institutions for taking admission **(for Second Round Selection)** | 06 July 2024 (09.00 A.M.) to 09 July 2024 (05.00 P.M.) (Except 07 July 2024) |
| 11 | Data updation of admitted students in the e-space by the respective Institutions **(for Second Round Admission)** | 06 July 2024 (09.00 A.M.) to 09 July 2024 (07.00 P.M.) |
| 12 | Publication of Provisional Allotment of Seats **(for Third Round Selection)** | 15 July 2024 (04.00 P.M.) |
| 13 | **Online payment** of admission fees by the selected students through SAMS **[Student's Account]** portal | 15 July 2024 (07.00 P.M.) to 18 July 2024 (11.45 P.M.) |
| 14 | Reporting of applicants at allotted institutions for taking admission **(for 3rd/Final Round Selection)** | 16 July 2024 (09.00 A.M.) to 19 July 2024 (05.00 P.M.) (Except 17 July 2024) |
| 15 | Data updation of admitted students in the e-space by the respective Institutions **(for Third Round Admission)** | 16 July 2024 (09.00 A.M.) to 19 July 2024 (07.00 P.M.) |
| 16 | Publication of waitlisted applicants in HEI's e-Space Thirty (30) times the actual vacancy **(Waitlisted Admission)** | 24 July 2024 (04.00 P.M.) |
| 17 | Reporting of applicants through **[Student's Login]** in online mode **(Student must choose the HEIs name form the check box provided where S/he want to participate in Waiting list round)** | 24 July 2024 (07.00 P.M.) to 26 July 2024 (11.45 P.M.) |
| 18 | Publication of merit list among the reported waitlisted applicants at their Notice Board/HEI Website & communicate to the selected applicants via phone call/SMS | 30 July 2024 (10.00 A.M.) |
| 19 | Reporting of waitlisted applicants to take admission in one of the selected HEIs, where the **total/differential admission fees** will be deposited directly at the HEIs in online mode **(Net Banking/Bank Challan/NEFT/ UPI etc.)** | 30 July 2024 (09.00 A.M.) to 31 July 2024 (05.00 P.M.) |
| 20 | Admission Updation of the selected waitlisted Student's data by the HEIs in their e-Space | 30 July 2024 (09.00 A.M.) to 31 July 2024 (07.00 P.M.) |
| 21 | **Commencement of 1st Year Classes** | 1 August 2024 (Thursday) |
| 22 | **Publication of Phase-II Admission** | After the Publication of the Instant/Supplementary result of CHSE, Odisha and other Board |

**For more details please contact: e-Admission Helpline (Toll Free) Number 155335/1800-345-6770**

**OIPR-11001/11/0009/2425** **Sd./- Deputy Director, PTC Section**

# ଉନ୍ନୟନ କାର୍ଯ୍ୟରେ ରାଜ୍ୟ ସରକାର ବାଧକ: ଧର୍ମେନ୍ଦ୍ର



ବରୀ ବ୍ଲକ ରମ୍ଭା ପଞ୍ଚାୟତସ୍ଥିତ ରମାଦେବୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ୨ ପ୍ରାର୍ଥୀ।

**ଯାଜପୁର, ବରୀ ଓ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ସଂକଳ୍ପ ସମାବେଶ**

**■ଖଣି ଖାଦାନ ଭରା ସୁକିନ୍ଦାରେ ଦାଦନ କାହିଁକି**

**ବରୀ/କାଳିଆପାଣି,୩୦।୫ (ମହେନ୍ଦ୍ର ସ୍ୱାଇଁ/ଅସିତ ମହାନ୍ତ)**

ଯାଜପୁର ସଂସଦୀୟ କ୍ଷେତ୍ରର ଯାଜପୁର, ବରୀ ଓ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀରେ ଗୁରୁବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ବରୀ ବ୍ଲକ ରମ୍ଭା ପଞ୍ଚାୟତସ୍ଥିତ ରମାଦେବୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଓଡ଼ିଶାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରତିବନ୍ଧକ ସାଜିଛନ୍ତି। ଚଳିତ ନିର୍ବାଚନରେ ରାଜ୍ୟରେ ଭାଜପା ସରକାର ଗଠନ କରିବ ଏବଂ ବିକାଶର ଧାରାକୁ ତ୍ୱରାନ୍ୱିତ କରିବ। ଏଥିସହିତ ସେ କହିଛନ୍ତି, ବରୀ ହେଉଛି ବୀରତ୍ୱର ମାଟି। ଏହି ମାଟିର ଦାୟାଦ ସବୁବେଳେ ସ୍ୱାଭିମାନର ସହ ବଞ୍ଚିବାକୁ ପସନ୍ଦ କରନ୍ତି। ୧୯୪୨ ଅଗଷ୍ଟ ୨୬ରେ ଦେଶ ମାତୃକାର ସେବା ପାଇଁ ଶହୀଦ ହୋଇଥିବା ବ୍ୟକ୍ତିମାନେ ଏହାକୁ ପ୍ରମାଣିତ କରିଛନ୍ତି।

ବରୀ ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଉମେଶ ଜେନା ଯୋଗଦେଇ ମା,ମାଟିର ସେବା ପାଇଁ ତାଙ୍କ ଜୀବନ ସବୁବେଳେ ଉତ୍ସର୍ଗୀକୃତ। ଜୀବନର ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ସେ ରାଜନୈତିକ ଚିନ୍ତାଧାରରୁ ଉର୍ଦ୍ଧ୍ୱରେ ରହି ବିକଶିତ ବରୀ ଗଠନ କ୍ଷେତ୍ରରେ କାମ କରିବେ। ଏଥର ବରୀବାସୀ ତାଙ୍କୁ ଆଶୀର୍ବାଦ କରିବେ, ତାଙ୍କର ଏ ବିଶ୍ୱାସ ଓ ଭରଷା ରହିଛି ବୋଲି ସେ କହିଛନ୍ତି। ଯାଜପୁର ଲୋକ ସଭା କ୍ଷେତ୍ର ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଭୋଟ ଭିକ୍ଷା କରିଛନ୍ତି। କାର୍ଯ୍ୟକ୍ରମରେ ଯାଜପୁର ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା, ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଜେନା, ରମ୍ଭା ସରପଞ୍ଚ ମାନସ ଜେନା, ସମିତିସଭ୍ୟା ଜ୍ୟୋତିର୍ମୟୀ ବେହେରା, ଯୁବନେତା ସୌଭାଗ୍ୟ ଦାସ, ଜ୍ଞାନରଞ୍ଜନ ଧଳ ଓ ଜଗନ୍ନାଥ ପରିଡ଼ାଙ୍କ ସମେତ ଭାଜପାର ବହୁ ଆଗଧାଡ଼ିର ନେତା ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ ଆସିଥିଲେ ମଧ୍ୟ ପ୍ରବଳ ଗରମ ସତ୍ତ୍ୱେ ମହିଳାଙ୍କଠାରୁ ଆରମ୍ଭ କରି ଦଳୀୟ କର୍ମୀ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା।

ସେହିପରି ସୁକିନ୍ଦା ନିର୍ବାଚନମଣ୍ଡଳୀର ଟାଟା ଦୁର୍ଗା ପୂଜା ପଡ଼ିଆଠାରେ ସୁକିନ୍ଦା ଭାଜପା ପକ୍ଷରୁ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଯୋଗଦେଇ ଖଣି ଖାଦାନ ଭରା ସୁକିନ୍ଦାରେ ଦାଦନ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହିତ ଡବଲ ଇଞ୍ଜିନ ସରକାର ଆଣିବା ପାଇଁ ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି। ସମାବେଶରେ ଲୋକ ସଭା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରା ଓ ସୁକିନ୍ଦା ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ବଳସାମନ୍ତ ମଙ୍ଗଳପୁରଠାରୁ ବାହାରି ଏକ ବାଇକ୍ ରାଲିରେ ଆସି ସଭାରେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ନବରଙ୍ଗପୁର ବିଧାୟକ ପ୍ରାର୍ଥୀ ଗୌରୀଶଙ୍କର ମାଝି ପ୍ରମୁଖ ଯୋଗଦେଇ ଖଣି ଖାଦାନ ଭରା ସୁକିନ୍ଦା ଅଞ୍ଚଳରେ ରାସ୍ତା ଘାଟ ଦେଖିଲେ ଲାଗୁନି ଯେ, ବିକାଶ ଟିକେବି ଧାର ଧରିନି। ଏବେ ସମୟ ଆସିଛି ତା'ର ଜବାବ ଭୋଟ ମାଧ୍ୟମରେ ଦେବାକୁ ବୋଲି ବକ୍ତବ୍ୟ ରଖିଥିଲେ। ସୁକିନ୍ଦା ନିର୍ବାଚନମଣ୍ଡଳୀ ଭାଜପା ପ୍ରଭାରୀ ଦୀପ୍ତିରେଖା ମିଶ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ରବୀନ୍ଦ୍ର ପୁହାଣ, ଅମଳେନ୍ଦୁ ବେହୁରା, ପୁଷ୍ପକ ମହାପାତ୍ର, ସତ୍ୟଜିତ ଦାସ ଓ ମନ୍ଦାକିନୀ ସେଠୀ ପ୍ରମୁଖ ଏହି ସମାବେଶରେ ଉପସ୍ଥିତ ଥିଲେ।

# ଯୁବପିଢ଼ିଙ୍କୁ ସଶକ୍ତ କରି ନବୀନ ନୂଆ ଓଡ଼ିଶା ଗଢ଼ିବେ: ପାଣ୍ଡିଆନ

**ଭଦ୍ରକ(ସନାତନ ରାଉତ)/ବନ୍ତ(ହରିନାରାୟଣ ମହାନ୍ତି)/ଖଇରା(ଉତ୍କଳବନ୍ଧୁ ପଣ୍ଡା)/ବାହାନଗା(ଅରୂପ୍ କୁମାର ଦାସ), ୩୦।୫**

ଲୋକଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ଯୁବଶକ୍ତିଙ୍କୁ ସଶକ୍ତ କରି ନୂଆ ଓଡ଼ିଶା ଗଢ଼ିବେ। ଓଡ଼ିଶାର ବିକାଶ ପାଇଁ ବିଜେଡିକୁ ବାଛନ୍ତୁ ବୋଲି ଗୁରୁବାର ଭଦ୍ରକ ସଂସଦୀୟ କ୍ଷେତ୍ରର ବନ୍ତ, ବାଲେଶ୍ୱର ଜିଲା ବାହାନଗା ଓ ଖଇରା ବ୍ଲକରେ ଆୟୋଜିତ ସମାବେଶରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

ବନ୍ତସ୍ଥିତ ଗଭରପୁର ପଡ଼ିଆରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ପାଣ୍ଡିଆନ କହିଛନ୍ତି, ଯୁବପିଢ଼ିଙ୍କ ପାଇଁ ଆମ ମୁଖ୍ୟମନ୍ତ୍ରୀ ବହୁ କାମ କରିଛନ୍ତି। ସ୍କୁଲ ଓ କଲେଜକୁ ୫-ଟି ରୂପାନ୍ତରୀକରଣ ସହ ନୂଆ-ଓ ଯୋଜନାରେ ୯୮ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଦେଉଛନ୍ତି। ଅପରପକ୍ଷେ ଭାଜପାକୁ ଟାର୍ଗେଟ କରି ସେ କେନ୍ଦ୍ର ସରକାର ପେଟ୍ରୋଲ, ଗ୍ୟାସ୍ ଓ କିରୋସିନ ଦରକୁ କମାଇ ପାରିନାହାନ୍ତି। ଏପଟେ ନବୀନ ବାବୁ ଆପଣମାନଙ୍କ ବୋଝକୁ କମାଉଥିବା ବେଳେ ଭାଜପା ସରକାର ଅଧିକ ଲଦି ଚାଲିଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ସମ୍ମିଳନୀରେ ଯୋଗଦେଇ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଏବଂ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେବାକୁ ନିବେଦନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ଇଂ. ପ୍ରଣୀତକାନ୍ତି ସାମଲ, ରାଜ୍ୟ ଯୁବ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ତସ୍ଥିତ ଗଭରପୁର ପଡ଼ିଆରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ସହ ପ୍ରାର୍ଥୀମାନେ।

ସୋର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବାହାନଗା ବ୍ଲକ ଚିତ୍ତଳ ପଞ୍ଚାୟତ ପୋରାଢିଆ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ପାଣ୍ଡିଆନ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ନିବେଦନ କରିଥିଲେ। ସଭାରେ ଭଦ୍ରକ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ସୋର ବିଧାୟକ ପ୍ରାର୍ଥୀ ମାଧବ ଧଡା ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଖଇରା ବ୍ଲକ ପତିରାଜପୁର ମେଳନ ପଡ଼ିଆରେ ଆୟୋଜିତ ସଭାରେ ପାଣ୍ଡିଆନ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ଓ ବିଧାୟିକା ପ୍ରାର୍ଥିନୀ ଭାବେ ସୁବାସିନୀ ସାହୁଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହାଦ୍ୱାରା ବର୍ତ୍ତମାନର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମ୍ମାନ ରହିବ ବୋଲି ପାଣ୍ଡିଆନ କହିଥିଲେ। ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ମହିଳା ସଭାପତି ଜୟନ୍ତୀ ମହଲା, ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ସୁଷମା ମହାପାତ୍ର, ରାଜ୍ୟ ମାନବ ସମ୍ବଳ ସଂସ୍କୃତି ବିଭାଗ ସମ୍ପାଦକ ଶଶିକୁମାର ସାହୁ ପ୍ରମୁଖ ବିଜେଡି ସରକାରର ୨୪ବର୍ଷ ବିକାଶ ବଖାଣିଥିଲେ। ପ୍ରଥମେ ପାଣ୍ଡିଆନ ହେଲିକପ୍ଟରରୁ ଓହ୍ଲାଇ ସମାବେଶସ୍ଥଳକୁ ଆସି ମହିଳା, ଯୁବତୀ ଓ ଯୁବକମାନଙ୍କ ସହ ସେଲ୍ଫି ନେଇଥିଲେ। ତେବେ ବିଧାୟକ ଟିକେଟରୁ ବଞ୍ଚିତ ହୋଇଥିବା ବର୍ତ୍ତମାନର ଜିଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମଞ୍ଚରେ ଅନୁପସ୍ଥିତ ରହିବା ତାଙ୍କ ସମର୍ଥକଙ୍କୁ କିଛି ପରିମାଣରେ ନିରାଶ କରିବା ନେଇ ଚର୍ଚ୍ଚା ହୋଇଥିଲା।

# ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତିଙ୍କୁ ଆକ୍ରମଣ



ସୁଜିତ୍ ସିଂ



ଅଭିଲାଷ ପଣ୍ଡା



ଜ୍ଞାନରଞ୍ଜନ ନାୟକ

**ଚାନ୍ଦବାଲି/ବାସୁଦେବପୁର,୩୦।୫ (କିଷାନ ପାତ୍ର/ ନାରାୟଣ ପ୍ରସାଦ ବାରିକ୍)**

**୪ ଆହତ ଡାକ୍ତରଖାନାରେ ଭର୍ତ୍ତି**

ଭଦ୍ରକ ଜିଲା ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସା ବଢ଼ି ଚାଲିଛି। ଦୁଇଦିନ ତଳେ ଘଣ୍ଟେଶ୍ୱରର ତୋଟାପଡ଼ା ଛକରେ ଭାଜପାର ଗଞ୍ଜାମ ଜିଲା ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଗୁରୁବାର ଅପରାହ୍ଣରେ ଧାମରା କରଞ୍ଜମାଳ ପଞ୍ଚାୟତର ଧାନକୁଟା ଛକ ନିକଟରେ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ସହ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଜିତ୍ ସିଂ, ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ ଓ ଯୁବମୋର୍ଚ୍ଚା କର୍ମୀ ଜ୍ଞାନରଞ୍ଜନ ନାୟକଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଅଭିଲାଷ ଓ ସୁଜିତ୍‌ଙ୍କ ମୁଣ୍ଡ ଫାଟିଥିବା ବେଳେ ସମସ୍ତ ଆହତଙ୍କୁ ପ୍ରଥମେ ଧାମରା ଓ ପରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବିଜେଡି କର୍ମୀମାନେ ଆକ୍ରମଣ କରିଥିବା ଅଭିଯୋଗ ଆଣି ସେମାନଙ୍କୁ ଗିରଫ ଦାବିରେ ଭାଜପା କର୍ମୀଙ୍କ ପକ୍ଷରୁ କରଞ୍ଜମାଳ ଛକରେ ରାସ୍ତାରୋକୋ କରାଯାଇଥିଲା।

## ଭାଜପା ଯୁବମୋର୍ଚ୍ଚା ସଭାପତି ଭୋଟରଙ୍କୁ ଟଙ୍କା ବାଣ୍ଟୁଛନ୍ତି: ବିଜେଡି

**ଭୁବନେଶ୍ୱର,୩୦।୫(ଅନିଲଦାସ)**

**ସିଇଓଙ୍କୁ ଫେରାଦ ହେଲା ପ୍ରତିନିଧି ଦଳ**

ରାଜ୍ୟ ଭାଜପା ଯୁବ ସଭାପତି ଓ ତାଙ୍କ ସହଯୋଗୀ ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ କରଞ୍ଜମାଳ ପଞ୍ଚାୟତରେ ଭୋଟରଙ୍କୁ ଟଙ୍କା ବାଣ୍ଟୁଛନ୍ତି। ନିଜ ଦଳ ସପକ୍ଷରେ ଭୋଟରଙ୍କୁ ପ୍ରଲୋଭିତ କରୁଛନ୍ତି। ଯାହାକି ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରୁଛି। ଏ ନେଇ ବିଜେଡିର ଏକ ପ୍ରତିନିଧି ଦଳ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ରାଜ୍ୟ ଯୁବ ସଭାପତି ଓ ତାଙ୍କ ସହଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି।

# ନିର୍ବାଚନ ପରିଚାଳନାରେ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଲା ଭାଜପା

**ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)**

**୧୦ରେ ଭାଜପାର ଶପଥ ଗ୍ରହଣ ସମାରୋହ-ସମ୍ବିତ**

୨୦୨୪ ସାଧାରଣ ନିର୍ବାଚନ ପାଇଁ ଶେଷ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଶେଷ ହୋଇଛି। ରାଜ୍ୟବାସୀଙ୍କ ଆଶୀର୍ବାଦ, ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ଓ ଶୁଭେଚ୍ଛୁଙ୍କର ସହଯୋଗ ପାଇଁ 'ଓଡ଼ିଶାରେ ଭାଜପା ସରକାର ଗଠନ' ସୁନିଶ୍ଚିତ। ୨୦୧୯ରେ ସାଢ଼େ ୪ କୋଟି ଓଡ଼ିଆ ଭାଜପାକୁ ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବାର ସୁଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୦ ବର୍ଷ ଭିତରେ ଓଡ଼ିଶାର ବିକାଶ ପାଇଁ ସର୍ବଦା ସହଯୋଗ କରିଆସିଛନ୍ତି। ପ୍ରାକୃତିକ ଦୁର୍ବିପାକ ଫନୀ, ଫାଇଲିନ୍, ୟସ୍ ସମୟରେ ମୋଦି ଓଡ଼ିଶାବାସୀଙ୍କ ସହ ଛିଡା ହୋଇଛନ୍ତି। ରାଜ୍ୟ ସରକାର କେନ୍ଦ୍ର ବିରୋଧ ଅବହେଳାର ଅଭିଯୋଗ କରିବାର ସୁଯୋଗ ପାଇଲେ ନାହିଁ। ନିର୍ବାଚନୀ ପ୍ରଚାରଠାରୁ ଆରମ୍ଭକରି ଅନ୍ୟ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିବା ସମସ୍ତଙ୍କୁ ନିର୍ବାଚନ ସଞ୍ଚାଳନ ସମିତି ମୁଖ୍ୟ ସମୀର ମହାନ୍ତି କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ସରିଛି। ଆସନ୍ତା ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ଭାଜପାକୁ ଜନତା ବହୁମାତ୍ରାରେ ଜନସମର୍ଥନ କରିବେ। ଭାଜପା ସରକାରକୁ ଆସିଲେ ମହିଳା, ଯୁବକ, କୃଷକଙ୍କ ବିକାଶ କରିବ ବୋଲି ସଂକଳ୍ପପତ୍ରରେ ଉଲ୍ଲେଖ କରାଯାଇଛି। ମୋଦି ଯାହା କୁହନ୍ତି ତାହା କରିଦେଖାନ୍ତି। ହେଲେ ରାଜ୍ୟ ସରକାର ସମସ୍ତ ଟଙ୍କା ଖର୍ଚ୍ଚ କରିବାରେ ବିଫଳ ହୋଇଥିବା ସମୀର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ୨୦୧୪ରେ ନରେନ୍ଦ୍ର ମୋଦି ଭାରତବର୍ଷର ପ୍ରଧାନମନ୍ତ୍ରୀ ହେବାପରେ ଭାରତୀୟ ରାଜନୀତିର ଚରିତ୍ର, ପରିଭାଷାକୁ ବଦଳାଇ ଦେଇଛନ୍ତି। ମିଥ୍ୟା ପ୍ରଚାର, ଜାତିଭିତ୍ତିକ ରାଜନୀତି, ତୁଷ୍ଟୀକରଣ ଓ ପରିବାରବାଦର ରାଜନୀତିକୁ ସମୂଳେ ଧ୍ୱଂସ କରି ଦେଇଛନ୍ତି। ଆମେ ସେହି ମୋଦିଙ୍କ ସହ ଛିଡ଼ାହେବା। ଆସନ୍ତା ଜୁନ୍ ୧୦ରେ ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ରାଜ୍ୟବାସୀଙ୍କୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ଦିନେ ଛତିଶଗଡ଼ରେ ସରକାର ହେବ କେହି ବିଶ୍ୱାସ କରୁ ନ ଥିଲେ। କିନ୍ତୁ ମୋଦି ବିଶ୍ୱାସ ଦେଇଥିଲେ। ଛତିଶଗଡ଼ରେ ସରକାର ହେଲା ଓଡ଼ିଶାରେ ମଧ୍ୟ ଭାଜପା ସରକାର କରିବ ବୋଲି ସମ୍ବିତ କହିଛନ୍ତି।



ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଓ ଅନ୍ୟମାନେ।

# ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ସୁଧାଂଶୁ

**ବାଲେଶ୍ୱର, ୩୦।୫(ମାନସ ବିଶ୍ୱାଳ)**

ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ବିଜେଡି ପ୍ରାର୍ଥିନୀଙ୍କୁ ସମର୍ଥନ କରିବା ସହ ଗୁରୁବାର ପୂର୍ବାହ୍ଣରେ ସେମାନଙ୍କ ପାଇଁ ମିଳିତ ଭାବେ ପ୍ରଚାର କରିଛନ୍ତି। ଗତ ମଙ୍ଗଳବାର ପ୍ରଚାରରେ ଆସିଥିବା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଚାନ୍ଦିପୁରରେ ରାତ୍ରଯାପନ କରିଥିଲେ। ବୁଧବାର ବିଧାୟକ ସୁଧାଂଶୁ ପରିଡ଼ାଙ୍କୁ ଡକାଇ ବୁଝାଶୁଝା କରିଥିଲେ। ସେଦିନ ଅପରାହ୍ଣରେ ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରେମୁଣା ବିଧାୟକ ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଳିକଙ୍କ ସହ କିଛି କର୍ମୀ ଗୋପାଳଗାଁସ୍ଥିତ ବିଧାୟକ ସୁଧାଂଶୁଙ୍କ ବାସଭବନରେ ପହଞ୍ଚି ଆଲୋଚନା କରି ତାଙ୍କୁ ମନାଇଥିଲେ। ତେବେ ଗୁରୁବାର ଶେରଗଡ଼, ପଞ୍ଚାଗଡ଼ ସମେତ ରେମୁଣାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମାରାଥନ୍ ପ୍ରଚାର ମାଧ୍ୟମରେ ସାମୂହିକ ସ୍ୱାର୍ଥ ପାଇଁ ବିଧାୟକ ପ୍ରାର୍ଥିନୀ ବିଦ୍ୟାସ୍ମିତା ଓ ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଭୋଟ୍ ଦେବା ପାଇଁ ସୁଧାଂଶୁ ନିବେଦନ କରିଥିଲେ।



ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରୁଛନ୍ତି ବିଧାୟକ ସୁଧାଂଶୁ ଶେଖର ପରିଡ଼ା।

ଚଳିତ ନିର୍ବାଚନରେ ସୁଧାଂଶୁଙ୍କୁ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ବିଧାୟକ ସୁଧାଂଶୁଙ୍କ କହିଛନ୍ତି, ରେମୁଣାରେ ବିଧାୟକ ଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ବିକାଶମୂଳକ କାମ ହୋଇଛି। ରେମୁଣାରେ ଅଧା ରହିଥିବା ବିକାଶମୂଳକ କାମ ଠପ୍ ହୋଇଯିବ। ତେଣୁ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏବେ ବିଜେଡି ପ୍ରାର୍ଥିନୀଙ୍କୁ ସମର୍ଥନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

# ବଡ଼ଚଣା: ନିର୍ଣ୍ଣାୟକ ଭୂମିକା ନେବେ ନୀରବ ଭୋଟର

**ଚଣ୍ଡିଖୋଲ,୩୦।୫(ପ୍ରଦୀପ୍ତ କୁମାର ପୃଷ୍ଟି)**

ମତଦାନ ସମୟ ପାଖେଇ ଆସୁଥିଲେ ମଧ୍ୟ ବଡ଼ଚଣା ବିଧାନସଭା ନିର୍ବାଚନ କ୍ଷେତ୍ରରେ ସେତେ ଉଷ୍ମତା ଦେଖା ଯାଉନାହିଁ। କେବଳ କେତେକ ସଭା ସମିତିକୁ ଛାଡ଼ିଦେଲେ ଗ୍ରାମାଞ୍ଚଳରେ ପୂର୍ବ ଭଳି ଉତ୍ସାହ ଉନ୍ମାଦନା ଦେଖିବାକୁ ମିଳୁନାହିଁ। ଏପରିକି ପୂର୍ବ ନିର୍ବାଚନଗୁଡିକରେ ଗ୍ରାମାଞ୍ଚଳ ହେଉ ଅବା ସହରାଞ୍ଚଳ ସବୁଠି ପୋଷ୍ଟର ଓ ବ୍ୟାନରର ଯେଉଁ ପ୍ରତିଯୋଗିତା ବିଭିନ୍ନ ଦଳ ମଧ୍ୟରେ ଦେଖିବାକୁ ମିଳେ, ତାହା ସେଭଳି ଦିଶୁନାହିଁ। ମାଇକ୍‌ପ୍ରଚାର ଓ ପ୍ରସାର ମଧ୍ୟ ସେପରି ଆଖି ଦୃଶିଆ ହୋଇନାହିଁ। ବିଭିନ୍ନ ଦଳର କର୍ମୀ ଓ ଭୋଟରଙ୍କ ମଧ୍ୟରେ ନୀରବତା ଯୋଗୁ ଏହି ଭୋଟ ନିର୍ଣ୍ଣାୟକ ହେବ ବୋଲି ଜଣାପଡୁଛି।

ବଡ଼ଚଣା ବିଧାନସଭା କ୍ଷେତ୍ରରେ ରହିଛନ୍ତି ୧ ଲକ୍ଷ ୯୩ ହଜାର ୨୩୫ ଭୋଟର। ସେଥିମଧ୍ୟରୁ ମହିଳା ଭୋଟର ୯୪ ହଜାର ୪୩୮ ଥିବାବେଳେ ପୁରୁଷ ଭୋଟର ୯୮ ହଜାର ୭୯୨। ତୃତୀୟ ଲିଙ୍ଗୀ ଭୋଟର ୫ ଜଣ ରହିଛନ୍ତି। ନୂତନଭାବେ ୪ ହଜାର ୨୦୬ ଭୋଟର ସାମିଲ ହୋଇଛନ୍ତି। ଏହି ବିଧାନସଭା କ୍ଷେତ୍ରରୁ ବିଜୁ ଜନତା ଦଳ ନୂତନ ପ୍ରାର୍ଥୀ ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରିଛି। ଭାରତୀୟ ଜନତା ପାର୍ଟି ଗତ ଥରର ପ୍ରାର୍ଥୀ ଅମର ନାୟକଙ୍କୁ ପୁନର୍ବାର ପ୍ରାର୍ଥୀ କରିଛି। ସେହିଭଳି କଂଗ୍ରେସ ଅଜୟ କୁମାର ସାମଲଙ୍କୁ ରିପିଟ କରିଛି। ଏଠାରୁ ୬ ଥର ନିର୍ବାଚିତ ହୋଇଥିବା ଅମର ପ୍ରସାଦ ଶତପଥୀଙ୍କୁ ବିଜେଡି ଏଥର ଟିକେଟ ଦେଇନାହିଁ। ଦୀର୍ଘ ବର୍ଷ ଧରି ବାରମ୍ବାର ନିର୍ବାଚିତ ହୋଇ ଆସୁଥିବା ଅମର ଟିକେଟରୁ ବାଦ ପଡ଼ିବା ପରେ ସେ ସମ୍ପୂର୍ଣ୍ଣ ନୀରବ ହୋଇ ଯାଇଛନ୍ତି। ସେଥିପାଇଁ କେତେଜଣ କର୍ମୀଙ୍କ ମଧ୍ୟରେ ଉତ୍ସାହ କମ ଦେଖାଯାଉଛି।



ଅଜୟ କୁମାର ସାମଲ



ବର୍ଷା ପ୍ରିୟଦର୍ଶିନୀ



ଅମର ନାୟକ

୨୦୧୯ରେ ଏଠାରୁ ଅମର ପ୍ରସାଦ ଶତପଥୀ ୬୪ ହଜାର ୮୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅମର ନାୟକ ୬୨ ହଜାର ୫୯୯ ଭୋଟ ପାଇଥିଲେ। ସେ ମାତ୍ର ୧୪ଶହ ୮୫ ଖଣ୍ଡ ଭୋଟରେ ହାରି ଯାଇଥିଲେ। ଏଠାରୁ କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ସାମଲ ୯ ହଜାର ୩୨୨ ଖଣ୍ଡ ଭୋଟ ପାଇ ଅମାନତ ହରାଇଥିଲେ। ସେହିଭଳି ପ୍ରତିଦ୍ୱନ୍ଦ୍ୱିତା କରିଥିବା ୪ ଜଣ ସ୍ୱାଧୀନ ପ୍ରାର୍ଥୀ ୫ ଶହ ଭୋଟ ଅତିକ୍ରମ କରି ନ ଥିଲେ। ଚଳିତ ଥର ବିଜେଡି ଓ ଭାଜପା ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ବିଜେଡି ପକ୍ଷରୁ କାର୍ତ୍ତିକ ପଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦୁଇଟି ସଭା କରିଥିବାବେଳେ ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସି ଦୁଇଟି ସଭା କରି ଫେରି ଯାଇଛନ୍ତି। ଶେଷ ଦିନରେ ରୋଡ ଶୋ' ମାଧ୍ୟମରେ ଭାଜପା ତା'ର ପ୍ରଚାର କରିଛି। ଏଠାରେ ଜୁନ ୧ରେ ଭୋଟ ହେବାକୁ ଥିବା ବେଳେ ଦଳୀୟ କର୍ମୀ ଓ ଭୋଟରଙ୍କ ମଧ୍ୟରେ ସେଭଳି ଉତ୍ସାହ ଦେଖିବାକୁ ମିଳୁନାହିଁ।

**ସଂକ୍ଷେପରେ**

### ନିଶାସକ୍ତ ହୋଇ ବୋହୂ ସହ କଳି କରିବା ହେଲା କାଳ

## ପୁଅ ଟାଙ୍ଗିଆ ଚୋଟରେ ବାପା ମୃତ

ଫୁଲବାଣୀ/ଖଜୁରିପଡ଼ା,୩୦।୫ (ରାକେଶ ରାଉତ/ବିଦୁର ବେହେରା)

କନ୍ଧମାଳ ଜିଲ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଡ୍ରୁକୁମ୍ପା ଫାଣ୍ଡି ଅଧୀନ କାକେନ୍ଦ୍ରି ଗାଁରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ହୋଇ ବୋହୂ ସହ ପାଟିଗୋଳ କରୁଥିଲେ ଶ୍ୱଶୁର। ପୁଅ ପ୍ରତିବାଦ କରିବାରୁ ତାଙ୍କୁ ହାଣିବାକୁ ଗଲାବେଳେ ଓଲଟା ପଡ଼ିଗଲା ପ୍ରହାର। ପୁଅର ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାରୁଣୀ ଗଣ୍ଡା। କାକେନ୍ଦ୍ରି ଗାଁର ବାରୁଣୀ ବୁଧବାର ରାତିରେ ନିଶାସକ୍ତ ହୋଇ ନିଜ ବୋହୂ ସାଙ୍ଗରେ ପାଟିତୁଣ୍ଡ କରିଥିଲେ । ଏହାକୁ ବାରୁଣୀଙ୍କ ପୁଅ ରୋହିତ ପ୍ରତିବାଦ କରିଥିଲେ। ଏଥିରେ ବାରୁଣୀ ରାଗିଯାଇ ରୋହିତ ଗଣ୍ଡାଙ୍କୁ ଏକ ଧାରୁଆ ଟାଙ୍ଗିଆରେ ହାଣିବା ପାଇଁ ଗୋଡ଼ାଇ ଥିଲେ। ଗୋଡାଗୋଡି ଭିତରେ ରୋହିତ ଟାଙ୍ଗିଆକୁ ଛଡାଇ ନେଇ ସେହି ଟାଙ୍ଗିଆରେ ବାପାଙ୍କୁ ହାଣି ପକାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ବାରୁଣୀଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ରୋହିତ ଗଣ୍ଡା ଫେରାର ହୋଇଯାଇଥିଲେ। ଏ ନେଇ ମୃତକଙ୍କ ଝିଅ କଳ୍ପନା ତାଙ୍କ ବାପାଙ୍କୁ ରୋହିତ ହତ୍ୟା କରିଥିବା ନେଇ ଫୁଲବାଣୀ ସଦର ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମେଡିକାଲ ପଠାଇଛି । ଏ ନେଇ ନଂ. ୯୬/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଫୁଲବାଣୀ,୩୦।୫ (ରାକେଶ କୁମାର ରାଉତ)

ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକରେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେବାପରେ ଉଭୟେ ବିଷ ପିଇ ଦେଇଛନ୍ତି । ଏଥିରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମୃତ ମହିଳା ହେଲେ ବିଲୁରୀ ଗାଁର ସୁଶାନ୍ତ କହଁରଙ୍କ ସ୍ତ୍ରୀ ପାନୁରି। ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଧୀନ ପକାରୀ ପଂଚାୟତ ବିଲୁରୀ ଗାଁର ସୁଶାନ୍ତ ଓ ସ୍ତ୍ରୀ ପାନୁରିଙ୍କ ମଧ୍ୟରେ ଘରୋଇ କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଅତିଷ୍ଠ ହୋଇ ଉଭୟ ବିଷ ପିଇ ଦେଇଥିଲେ । ଘଟଣା ଜଣା ପଡିବା ପରେ ପଡୋଶୀ ଏକ ଅଟୋ ଭଡା କରି ଉଭୟଙ୍କୁ ପ୍ରଥମେ ବାଲନ୍ଦାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀ ପାନୁରିଙ୍କ ମୃତ୍ୟୁ ହୋଇଥିଲା। ଗୋଛାପଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠେଇଛି। ଏ ନେଇ ଗୋଛାପଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ରାଜସ୍ୱ ନିରୀକ୍ଷକଙ୍କୁ ଅଟକରଖିଲେ ଗ୍ରାମବାସୀ



ଅଟକ ଆର୍‌ଆଇଙ୍କୁ ଛାଡିବା ପାଇଁ ପୋଲିସ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛି।



ଅନକାବାଡ଼ି ଗ୍ରାମବାସୀ ତହସିଲ ଅଫିସ ଘେରାଉ କରିଛନ୍ତି।

**ଆନ୍ଧ୍ର ବ୍ୟବସାୟୀଙ୍କ ଅକ୍ତିଆରରେ ମଶାଣି ଜମି**

ରାୟଗଡ଼ା, ୩୦।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ ଅନକାବାଡି ଗ୍ରାମରେ ଥିବା ମଶାଣି ଜମିକୁ ନେଇ ସୃଷ୍ଟି ହୋଇଛି ବିବାଦ। ଆନ୍ଧ୍ରପ୍ରଦେଶର ଜଣେ ଜମି ବ୍ୟବସାୟୀ ମଶାଣି ଜମିକୁ କବ୍‌ଜା କରିଥିବାରୁ ଗ୍ରାମବାସୀ ଏହାକୁ ଦୃଢ଼ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଗ୍ରାମବାସୀ ଗୁରୁବାର କୋଲନରା ରାଜସ୍ୱ ନିରୀକ୍ଷକ ସସ୍ମିତା ମିଶ୍ରଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟାଳୟରେ ଅଟକ ରଖିଥିଲେ। ଖବରପାଇ ପୋଲିସ ପହଞ୍ଚି ରାଜସ୍ୱ ନୀରିକ୍ଷକଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।

ଅନକାବାଡି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁ ନିକଟସ୍ଥ ଏକ ମଶାଣି ଜମିକୁ ଆନ୍ଧ୍ରପ୍ରଦେଶର ଜଣେ ବ୍ୟବସାୟୀ ନିଜ ଜମିରେ ମିଶେଇ ଦେଇଛନ୍ତି। ଏ ନେଇ ଗ୍ରାମବାସୀ ଓ ଆନ୍ଧ୍ର ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ କୋଲନରା ରାଜସ୍ୱ ନିରୀକ୍ଷକ ସସ୍ମିତା ମିଶ୍ର ଗତ ୨୦ ତାରିଖରେ ଉଭୟ ପକ୍ଷଙ୍କୁ ଏକ ନୋଟିସ ଜାରି କରିଥିଲେ। ଏହି ସମୟରେ ଅନକାବାଡି ଗ୍ରାମବାସୀ ଅନୁପସ୍ଥିତ ରହିଥିବାରୁ ପରଦିନ ସେହି ଜମିରେ ଚୂନ ପକାଇ ଚିହ୍ନଟ କରିଥିଲେ ରାଜସ୍ୱ ନିରୀକ୍ଷକ। ତେଣୁ ଗ୍ରାମବାସୀ ଏକତ୍ରିତ ହୋଇ ରାଜସ୍ୱ ନିରୀକ୍ଷକଙ୍କୁ କାର୍ଯ୍ୟାଳୟରେ ଘେରାଉକରି ଅଟକ ରଖିଥିଲେ। ଖବରପାଇ ତହସିଲ କର୍ତ୍ତୃପକ୍ଷ ଚାନ୍ଦିଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ୧ ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ତହସିଲଦାର କହିବା ପରେ ଗ୍ରାମବାସୀ ସେଠାରୁ ଫେରିଥିଲେ। ତେବେ ଯଦି ମଶାଣି ଜମି ଆନ୍ଧ୍ରପ୍ରଦେଶ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଏ ତେବେ ବଡଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଇଲେକ୍ଟ୍ରି ଅଫିସ୍ ଘେରାଉକଲେ ଲୋକେ

ରାୟଗଡ଼ା,୩୦।୫(ଆଶିଷ ରଞ୍ଜନ ପଣ୍ଡା)

**ଅସହ୍ୟ ଗରମରେ ଅଘୋଷିତ ବିଦ୍ୟୁତ୍ କାଟ୍‌ର ପ୍ରତିବାଦ**

ରାୟଗଡ଼ାରେ ଗତ ୩ ଦିନ ହେଲା ଅସହ୍ୟ ଗରମ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଥିବାବେଳେ ଟାଟା ପାୱାର ସାଉଥ ଡିଭିଜନ ପକ୍ଷରୁ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ଯନ୍ତ୍ରଣା ଆହୁରି ବଢ଼ାଇ ଦେଇଛି। ସହରର ରାଣୀଗୁଡା ଅଞ୍ଚଳରେ ବୁଧବାର ରାତି ୮ଟାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ପ୍ରାୟ ୪ ଘଣ୍ଟା ବିଦ୍ୟୁତ୍‌କାଟ ହେବାରୁ ଗରମରେ ଲୋକ ଛଟପଟ ହୋଇପଡ଼ିଥିଲେ। ସ୍ଥିତି ଅସମ୍ଭାଳ ହେବାରୁ ରାତି ପ୍ରାୟ ୧ଟା ସମୟରେ ଉତ୍ତ୍ୟକ୍ତ ଲୋକ ଘରୁ ବାହାରି ପ୍ରତିବାଦ କରିବା ସହ ସ୍ଥାନୀୟ ଫ୍ୟୁଜିକାଲ ଅଫିସ ଘେରାଉ କରି ପାଟିତୁଣ୍ଡ କରିଥିଲେ । ଏହାପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା ।

ଗତ କିଛିଦିନ ହେଲା ସହରରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଲାଣି । ଏହା ଅଞ୍ଚଳରେ ଏକ ରେକର୍ଡ ବୋଲି କୁହାଯାଇଛି । ଖରା ଯୋଗୁ ଦିନ ୧୧ଟାରୁ ଅପରାହ୍ନ ୩ ପର୍ଯ୍ୟନ୍ତ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଗୁଳୁଗୁଳି ଯୋଗୁ ପିଲାଠୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବିଦ୍ୟୁତ୍‌କାଟ ଯୋଗୁ ପାନୀୟ ଜଳ ଯୋଗାଣ ମଧ୍ୟ ଠିକ୍ ଭାବେ ହୋଇପାରୁ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ଅସହ୍ୟ ଗରମ ଯୋଗୁ କେବଳ ମଣିଷ ନୁହଁ, ପଶୁପକ୍ଷୀ ମଧ୍ୟ ପ୍ରଭାବିତ ହେଉଛନ୍ତି । ଅନ୍ୟପଟେ କୌଣସି ପୂର୍ବ ସୂଚନା ନ ଥାଇ ଟାଟା ପାୱାର ପକ୍ଷରୁ ଦିନଠୁ ରାତି ମଧ୍ୟରେ ୩ ରୁ ୪ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। କେବଳ ରାୟଗଡା ସହର ନୁହେଁ କୋଲନରା, ଥେରୁବାଲି, ବିଷମକଟକ, କଲ୍ୟାଣସିଂହପୁର, ଜେମାଦେଇପେଣ୍ଠ, ପିପଲଗୁଡା ଭଳି ଗ୍ରାମାଞ୍ଚଳ ଫିଡରରେ ମଧ୍ୟ ସମାନ ଅବସ୍ଥା ନଜରକୁ ଆସିଛି। ଗାଁମାନଙ୍କରେ ବିଦ୍ୟୁତ୍‌କାଟ୍ ହେଲେ ଆସିବାର ନାମ ନେଉନାହିଁ ବୋଲି ଅଭିଯୋଗ ହୋଇଛି । ତେଣୁ ଟାଟା ପାୱାର କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନଦେଇ ବିଦ୍ୟୁତ୍ ସରବରାହ ଠିକ୍ ରଖିବା ପାଇଁ ସାଧାରଣରେ ଦାବି ହୋଇଛି ।

# ଅଙ୍ଗନୱାଡି କର୍ମୀ, ସହାୟିକାଙ୍କୁ ଗ୍ରୀଷ୍ମକାଳୀନ ଛୁଟି ପାଇଁ ଦାବିପତ୍ର

ରାୟଗଡ଼ା,୩୦।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଗ୍ରୀଷ୍ମକାଳୀନ ଛୁଟି ପ୍ରଦାନ ଦାବିରେ ଜିଲାପାଳ ଏବଂ ଜିଲା ସାମାଜିକ ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଯାଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କସ ଆସୋସିଏଶନ ପକ୍ଷରୁ ଏହି ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି ଗ୍ରହଣ କରିଛନ୍ତି। ଭାରତୀୟ ମଜଦୁର ସଂଘ ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଏବଂ ରାୟଗଡ଼ା ଜିଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଆସୋସିଏଶନ ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ରାୟଗଡ଼ା ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବା ଦୃଷ୍ଟିରୁ ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଛୋଟ ଛୁଆମାନେ ସକାଳ ୬ ରୁ ପ୍ରାକ୍ ବିଦ୍ୟାଳୟକୁ ଆସୁନାହାନ୍ତି। ଏପରିକି କିଛି ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ଯୋଗାଣ ମଧ୍ୟ ନାହିଁ। ତେଣୁ ଅଙ୍ଗନୱାଡି ସଂଘର ଅନୁରୋଧକ୍ରମେ ସମସ୍ତ ହିତାଧିକାରୀଙ୍କ ଘରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଖୋଲିବା ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଅମ୍ବିକା ନୀଳଗିରି , କେ.ନୀଳାଦ୍ରି , ମୋହିନୀ ପାଲାକା, ଜ୍ୟୋତ୍ସ୍ନା ଘଡାଇ ଓ ସ୍ନେହାଞ୍ଜଳି ମିଶ୍ରଙ୍କ ସହ ସମସ୍ତ ବ୍ଲକର ନେତୃବୃନ୍ଦ ଯୋଗଦେଇଥିଲେ। ପ୍ରକାଶ ଥାଉକି, ରାୟଗଡ଼ା ବ୍ଲକ୍ ଲୁମ୍ବେଷୁ ଗ୍ରାମର ଅଙ୍ଗନୱାଡି କର୍ମୀ ଗୁରୁବାର କେନ୍ଦ୍ରରୁ ଫେରୁଥିବା ସମୟରେ ଅଂଶୁଘାତର ଶିକାର ହୋଇ ଡାକ୍ତରୀ ଚିକିତ୍ସା କରିଥିବା ସୂଚନା ମିଳିଛି ।



ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି ଦାବିପତ୍ର ନେଉଛନ୍ତି।

## ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ

ଛତ୍ରପୁର ୩୦।୫ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ମହାନାଦପୁର ଗ୍ରାମର ମଲ୍ଲା ବେହେରାଙ୍କ ଘରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିପାଉଁଶ ହୋଇଯାଇଛି। ଘଟଣାରୁ ଜଣାପଡିଛି ଯେ, ମଲ୍ଲାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁବାର ସକାଳେ ଗ୍ୟାସରେ ରୋଷେଇ କରୁଥିବା ସମୟରେ ଗ୍ୟାସ ଲିକ ହୋଇ ନିଆଁ ଲାଗିଯାଇଥିଲା। ଏଥିରେ ସୁକାନ୍ତି ବେହେରାଙ୍କ ଶରୀରର କିଛି ଅଂଶ ପୋଡିଯାଇ ଆହତ ହୋଇଛନ୍ତି। ଏହାସହ ଘରର ଟିଭି, ଆସବାବପତ୍ର, ଲୁଗାପଟା, ଅଢେଇ ତୋଳା ସୁନା ଅଳଙ୍କାର ଓ ନଗଦ ଟଙ୍କା ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଛତ୍ରପୁର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମଲ୍ଲା ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଆଇନଜୀବୀଙ୍କ ଘରୁ ଚୋରି ଅଭିଯୋଗ

ପାତ୍ରପୁର, ୩୦।୫(ଉମାଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ପାତ୍ରପୁର ଗ୍ରାମର ଆଇନଜୀବୀ ତ୍ରିନାଥ ମହାନ୍ତିଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଜରଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ୬ଭରି ସୁନା, ପ୍ରାୟ ୭୦ହଜାର ଟଙ୍କା, ମୋବାଇଲ, ପେନ୍‌ଡ୍ରାଇଭ ଓ କୋର୍ଟର କିଛି ଆବଶ୍ୟକୀୟ କାଗଜ ପତ୍ର ଚୋରି ହୋଇଥିବା ଆଇନଜୀବୀ ଦର୍ଶାଇଛନ୍ତି। କୋର୍ଟ ନିକଟରେ ଥିବା ତାଙ୍କ ଘର ପଛପଟ ଝରକା ଭାଙ୍ଗି ଚୋରି ହୋଇଥିବା ବେଳେ ସକାଳୁ ପଡୋଶୀ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ସାଇଣ୍ଟିଫିକ ଟିମ ନେଇ ତଦନ୍ତ କରୁଥିବା ଜରଡା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି।

# କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ରାୟଗଡ଼ା,୩୦।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ରାମନାଗୁଡ଼ା ନିକଟସ୍ଥ ପାର୍ଲା ଗ୍ରାମ ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଅପରାହ୍ନରେ ଗୋଟିଏ କାର୍ ସହ ବାଇକ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ରାମନାଗୁଡ଼ାର ଜଣେ ବ୍ୟବସାୟୀ ଭେଙ୍କେଟ ସୁରେଶ। ମିଳିଥିବା ସୂଚନା ଅନୁଯାୟୀ ରାମନାଗୁଡ଼ାର ଯୁବ ବ୍ୟବସାୟୀ ଭେଙ୍କେଟ ସୁରେଶ ନିଜ ବାଇକ୍‌ରେ ସଉଦା ଧରି ନିକଟସ୍ଥ ଗ୍ରାମରେ ଥିବା ବିଭିନ୍ନ ଦୋକାନରେ ଦେଇଥାନ୍ତି। ନିଜ ବ୍ୟବସାୟ ସାରି ଘରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର ସହ ସୁରେଶଙ୍କ ସଉଦା ବୋଝେଇ ବାଇକ୍ ଧକ୍କା ହୋଇଥିଲା। ଫଳରେ ସେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାମନାଗୁଡ଼ା ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ଗୁଣପୁର ପଠେଇବା ସହ ଘଟଣାର ଅଧିକ ଅନୁସନ୍ଧାନ ଜାରି ରଖିଛି। ଯୁବ ବ୍ୟବସାୟୀଙ୍କ ମୃତ୍ୟୁରେ ରାମନାଗୁଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଝରଣା ନିକଟସ୍ଥ କୁଣ୍ଡରେ ପଡ଼ିଯାଇଥିବା ଗାଈ ଉଦ୍ଧାର



ଅଗ୍ନିଶମ ବାହିନୀ କର୍ମଚାରୀ ପାଣି କୁଣ୍ଡରୁ ଗାଈକୁ ଉଦ୍ଧାର କରୁଛନ୍ତି।

ଟିକିରି,୩୦।୫ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ତଳସାହି ନିକଟରେ ଥିବା ଏକ ଝରଣା ନିକଟସ୍ଥ କୁଣ୍ଡରୁ ଏକ ଗାଈ ପାଣି ପିଇବା ସମୟରେ କୁଣ୍ଡ ଭିତରେ ପଡ଼ିଯାଇଥିଲା। ଗାଈଟି କୁଣ୍ଡ ଭିତରେ ପଡ଼ିଯାଇଥିବାବେଳେ ବାହାରକୁ ଆସିବା ପାଇଁ ଛଟପଟ ହେଉଥିଲା। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଲୋକେ ଗାଈକୁ ପାଣିରୁ ଉଦ୍ଧାରକରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ କାଶୀପୁର ଅଗ୍ନିଶମ ବାହିନୀଙ୍କୁ ଫୋନ କରିଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସୁରକ୍ଷିତ ଅବସ୍ଥାରେ ଗାଈଟିକୁ ଉଦ୍ଧାର କରିଥିଲେ।

# କାଜୁ ଚୋରି ମାମଲାରେ ୨ ଗିରଫ

ଜୟପୁର, ୩୦।୫(ପବନ ପାଣିଗ୍ରାହୀ)

କାଜୁ ଚୋରି ମାମଲାରେ ୨ଜଣ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ସେମାନେ ହେଲେ ଅନ୍ତା ଗ୍ରାମର ଅରକ୍ଷିତ କମାର (୨୫) ଓ ଧନୁର୍ଜୟ ନାୟକ (୨୫)। ପୋଲିସ ସୂଚନାନୁଯାୟୀ ଜୟପୁର ଦାଶରୀ ସାହିର କେ. ଶିବ ପ୍ରସାଦଙ୍କ ଏକ କାଜୁ ମିଲ୍ ଅନ୍ତାରେ ଅଛି। ସେହି ମିଲ୍‌ରେ ୫୦ କେଜି ଲେଖାଏ ୬୨ ପ୍ୟାକେଟ କାଜୁ ରଖିଥିଲେ। ମିଲ୍‌କୁ ଜଣେ ସିକ୍ୟୁରିଟି ଗାର୍ଡ ଜଗୁଥିବାବେଳେ ସେ କୌଣସି କାରଣରୁ ଗାଁକୁ ଯାଇଥିଲେ। ଗାଁରୁ ଫେରି ଦେଖିବା ବେଳକୁ ମିଲ୍‌ରୁ କେତେକ କାଜୁ ପ୍ୟାକେଟ, ଗୋଟିଏ ଫ୍ୟାନ, ପମ୍ପ ନ ଥିଲା। ଏ ନେଇ ସେ କେ.ଶିବଙ୍କୁ ଖବର ଦେଇଥିଲେ। ଏହାପରେ କେ. ଶିବ ଗୁରୁବାର ଜୟପୁର ସଦର ଥାନାରେ ଏତଲା ଦେଇଥିଲେ। ୧୧ କାଜୁ ପ୍ୟାକେଟ କାଜୁ ଓ ଫ୍ୟାନ୍ ନ ଚୋରି ହୋଇଥିବା ନେଇ ତାଙ୍କ ଏତଲାରେ ଉଲ୍ଲେଖ ରହିଛି। ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ ୧୮୨/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରିରେ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ସେମାନଙ୍କୁ ଗିରଫ କରିଛି। ଏହି ମାମଲାରେ ଅନ୍ୟ କେତେଜଣଙ୍କ ହାତ ଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ୧୧ ପ୍ୟାକେଟ କାଜୁ ଓ ଗୋଟିଏ ଅଟୋ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ମୃତଦେହ ରଖି ରାସ୍ତା ଅବରୋଧ

ସୁନାବେଡ଼ା, ୩୦।୫(କୃତ୍ତିବାସ ପ୍ରଧାନ)

- ରାସ୍ତାକଡ଼ରେ ଛିଡ଼ା ହୋଇଥିବା ବୃଦ୍ଧଙ୍କୁ ଧକ୍କାଦେଲା ବାଇକ୍
- ଦୁର୍ଘଟଣାରେ ବୃଦ୍ଧ ମୃତ, ୨ ବାଇକ୍ ଆରୋହୀ ଗୁରୁତର

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ରାଣୀ ଡୁଡୁମା ଭୈରବ ମନ୍ଦିର ନିକଟରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଜଣେ ବୃଦ୍ଧଙ୍କୁ ଏକ ବାଇକ୍ ଧକ୍କା ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ କନ୍ଦଗୁଡ଼ା ଗ୍ରାମର ରତନ ପାଙ୍ଗୀ। ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଅନିଲ କୁମାର ଗେମେଲ (୧୯) ଓ ଯଜ୍ଞ ପ୍ରକାଶ ଖିନବୁଡ଼ି (୨୧) ଗୁରୁତର ଅଛନ୍ତି। ଗ୍ରାମବାସୀ ଓ ପରିବାର ଲୋକେ ରାସ୍ତା ଉପରେ ମୃତଦେହକୁ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା, ଏସ୍‌ଡିପିଓ ସମ୍ବିତ କୁମାର ମାଝୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରିନାହିଁ। ଖବର ଛପାଯିବା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ରହିଛି। ଲୋକେ ମୃତଦେହକୁ ରାସ୍ତା ଉପରେ ରଖି ଧାରଣା ଦେଇଛନ୍ତି।

ରତନ ରାସ୍ତା କଡ଼ରେ ଛିଡ଼ା ହୋଇ ଗାଈ ଚରାଉଥିଲେ। ଏହି ସମୟରେ ଅନିଲ ଓ ଯଜ୍ଞ ଏକ ବାଇକ୍ (ଓଡି-୧୦ଏସ୍ ୩୪୬୪)ରେ ଦ୍ରୁତ ଗତିରେ ଆସି ରତନଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାଇକ୍ ଆରୋହୀ ଅନିଲ ଓ ଯଜ୍ଞ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସେମାନଙ୍କୁ ନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନିଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।



ମୃତକଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଛନ୍ତି।

# ଗାଁରେ ସଚେତନ କରୁଛନ୍ତି ଡାକ୍ତରୀ ଟିମ୍

**ଜିରାରେ ଡେଙ୍ଗୁ ନିୟନ୍ତ୍ରଣାଧୀନ**

ପଦ୍ମପୁର, ୩୦।୫ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଗୁଡିଆବନ୍ଧ ପଞ୍ଚାୟତର ଜିରା ଗ୍ରାମରେ ଡେଙ୍ଗୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହୋଇଥିବା ଏବଂ ଗୁରୁବାର କୌଣସି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ନ ଥିବା ନିୟନ୍ତ୍ରଣାଧୀନ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ପଦ୍ମପୁର ମେଡିକାଲର ଡାକ୍ତରୀ ଟିମ୍ ପ୍ରଚଣ୍ଡ ଗ୍ରୀଷ୍ମ ସତ୍ତ୍ୱେ ଗାଁରେ ପହଞ୍ଚି ଘର ଘର ବୁଲି ଲୋକଙ୍କୁ ସଚେତନତା କରାଉଥିବା ଦେଖିବାକୁ ମିଳିଛି। ଡେଙ୍ଗୁ ରୋଗ ବ୍ୟାପିବାର କାରଣ କ'ଣ ସେମାନେ ପଚାରିବାରୁ ଗ୍ରାମବାସୀ ସହଯୋଗ କରି ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପଦ୍ମପୁର ମେଡିକାଲରେ ଚିକିତ୍ସାଧୀନ ଅନ୍ୟ ଜଣେ ଡେଙ୍ଗୁ ରୋଗୀଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଡେଙ୍ଗୁରେ ଆକ୍ରାନ୍ତ ଯୁବତୀ ଜଣକ ହେଲେ ଜିରା ଗ୍ରାମର ଅଞ୍ଜନା ମହାନନ୍ଦିଆ। ସେ ଗତ ୨ ଦିନ ଧରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିଲେ ମଧ୍ୟ ରକ୍ତରେ ପ୍ଲେଟ୍‌ଲେଟ୍ କମିଯାଉଥିବା ଯୋଗୁ ଗୁରୁବାର ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ରୋଗୀ ଅଞ୍ଜନାଙ୍କ ବାପା ଭାସ୍କର ମହାନନ୍ଦିଆଙ୍କ କହିବା ଅନୁଯାୟୀ, ଗ୍ରାମରେ ହଠାତ୍ ଡେଙ୍ଗୁ ବ୍ୟାପିବା ପ୍ରକୃତ କାରଣ ଜଣାପଡୁ ନ ଥିଲେ ମଧ୍ୟ ଆବର୍ଜନା ପରିବେଶ ଓ ଦୂଷିତ ପାନୀୟ ଜଳ ଯୋଗୁ ଏଭଳି ପରିସ୍ଥିତି ହୋଇଥାଏ ପାରେ ବୋଲି କହିଛନ୍ତି। ତେବେ ଗୁରୁବାର ମେଡିକାଲର ଏକ ଟିମ୍ ଗ୍ରାମର ଚତୁଃପାର୍ଶ୍ୱ ଓ ଘରବାଡ଼ିରେ ବ୍ଲିଚିଂ ପାଉଡର ପକାଇବା ସହ ଲୋକଙ୍କୁ ସଚେତନ ରହିବା, ମଶାରି ଟାଣି ଶୋଇବା ଓ ବାସିଖାଦ୍ୟ ନ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ମ୍ୟାଲେରିଆ ନିରାକରଣ ଅଫିସର ଜୟଦେବ ନିମାଲପୁରୀଙ୍କୁ ପଚାରି ବୁଝିବାରୁ ସମସ୍ୟାକୁ ଆମେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଲୋକଙ୍କ ସହଯୋଗ ପାଇଁ ଘରଘରକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ବେଳେ ଲୋକେ ଆଦୌ ସହଯୋଗ କରୁ ନ ଥିବା କହିଛନ୍ତି।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୩୧/୨୦୨୪ Bhubaneswar, Friday, May 31/ 2024


# ଭାରତ-ପାକିସ୍ତାନ ମ୍ୟାଚ ପାଇଁ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା

**ନ୍ୟୁୟର୍କ, ୩୦।୫(ପି.ଟି.)**

ଆତଙ୍କବାଦୀ ଆକ୍ରମଣ ଧମକ ଯୋଗୁ ସ୍ଥାନୀୟ ନାସାଉ କାଉଣ୍ଟିଠାରେ ଜୁନ ୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ଥାନୀୟ ଗଭର୍ନର କ୍ୟାଥି ହେଚୁଲ ଏ ବିଷୟରେ ସୂଚନା ଦେଇଛନ୍ତି। ନାସାଉ କାଉଣ୍ଟିସ୍ଥିତ ଇଜେନହାୱର ପାର୍କ ଷ୍ଟାଡିୟମରେ ଟୁର୍ନାମେଣ୍ଟର ୮ଟି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତନ୍ମଧ୍ୟରେ ଭାରତର ତିନୋଟି ମ୍ୟାଚ ସାମିଲ। ଭାରତୀୟ ଦଳ ଜୁନ୍ ୧ରେ ବାଂଲାଦେଶ ବିପକ୍ଷରେ ଏକ ୱାର୍ମ ଅପ୍ ମ୍ୟାଚ ମଧ୍ୟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଦର୍ଶକଙ୍କ ନିରାପତ୍ତା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ଲାଗି ନ୍ୟୁୟର୍କ ଷ୍ଟେଟ୍ ଗଭର୍ନର କ୍ୟାଥି ହୋଚୁଲ ସ୍ଥାନୀୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱକପ୍ ପାଇଁ ପ୍ରସ୍ତୁତି କ୍ଷେତ୍ରରେ ତାଙ୍କ ଟିମ୍ ଫେଡେରାଲ ଏବଂ ସ୍ଥାନୀୟ ଆଇନ ଶୃଙ୍ଖଳା ବିଭାଗ ସହ ମିଳିତ ଭାବେ କାର୍ଯ୍ୟ କରୁଛି। ଇଭେଣ୍ଟ ନିକଟତର ହେଉଥିବାବେଳେ ସେହି

**ଟି୨୦ କ୍ରିକେଟ ବିଶ୍ୱକପ୍**

ଅନୁସାରେ ସୁରକ୍ଷା ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଉଛି। ନାସାଉ କାଉଣ୍ଟି ନୋଲି କମିଶନର ପ୍ୟାଟ୍ରିକ୍ ରାଇଡର କହିଛନ୍ତି ଇଭେଣ୍ଟ ବେଳେ ଆକ୍ରମଣ ହେବ ବୋଲି ଆତଙ୍କବାଦୀ ଗୋଷ୍ଠୀ ଆଇଏସ୍ଆଇଏସ୍-କେ



ତରଫରୁ ଏପ୍ରିଲରେ ଧମକ ମିଳିଛି। ବିଶେଷ କରି ଜୁନ୍‌ରେ ଭାରତ-ପାକିସ୍ତାନ ମ୍ୟାଚ ବେଳେ ଆକ୍ରମଣ ହୋଇପାରେ ବୋଲି ଆତଙ୍କବାଦୀ ସଂଗଠନ ତରଫରୁ ଅନ୍‌ଲାଇନ ଭାଇରାଲ ଭିଡିଓ ଜରିଆରେ ଚେତାଇ ଦିଆଯାଇଛି। ରାଇଡର ନିର୍ଭର ପ୍ରତିଶ୍ରୁତି ଦେଇ କହିଛନ୍ତି, ଜୁନ୍ ୯ରେ ଷ୍ଟାଡିୟମ ଭିତରେ ଦେଶର ଇତିହାସରେ ସର୍ବଶ୍ରେଷ୍ଠ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ। ଟି୨୦ ବିଶ୍ୱକପ୍ ଦେଖିବା ଲାଗି ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିବ ବୋଲି ନାସାଉ କାଉଣ୍ଟି ଏକ୍‌ଜିକ୍ୟୁଟିଭ ବ୍ରୁସ୍ ବ୍ଲେକମ୍ୟାନ କହିଛନ୍ତି। ସମଗ୍ର ବିଶ୍ୱରୁ କ୍ରିକେଟ ଦଳମାନ ଆସି ପହଞ୍ଚିବେ। ତେଣୁ ବିଭିନ୍ନ ଦେଶର କ୍ରୀଡ଼ାପ୍ରେମୀଙ୍କ ସମାଗମ ହେବା ସ୍ୱାଭାବିକ। ଇଭେଣ୍ଟ ଲାଗି ସୁରକ୍ଷା ଓ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ ନେଇ ୬ ମାସ ହେଲା ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ସୁରକ୍ଷା ବ୍ୟବସ୍ଥାକୁ କିପରି କଡ଼ାକଡ଼ି କରାଯାଇ ପାରିବ ସେ ନେଇ ନାସାଉ କାଉଣ୍ଟି କର୍ତ୍ତୃପକ୍ଷ ଏଫ୍‌ବିଆଇ ସମେତ ଫେଡେରାଲ ପାର୍ଟନର ଓ ହୋମ୍‌ଲାଣ୍ଡ ସିକ୍ୟୁରିଟି ଡିପାର୍ଟମେଣ୍ଟ ସମେତ ଅନ୍ୟ ସୁରକ୍ଷା ଏଜେନ୍ସି ସହିତ ଯୋଗାଯୋଗରେ ରହିଛି।

# ଲୋକଙ୍କୁ ସାମ୍ନା କରିବାକୁ ଡରୁଥିଲି: ପନ୍ତ

**ନୂଆଦିଲ୍ଲୀ,୩୦।୫(ପି.ଟି)**

ଭାରତୀୟ କ୍ରିକେଟ ଦଳର ଷ୍ଟାଇଲିସ୍ ଉଇକେଟକିପର ବ୍ୟାଟର ରିଷଭ ପନ୍ତ ଦୁର୍ଘଟଣା ପରର ଅଭିଜ୍ଞତା ବଖାଣିଛନ୍ତି। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବେଳେ କିଭଳି ଲୋକମାନଙ୍କ ସାମ୍ନା କରିବାକୁ ନର୍ଭସ ଥିଲେ ତାହା କହିଛନ୍ତି। ଭାରତୀୟ କ୍ରିକେଟ ଦଳର ଓପନର ଶିଖର ଧାୱନଙ୍କ ଶୋ 'ଧାୱନ କରେଙ୍ଗ'ରେ ଏଭଳି କହିଥିଲେ ପନ୍ତ। ୨୦୨୨ ଡିସେମ୍ବର ମାସରେ ପନ୍ତ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତେବେ ମୃତ୍ୟୁକୁ ଚକ୍‌ମା ଦେଇ ପନ୍ତ ପୁନର୍ବାର କମ୍‌ବ୍ୟାକ କରିଥିଲେ। ଦିଲ୍ଲୀ-ଡେରାଡୁନ୍ ରାଜପଥରେ ଏହି ଦୁର୍ଘଟଣାରେ ପନ୍ତଙ୍କ କାର ଜଳି ଯାଇଥିଲା। ଶରୀରରେ ଏକାଧିକ ସ୍ଥାନରେ ଗୁରୁତର ଆଘାତ ଲାଗିଥିବା ବେଳେ ସେ ହଲିବାକୁ ମଧ୍ୟ ସମର୍ଥ ନ ଥିଲେ। ଭଗବାନଙ୍କ ଦୟାରୁ ବଞ୍ଚି ଯାଇଥିବା ବେଳେ ଏହା ଜୀବନ ବଦଳାଇଦେବା ମୁହୂର୍ତ୍ତ ଥିଲା ବୋଲି ପନ୍ତ କହିଥିଲେ। ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ବିମାନବନ୍ଦରରେ ଲୋକମାନଙ୍କୁ ସାମ୍ନା କରିବାକୁ ସେ ମାନସିକ ଭାବରେ ପ୍ରସ୍ତୁତ ନ ଥିଲେ ବୋଲି କହିଥିଲେ ପନ୍ତ। ଏହି ସମୟରେ ଦୁଇ ମାସ ଯାଏ ଦାନ୍ତ ଘଷି ନ ଥିବା ବେଳେ ପ୍ରାୟ ୭ ମାସ ଧରି ଶରୀରରେ ଯନ୍ତ୍ରଣା ରହିଥିଲା। ତେବେ ଦୀର୍ଘ ୧୪ ମାସର ରିହାବ ପରେ ଆଇପିଏଲ୍ ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଇଥିବା ପନ୍ତଙ୍କୁ ଭାରତୀୟ ବିଶ୍ୱକପ ଦଳରେ ମଧ୍ୟ ସ୍ଥାନ ମିଳିଥିଲା। ପ୍ରଥମ ବ୍ୟାଚ୍‌ର ଭାରତୀୟ ଦଳ ସହ ପନ୍ତ ଯାତ୍ରା କରିଥିବା ବେଳେ ବର୍ତ୍ତମାନ ନ୍ୟୁୟର୍କରେ ଅଛନ୍ତି।

# ରୋହିତ, କୋହଲିଙ୍କ ପାଇଁ ଶେଷ ସୁଯୋଗ



ରୋହିତ ଶର୍ମା ଓ ବିରାଟ କୋହଲି।

**ବେଙ୍ଗାଲୁରୁ,୩୦।୫(ପି.ଟି)**

ଭାରତର ଦୁଇ ଷ୍ଟଲୱାର୍ଟ କ୍ରିକେଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପାଇଁ ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ ଅନ୍ତିମ ସୁଯୋଗ ହେବ। ଉଭୟ ଖେଳାଳିଙ୍କ କ୍ୟାରିୟର ଗ୍ରାଫ୍ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ରୋହିତ ଶର୍ମା ୨୦୦୭ରେ ଭାରତ ପାଇଁ ପଦାର୍ପଣ କରିଥିଲେ ଓ ଏହାର ଏକ ବର୍ଷ ପରେ ବିରାଟ କୋହଲିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା। ଏପରିକି ଚଳିତ ମାସରେ ଉଭୟ ଖେଳାଳିଙ୍କ ଟି୨୦ କ୍ୟାରିୟର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଆଲୋଚନା ହେଉଛି। ୨୦୨୬ ଟି୨୦ ବିଶ୍ୱକପ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବରେ ଆୟୋଜନ କରିବେ। ତେବେ ସେତେବେଳକୁ ରୋହିତଙ୍କୁ ୪୦ ଓ କୋହଲିଙ୍କୁ ୩୮ ବର୍ଷ ହୋଇଥିବ। ବର୍ତ୍ତମାନ ସମୟରେ ଟି୨୦ କ୍ରିକେଟକୁ ଷ୍ଟ୍ରାଇକରେଟ୍‌ର ଗେମ୍ ବିବେଚନା କରାଯାଉଥିବା ବେଳେ ଏହା ଉଭୟ ଖେଳାଳିଙ୍କ ପାଇଁ ଶେଷ ଟି୨୦ ବିଶ୍ୱକପ ବୋଲି ଧରି ନେବାକୁ ହେବ। ଉଭୟ ଖେଳାଳି ଟ୍ରଫି ସହ ନିଜ ଟି୨୦ କ୍ୟାରିୟର ଶେଷ କରିବାକୁ ଚାହିଁବେ। ରୋହିତ ୨୦୦୭ ଟି୨୦ ବିଶ୍ୱକପ ଜିତିଥିବା ଦଳର ସଦସ୍ୟ ରହିଥିବା ବେଳେ ବିରାଟ ୨୦୧୧ ବିଶ୍ୱକପ ବିଜୟୀ ଦଳରେ ଥିଲେ। ଏହି ଦୁଇ ଖେଳାଳି ବିଗତ ୧୭ ବର୍ଷରେ ଭାରତୀୟ କ୍ରିକେଟରେ ନିଜର ସ୍ୱତନ୍ତ୍ର ଛାପ ଛାଡିଥିବା ବେଳେ ବିଶ୍ୱକପ ବିଜୟ ଉଭୟଙ୍କ ପାଇଁ ଭାରତୀୟ ଟିମ୍‌ର ଫେୟାରୱେଲ ହେବ।

ଉଭୟ ଖେଳାଳି ପରସ୍ପରକୁ ସର୍ବଦା ପ୍ରଶଂସା ଓ ସମ୍ମାନ କରିଥାନ୍ତି। କୋହଲି ଜଣେ ପରିପୂର୍ଣ୍ଣ କ୍ରିକେଟର ହୋଇଥିବା ବେଳେ ରୋହିତ ସୀମିତ ଓଭରରେ ନିଜ ଦକ୍ଷତା ପ୍ରମାଣ କରିଛନ୍ତି। ଶେଷ କିଛି ବର୍ଷରେ ରୋହିତଙ୍କୁ ଟେଷ୍ଟରେ ସଫଳତା ମିଳିଥିଲେ ମଧ୍ୟ ଏହା କୋହଲିଙ୍କ ନିକଟତର ନୁହେଁ। ରୋହିତଙ୍କ ନିକଟରେ ବଡ ଶଟ୍ ଖେଳିବାର ଦକ୍ଷତା ରହିଥିବା ବେଳେ କୋହଲି କିନ୍ତୁ ବଡ ମ୍ୟାଚ୍‌ର ଖେଳାଳି। ତେବେ ଧିମା ବୋଲର ଖାସ୍ କରି ବାମହାତୀ ଅଫ୍ ସ୍ପିନରଙ୍କ ସମ୍ମୁଖରେ କୋହଲିଙ୍କ ଷ୍ଟ୍ରାଇକ୍‌ରେଟ୍ ହ୍ରାସ ପାଇଥାଏ। ହେଲେ ଚଳିତ ଆଇପିଏଲରେ ଏଥିରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା।

# କାର୍ଲସେନଙ୍କୁ ହରାଇ ଶୀର୍ଷରେ ପ୍ରଜ୍ଞାନନ୍ଦ

**ଷ୍ଟାଭାଙ୍ଗର (ନରୱେ), ୩୦।୫ (ପି.ଟି.)**

ବିଶ୍ୱର ନମ୍ବର ୱାନ ଖେଳାଳି ମ୍ୟାଗ୍ନସ କାର୍ଲସେନଙ୍କ ବିପକ୍ଷରେ ନିଜର ପ୍ରଥମ କ୍ଲାସିକାଲ ଗେମ୍ ବିଜୟ ସହ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ନରୱେ ଚେସ୍ ଟୁର୍ନାମେଣ୍ଟରେ ଅଗ୍ରଣୀଲାଭ କରିଛନ୍ତି। ଅନେକଥର ର୍‍ୟାପିଡ୍-ଏକ୍‌ଜିବିଶନ ଗେମ୍‌ରେ କାର୍ଲସେନଙ୍କୁ ହରାଇଥିବା ୧୮ ବର୍ଷୀୟ

**ନରୱେ ଚେସ୍**

ପ୍ରଜ୍ଞାନନ୍ଦ ୩ ରାଉଣ୍ଡ ପରେ ୫.୫ ପଏଣ୍ଟ ପାଇ ଏକକ ଅଗ୍ରଣୀଲାଭ କରିଛନ୍ତି। କାର୍ଲସେନଙ୍କ ବିପକ୍ଷରେ ସେ ଧଳା ଗୋଟିରେ ଖେଳିଥିଲେ। ପରାଜିତ ହେବା ଦ୍ୱାରା ହୋମ୍ ଫେଭରାଇଟ କାର୍ଲସେନ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଖସି ଆସିଛନ୍ତି। କ୍ଲାସିକାଲ ଚେସ୍ ସ୍ଲୋ ଚେସ୍‌ଭାବେ ପରିଚିତ। ଏଥିରେ ଖେଳାଳିଙ୍କୁ ଗୋଟିଚାଳନା ପାଇଁ ପର୍ଯ୍ୟାପ୍ତ ସମୟ ମିଳିଥାଏ। ଏହି ଫର୍ମାଟରେ କାର୍ଲସେନ ଓ ପ୍ରଜ୍ଞାନନ୍ଦଙ୍କ ପୂର୍ବ ୩ ମୁକାବିଲା ଡ୍ର ରହିଥିଲା। ମହିଳା




ଆର. ପ୍ରଜ୍ଞାନନ୍ଦ ଓ ମ୍ୟାଗ୍ନସ କାର୍ଲସେନ।

ବିଭାଗରେ ପ୍ରଜ୍ଞାନନ୍ଦଙ୍କ ଭଉଣୀ ଆର୍. ବୈଶାଳୀ ଶୀର୍ଷସ୍ଥାନରେ ଅଛନ୍ତି। ସେ ମଧ୍ୟ ୫.୫ ପଏଣ୍ଟ ପାଇଛନ୍ତି। ଆନା ମୁଜଚୁକ୍‌ଙ୍କ ବିପକ୍ଷରେ ସେ ଗେମ୍ ଡ୍ର ରଖିଥିଲେ। ଅନ୍ୟ ଗେମ୍‌ଗୁଡ଼ିକ ମଧ୍ୟରେ ବିଶ୍ୱର ନମ୍ବର ୨ ଖେଳାଳି ଆମେରିକାର ଫାବିଆନୋ କରୁଆନା ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ ଲିରେନଙ୍କୁ ପରାସ୍ତ କରିଛନ୍ତି। ଫଳରେ ଲିରେନ ୬ ଖେଳାଳି ବିଶିଷ୍ଟ ପ୍ରତିଯୋଗିତାରେ ୬ଷ୍ଠ ସ୍ଥାନକୁ ଖସିଛନ୍ତି। ଆମେରିକାର ହିକାରୁ ନାକାମୁରା ଫ୍ରାନ୍ସର ଅଲିରେଜା ଫିରୋଉଜାଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ପ୍ରଜ୍ଞାନନ୍ଦ ୪ର୍ଥ ରାଉଣ୍ଡରେ ନାକାମୁରାଙ୍କ ବିପକ୍ଷରେ ଖେଳିବେ।



କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଆନ୍ତଃଜିଲା ସିନିୟର ପୁରୁଷ ରଗ୍‌ବୀ ୭ଏସ୍‌ରେ ଚାମ୍ପିୟନ କିସ୍, ରନରଅପ୍ କେନ୍ଦୁଝର ଓ ତୃତୀୟ ସ୍ଥାନ ହାସଲ କରିଥିବା ଭୁବନେଶ୍ୱର ଦଳ।

# ଶ୍ରାବଣୀ, ଦଣ୍ଡସେନାଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୩୦।୫ (ତପନ ସ୍ୱାଇଁ)**



ଶ୍ରାବଣୀ ନନ୍ଦ



ଅଶୋକ ଦଣ୍ଡସେନା

ଚେନ୍ନାଇରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି ସିରିଜ-୨ରେ ଓଡ଼ିଶାର ୨ ଆଥଲେଟ୍ ଶ୍ରାବଣୀ ନନ୍ଦ ଓ ଅଶୋକ ଦଣ୍ଡସେନା ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ୨୦୦ ମିଟର ରେସ୍‌ରେ ଶ୍ରାବଣୀ ୨୪.୪୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। କର୍ଣ୍ଣାଟକର ଧନେଶ୍ୱରୀ ଏ.ଟି. ୨୫.୦୬ ସେକେଣ୍ଡ ସହ ରୌପ୍ୟ ଓ ତାମିଲନାଡୁର ଦିବ୍ୟା ଜେ. ୨୫.୨୬ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ପୁରୁଷ ୧୫୦୦ ମିଟର ରେସ୍‌ରେ ଦଣ୍ଡସେନା ୩:୫୦.୪୪ ସେକେଣ୍ଡ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଉତ୍ତରାଖଣ୍ଡର ପ୍ରିୟାଂଶୁ ୟୁ. ୩:୫୦.୬୦ ଓ କେରଳର ଆଦର୍ଶ ଗୋପି ୩:୫୧.୯୦

**ଇଣ୍ଡିଆନ ଗ୍ରାଁ ପ୍ରି-୨**

ସେକେଣ୍ଡ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ମହିଳା୧୫୦୦ ମିଟରରେ ରେସ୍ କରିଥିବା ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଷାନଙ୍କୁ ୫ମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେ ୪:୪୨.୯୦ ସେକେଣ୍ଡ ସମୟ ନେଇଥିଲେ। ଏହି ଇଭେଣ୍ଟରେ ତାମିଲନାଡୁର ଏସ. ନୀଳମ୍ବରୀ ୪:୨୪.୧୬ ସେକେଣ୍ଡ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆଗକୁ ପ୍ୟାରିସ ଅଲିମ୍ପିକ୍ସ ଆସୁଥିବାରୁ ବିଦେଶରେ ଟ୍ରେନିଂ କିମ୍ବା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଥିବାରୁ ଦେଶର ଅଧିକାଂଶ ତାରକା ଆଥଲେଟ୍ ଇଣ୍ଡିଆନ ଗ୍ରାଁ ପ୍ରି-୨ରେ ଅଂଶଗ୍ରହଣ କରି ନ ଥିଲେ।

# ଜର୍ମାନୀକୁ ଶୁଟ୍ ଆଉଟ୍‌ରେ ହରାଇଲା ପୁରୁଷ ଦଳ

**ବ୍ରେଡା(ନେଦରଲାଣ୍ଡ୍ସ), ୩୦।୫ (ପି.ଟି.)**

ୟୁରୋପ ଟୁର୍ ଅବସରରେ ଭାରତୀୟ ଜୁନିୟର ପୁରୁଷ ଦଳ ଜର୍ମାନୀ ବିପକ୍ଷରେ ଶୁଟଆଉଟରେ ବିଜୟ ଲାଭ କରିଥିବା ବେଳେ ମହିଳା ଦଳ ଅରେଞ୍ଜ ରୁଡ୍ ଦଳ ବିପକ୍ଷ ମ୍ୟାଚ ୨-୨ରେ ଅମୀମାଂସିତ ଭାବେ ଶେଷ କରିଛି। ସ୍ଥାନୀୟ ବ୍ରିଡେସ୍ ହକି ଭେରିଙ୍ଗିଙ୍ଗ୍ ପୁଶଠାରେ ଖେଳାଯାଇଥିବା ମ୍ୟାଚରେ ପୁରୁଷ ଦଳ ନିର୍ଦ୍ଧାରିତ ସମୟ ଖେଳରେ ମ୍ୟାଚକୁ

**ଜୁନିୟର ହକି**

୧-୧ରେ ଅମୀମାଂସିତ ରଖିବା ପରେ ପେନାଲ୍ଟିରେ ୩-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଶୁଟ୍‌ଆଉଟରେ ଗୁରଜୋତ ସିଂ, ଦିଲରାଜ ସିଂ ଓ ମନପ୍ରୀତ ସିଂ ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ନିର୍ଦ୍ଧାରିତ ସମୟ ଖେଳରେ ମୁକେଶ ଟପ୍ପୋ ୩୩ ତମ ମିନିଟରେ ଏକ ପେନାଲ୍ଟି କର୍ନର ଜରିଆରେ



ମୁକେଶ ଟପ୍ପୋ

ଏକ ଗୋଲ ଦେଇଥିଲେ। ଟୁର୍‌ରେ ଜୁନିୟର ପୁରୁଷ ଦଳର ୫ଟି ମ୍ୟାଚରେ ଏହାର ଦ୍ୱିତୀୟ ବିଜୟ। ପୂର୍ବରୁ ଦଳ ମେ' ୨୦ରେ ଆଣ୍ଟ୍‌ୱେର୍ପଠାରେ ବେଲଜିୟମ ବିପକ୍ଷ ଏହାର ଓପନିଂ ମ୍ୟାଚ ୪-୨ (୨-୨) ପେନାଲ୍ଟି ଶୁଟଆଉଟରେ ଜିତିଥିଲା। କିନ୍ତୁ ଦଳ ବେଲଜିୟମ (୨-୩), ବ୍ରିଡେସ୍ ହକି ଭେରିଙ୍ଗିଙ୍ଗ ପୁଶ୍ (୪-୫) ଏବଂ ଜର୍ମାନୀ (୨-୩)ଠାରୁ ତିନୋଟି ମ୍ୟାଚରେ ପରାଜିତ ହୋଇଥିଲା। ଜୁନିୟର ମହିଳା ଦଳ ଦୁଇଟିରେ ବିଜୟ ଲାଭ କରିଥିବା ବେଳେ ଦୁଇଟିରେ ପରାଜୟ ବରଣ କରିଛି। ଦଳ ଅରେଞ୍ଜ ରୁଡ୍ ବିପକ୍ଷରେ ଏକମାତ୍ର ମ୍ୟାଚ ଡ୍ର ରଖିପାରିଛି। ଭ୍ରମଣକାରୀ ଜୁନିୟର ଭାରତୀୟ ମହିଳା ଦଳ ବ୍ରିଡେସ୍ ହକି ଭେରେଙ୍ଗିଙ୍ଗ୍ ପୁଶ୍ (୨-୦), ବେଲଜିୟମ ୪-୨ (୨-୨)ରେ ପରାସ୍ତ କରିଥିବା ବେଳେ ବେଲଜିୟମ (୨-୩) ଓ ଜର୍ମାନୀ (୦-୧)ଠାରୁ ପରାଜିତ ହୋଇଥିଲା। ଦଳ ଅରେଞ୍ଜ ରୁଡ୍ ବିପକ୍ଷ ମ୍ୟାଚ ୨-୨ରେ ଡ୍ର ରଖିଥିଲା।

# ନୀତା ଫୁଟ୍‌ବଲ ଏକାଡେମୀକୁ ଆଇଡବ୍ଲ୍ୟୁଏଲ୍ ଯୋଗ୍ୟତା

**ଭୁବନେଶ୍ୱର, ୩୦।୫ (ତପନ ସ୍ୱାଇଁ)**

ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ପରେ ରାଜ୍ୟର ତୃତୀୟ ଦଳ ଭାବେ ନୀତା ଫୁଟବଲ ଏକାଡେମୀ(ଏନ୍ଏଫ୍ଏ) ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ପାଇଁ ଯୋଗ୍ୟତା ଅର୍ଜନ କରିଛି। ୨୦୨୪-୨୫ ସିଜନରେ ଏକାଡେମୀ ଭାରତର ଏହି ଟପ୍ ଟିଅର ମହିଳା ପ୍ରଫେଶନାଲ ଫୁଟ୍‌ବଲ ଲିଗ୍‌ରେ ଖେଳିବ। ଦେଶର ଦ୍ୱିତୀୟ ଟିଅର ମହିଳା ଫୁଟବଲ ଲିଗ୍ ଆଇଡବ୍ଲ୍ୟୁଏଲ୍-୨ରେ ରନରଅପ୍ ହୋଇ ନୀତା ଏକାଡେମୀ ଏହି ସଫଳତା ପାଇଛି। ୬ ଦଳ ବିଶିଷ୍ଟ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ପରେ ଉଭୟ ନୀତା ଏକାଡେମୀ ଓ କୋଲକାତାର ଶ୍ରୀଭୂମି ଫୁଟବଲ କ୍ଲବ ୧୦ ପଏଣ୍ଟ ଲେଖାଏ ପାଇଥିଲେ। ଗୋଲ ବ୍ୟବଧାନ ମଧ୍ୟ ନିର୍ଣ୍ଣାୟକ ଭୂମିକା ନେଇପାରି ନ ଥିଲା। କାରଣ ଉଭୟ ଦଳର ଗୋଲ ବ୍ୟବଧାନ ୮ ରହିଥିଲା। ତେବେ ହେଡ୍-ଟୁ-ହେଡ୍ ଭିତ୍ତିରେ ଶ୍ରୀଭୂମି ଏଫ୍‌ସି ଚାମ୍ପିୟନ ଓ ନୀତା ଫୁଟ୍‌ବଲ ଏକାଡେମୀ ରନରଅପ୍ ହୋଇ ଆଇଡବ୍ଲ୍ୟୁଏଲ୍ ଯୋଗ୍ୟତା ପାଇଥିଲା। ଶ୍ରୀଭୂମି ଏଫ୍‌ସିଠାରୁ ୧-୩ ପରାଜୟ ସହ ଏନ୍ଏଫ୍ଏ ଏହାର ଅଭିଯାନ ଆରମ୍ଭ କରିଥିଲା। ମାତ୍ର ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ୪ ମ୍ୟାଚରୁ ୩ଟିରେ ବିଜୟୀ ହୋଇ ଟାଇଟଲ ରେସ୍‌ରେ ସାମିଲ ହୋଇଥିଲା।



ଇଣ୍ଡିଆନ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ନୀତା ଫୁଟବଲ ଏକାଡେମୀ ଦଳ।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ